# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୫/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, April 25/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


## ଲାଲ୍‌ଚାନ୍ଦ୍‌ର ନୂଆ ସୋରୁମ୍ ଖୋଲିଲା ବ୍ରହ୍ମପୁରରେ



ଓଡ଼ିଶାର ପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଅକ୍ଷୟ ତୃତୀୟାର ଶୁଭ ଅବସର ପୂର୍ବରୁ ବ୍ରହ୍ମପୁରରେ ଏକ ବିଶାଳ ସୋରୁମ୍‌ର ଉଦ୍‌ଘାଟନ କରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ଲାଲ୍‌ଚାନ୍ଦ୍‌ର ବ୍ରାଣ୍ଡ ଆମ୍ବାସଡର ଭୂମିକା ଦାସ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଛନ୍ତି ।

ଧର୍ମନଗର, ମୌଜା- ଅଳକାପୁରର ସିଦ୍ଧି ବିନାୟକ ଟାୱାରରେ ଅବସ୍ଥିତ ଏହି ବିଳାସପୂର୍ଣ୍ଣ ସୋରୁମ୍ ସିଲ୍କ ସହର ବ୍ରହ୍ମପୁରର ଅଳଙ୍କାର ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଆଣିବ ବୋଲି ଆଶା । କାରଣ ବିଗତ ବହୁ ଦଶନ୍ଧି ଧରି ଭୁବନେଶ୍ୱର ଓ କଟକ ସ୍ଥିତ ଲାଲ୍‌ଚାନ୍ଦ୍ ଷ୍ଟୋର୍‌ସବୁ ଯେପରି ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରୁଛି, ଏଠାରେ ମଧ୍ୟ ଗ୍ରାହକମାନେ ସେଭଳି ଅନୁଭୂତି ପାଇପାରିବେ । ଏଠାରେ ଗୋଟିଏ ଛାତ ତଳେ ଗ୍ରାହକମାନେ ସ୍ୱର୍ଣ୍ଣ ଅଳଙ୍କାର, ହୀରା ଅଳଙ୍କାର, ପ୍ଲାଟିନମ୍ ଅଳଙ୍କାର, ରୌପ୍ୟ ଅଳଙ୍କାର, ରୂପା ତାରକସୀ କାରିଗରୀ, ରୂପା ବାସନ, ଲକ୍‌ଜରୀ ଆଇଟମ୍ ଯେପରିକି, ବ୍ରାଣ୍ଡେଡ୍ ହାତଘଣ୍ଟା, ପେନ୍, ଅନ୍ୟାନ୍ୟ ଉପହାର ସାମଗ୍ରୀ ଇତ୍ୟାଦି ପାଇପାରିବେ । ଶତାଧିକ ଲୋକଙ୍କ ପାଇଁ ଏହି ଷ୍ଟୋର୍ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ । ଷ୍ଟୋର୍‌ର ଉଦ୍‌ଘାଟନ ଅବସରରେ ଲାଲ୍‌ଚାନ୍ଦ୍ ପରିବାର ତରଫରୁ କୁହାଯାଇଛି ଯେ, "ଗତ ୩୦ ବର୍ଷ ଧରି ଆମେ ଜାଣିଛୁ ଯେ, ବ୍ରହ୍ମପୁରର ଲୋକମାନେ ଆମପାଇଁ କେତେ ଗୁରୁତ୍ୱପୂର୍ଣ୍ଣ । ଆପଣମାନଙ୍କ ପାଖରେ ପହଞ୍ଚିପାରିଥିବାରୁ ଆମେ ଖୁବ୍ ଆନନ୍ଦ ଅନୁଭବ କରୁଛୁ ।"

ବ୍ରହ୍ମପୁର ଅଞ୍ଚଳର ଗ୍ରାହକବନ୍ଧୁମାନେ ଲାଲ୍‌ଚାନ୍ଦର ନୂଆ ସୋରୁମ୍ ପାଇଁ ଅନେକଦିନୁ ଇଚ୍ଛା ପ୍ରକାଶ କରିଆସୁଥିଲେ ।



ଏହି ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ବ୍ରହ୍ମପୁର ଷ୍ଟୋର୍‌ରେ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ଓ ଉପହାର ଯୋଜନା ମଧ୍ୟ ଆଣିଛନ୍ତି ।



ଉଦ୍‌ଘାଟନୀ ଉତ୍ସବ ଅବସରରେ ବରହମପୁର ସହର ଓ ଆଖପାଖ ଅଞ୍ଚଳର ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ହୋଇ ଲାଲ୍‌ଚାନ୍ଦ୍‌ର ନୂଆ ସୋରୁମ୍ ପରିଦର୍ଶନ କରିବା ସହିତ ସପିଂ କରିଥିଲେ । ନିଜ ମତାମତ ରଖି ଟି. ଶକୁନ୍ତଳା କହିଲେ, ଆମେ ଅନେକ ଦିନୁ ଆଶା କରୁଥିଲୁ ଆମ ସହରରେ ଏଭଳି ଏକ ବୃହତ ଅଳଙ୍କାର ସୋରୁମ୍ ଖୋଲୁ । ଆଜି ଲାଲ୍‌ଚାନ୍ଦ୍ ଆମ ସହରରେ ପହଞ୍ଚିଥିବାରୁ ଆମେ ଖୁବ୍ ଖୁସି । ଲାଗୁଛି ଯେମିତି ଆମର ସ୍ୱପ୍ନ ସାକାର ହୋଇଛି ।

ପ୍ରକାଶ ରଥ କହିଲେ- ଆମେ ଅଳଙ୍କାର କିଣିବା ପାଇଁ ପ୍ରାୟତଃ ଭୁବନେଶ୍ୱରସ୍ଥିତ ଲାଲ୍‌ଚାନ୍ଦ୍ ସୋରୁମ୍‌କୁ ଯାଇଥାଉ । କିନ୍ତୁ, ଏବେ ଆମକୁ ଆଉ ଏତେ ଦୂର ଯିବାକୁ ପଡ଼ିବ ନାହିଁ । ଲାଲ୍‌ଚାନ୍ଦ୍‌ର ଅଦ୍ୱିତୀୟ ଅଳଙ୍କାର ସମ୍ଭାର ଆମେ ନିଜ ସହରରେ ପାଇପାରିବୁ । ଲାଲ୍‌ଚାନ୍ଦ୍‌ରେ ଯେଭଳି ଅଳଙ୍କାର ଡିଜାଇନ୍ ମିଳିଥାଏ, ସେଭଳି ସାରା ଓଡ଼ିଶାରେ ଆଉ କେଉଁଠି ମିଳେ ନାହିଁ । ଦୀର୍ଘ ବର୍ଷ ଧରି ଆମେ ଲାଲ୍‌ଚାନ୍ଦ୍‌ରୁ ଅଳଙ୍କାର କିଣି ଆସୁଛୁ ।

ତାଙ୍କ ସହ ଆସିଥିବା ଚନ୍ଦ୍ର ଶେଖର ସାହୁ କହିଲେ ସୋରୁମ୍‌ର ସାଜସଜ୍ଜା ଖୁବ୍ ଚମତ୍କାର । ଜଣାପଡୁଛି ଯେମିତି ଆମେ କୌଣସି ମେଟ୍ରୋ ସହରରେ ସପିଂ କରିବାକୁ ଆସିଛୁ । ସୁନାର ଶୁଦ୍ଧତା ଓ ଡିଜାଇନ୍ ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଆମର ଖୁବ୍ ପସନ୍ଦ ।

ରାଜଶ୍ରୀ ପାଣିଗ୍ରାହୀ କହିଲେ, ମୁଁ ଝିଅ ବାହାଘର ପାଇଁ ହାର କିଣିବାକୁ ଆସିଥିଲି । ଅନେକ ସୋରୁମ୍ ବୁଲିବା ପରେ ଝିଅ ପାଇଁ ମନପସନ୍ଦର ଡିଜାଇନ୍ ଲାଲ୍‌ଚାନ୍ଦ୍‌ରେ ହିଁ ମିଳିଲା । ଲାଲ୍‌ଚାନ୍ଦ୍‌ର ଅଳଙ୍କାର ଡିଜାଇନ୍ ଦେଖି ଆମ ପରିବାର ଲାଲ୍‌ଚାନ୍ଦ୍‌ର ଫ୍ୟାନ୍ ହୋଇଯାଇଛୁ ।

ସେହିପରି ଲାଲ୍‌ଚାନ୍ଦ୍‌ର ଡିସ୍‌କାଉଣ୍ଟ ଅଫରକୁ ଖୁବ୍ ପ୍ରଶଂସା କରିଥିଲେ କେ. ରଘୁନାଥ । ସେ କହିଲେ, ଲାଲ୍‌ଚାନ୍ଦ୍‌ର ଗଢ଼ା ମଜୁରୀ ଅନ୍ୟ ସୋରୁମ୍ ତୁଳନାରେ କମ୍ । ତା' ଉପରେ ଲାଲ୍‌ଚାନ୍ଦ୍ ଯେଉଁ ଉଦଘାଟନୀ ରିହାତି ଅଫର ଦେଉଛନ୍ତି, ତାହା ମନକୁ ଖୁବ୍ ଛୁଇଁପାରିଛି ।

ମନୋରମା ପାତ୍ର କହିଲେ, ଆମର କଟକୀ ତାରକସୀ ରୂପା କାରିଗରୀ ଖୁବ୍ ପସନ୍ଦ । ଲାଲ୍‌ଚାନ୍ଦ୍‌ରେ କଟକୀ ତାରକସୀ କାରିଗରୀର ବିଶାଳ ସମ୍ଭାର ବେଶ୍ ମନମୁଗ୍ଧକର ।

LALCHND
Odisha's Most Trusted Jeweller





ଅନ୍ତର୍ରାଷ୍ଟ୍ରୀୟ ଟେକ୍ନୋଲୋଜିରୁ ତିଆରି ଡ୍ୟୁରାଶାଇନ୍® ରୁଫିଙ୍ଗ୍,

**ଘରକୁ ଦିଏ VIP ବାଲା ଫୀଲିଙ୍ଗ୍ !™**

ଟାଟା ବ୍ଲୁସ୍କୋପ୍ ଷ୍ଟୀଲ୍ ରୁ ତିଆରି ଡ୍ୟୁରାଶାଇନ୍® ରୁଫିଙ୍ଗ୍ ର ମର୍ଯ୍ୟାଦା ହିଁ କିଛି ଭିନ୍ନ ।
150 ବର୍ଷର ଅନ୍ତର୍ରାଷ୍ଟ୍ରୀୟ ଶୋଧନରୁ ତିଆରି ଶକ୍ତ ଷ୍ଟୀଲ୍ ର ଏହି ଛାତ, ବର୍ଷ ବର୍ଷ ଧରି ନୂଆ ପରି ଦିଶେ ।
ଆପଣଙ୍କୁ ଦିଏ ଭବ୍ୟ ଦିଶୁଥିବା ଘର, ସାଙ୍ଗରେ ଦିଏ VIP ବାଲା ଫୀଲିଙ୍ଗ୍ ।

ଛାତ ଏବଂ କାନ୍ଥ | କ୍ରିମ୍ପ୍ | COOLSHIELD 3 ପରସ୍ତର ଶକ୍ତ ସୁରକ୍ଷା | ଡ୍ୟୁରାଶାଇନ୍® ଛାତଗୁଡ଼ିକ, ଏବେ ଇନ୍‌ସୁଲେସନ୍ ସହ ଉପଲବ୍ଧ | ଲାଇନର୍ | Woodline ଏବେ ଉଡ୍ ଟେକ୍ସଚର୍ ରେ ବି ଉପଲବ୍ଧ

1800 2708333 ଟୋଲ୍ ଫ୍ରି | ଡ୍ୟୁରାଶାଇନ୍® ଆପ୍ ଡାଉନ୍‌ଲୋଡ୍ କରନ୍ତୁ App Store Google Play | ସୋସାଲ୍ ମିଡିଆ ଉପରେ ଫଲୋ କରନ୍ତୁ

*ସମସ୍ତ ଉଲ୍ଲେଖିତ ଦାବୀ ପାଇଁ ନିୟମ ଏବଂ ସର୍ତ୍ତାବଳୀ ଲାଗୁ । ଉପରୋକ୍ତ ଉତ୍ପାଦ www.tatabluescopesteel.com ରେ ଉପଲବ୍ଧ ନିର୍ଦ୍ଦେଶଗୁଡ଼ିକର ଅଧୀନ ଆଉ କୌଣସିବି ପ୍ରକାରର ଉତ୍ପାଦର ୱାରେଣ୍ଟି କିମ୍ବା ଗ୍ୟାରେଣ୍ଟି ରୂପରେ ମାନ୍ୟ ହେବ ନାହିଁ ।

04/22-ODI

ପ୍ରାଧୀକୃତ ଡିଷ୍ଟ୍ରିବ୍ୟୁଟର : ମେସର୍ସ ଭରତିଆ ଡିଷ୍ଟ୍ରିବ୍ୟୁଟର୍ସ ପ୍ରାଇଭେଟ୍ ଲିମିଟେଡ୍, କଟକ, ଓଡ଼ିଶା.
ମେସର୍ସ କୌଶଲ୍ୟା ଏଜେନ୍ସିସ୍, ବ୍ରହ୍ମପୁର, ଓଡ଼ିଶା.



DSPL-11

ଓଡ଼ିଶା ସରକାର

**ମେୟର ଓ ପୌରାଧ୍ୟକ୍ଷମାନଙ୍କ ପାଇଁ "ପୌର ଶାସନ ପ୍ରଣାଳୀ ଏବଂ ଉନ୍ନୟନ ପଦ୍ଧତି" କର୍ମଶାଳା**

୨୫ ଓ ୨୬ ଏପ୍ରିଲ ୨୦୨୨
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଶୁଭାରମ୍ଭ**
୨୫ ଏପ୍ରିଲ ୨୦୨୨

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ

OIPR-13001/13/0004/2223

# ୧୪୪ ଧାରା ସତ୍ତ୍ୱେ ବିଜେଡି-ଭାଜପା ମୁହାଁମୁହିଁ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଷେୟା ମୃତ୍ୟୁ ଘଟଣା
## ୫୦ରୁ ଊର୍ଦ୍ଧ୍ୱ ଗିରଫ

ଝାରସୁଗୁଡ଼ା ଅଫିସ,୨୪।୪



ଝାରସୁଗୁଡ଼ା ସହର ଝଣ୍ଡା ଛକରେ ୨ଗୋଷ୍ଠୀ ମୁହାଁମୁହିଁ।

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ରୋଷେୟା ଲଳିତ କୁମାର ସାହୁ(୨୨)ଙ୍କ ମୃତ୍ୟୁକୁ ନେଇ ରବିବାର ଝାରସୁଗୁଡ଼ାରେ ବିଜେଡି-ଭାଜପା ମୁହାଁମୁହିଁ ହୋଇଛନ୍ତି। ପୋଲିସ ଉଭୟ ଗୋଷ୍ଠୀର ୫୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଛି। ପୋଲିସ ପକ୍ଷରୁ ୧୪୪ ଧାରା ଜାରି ସତ୍ତ୍ୱେ ଦୁଇ ରାଜନୈତିକ ଦଳ ମୁହାଁମୁହିଁ ହୋଇଥିଲେ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ସହରରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ପରିସ୍ଥିତି ଶାନ୍ତ ରହିଥିବାବେଳେ ପୋଲିସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି।

ସୂଚନା ଅନୁସାରେ, ମନ୍ତ୍ରୀଙ୍କ ରୋଷେୟା ଲଳିତ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ଓ ଏଥିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଜିଲା ଭାଜପା ଦାବି କରିଆସୁଛି। ଏ ନେଇ ଜିଲା ଭାଜପା ତରଫରୁ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ ସହ ତାଙ୍କ ଇସ୍ତଫା ଦାବି କରାଯାଇଛି। ଏହାସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପି ଅଫିସ ଘେରାଉ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରୋଷେୟାଙ୍କ ମୃତ୍ୟୁକୁ ୧ସପ୍ତାହ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହେଉଥିବା ଭାଜପା ଅଭିଯୋଗ କରି ରବିବାର ଝାରସୁଗୁଡା ଟାଉନ ଥାନା ସମ୍ମୁଖରେ ଧାରଣା ଦେବା ପାଇଁ ପୋଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଅନ୍ୟପକ୍ଷରେ ମୃତ ରୋଷେୟାଙ୍କ ବାପା ବିରୋଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଦେଇଥିବା ଏତଲା କାର୍ଯ୍ୟକାରୀ କରିବାକୁ ଝାରସୁଗୁଡ଼ା ସଚେତନ ନାଗରିକ ମଞ୍ଚ ମଧ୍ୟ ସମାନ୍ତରାଳ ଭାବେ ଧାରଣା ଦେବା ପାଇଁ ପୋଲିସ ପ୍ରଶାସନକୁ ଜଣାଇଥିଲା। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ତରଫରୁ କାହାରିକୁ ଅନୁମତି ଦିଆ ନ ଯାଇ ରବିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଥିଲା। ଏଥିମଧ୍ୟରେ ଧର୍ମଶାଳା ଛକରୁ ଝଣ୍ଡା ଛକ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ପୋଲିସ ତରଫରୁ ଏ ନେଇ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ଜିଲା ପ୍ରଶାସନର ବାରଣ ସତ୍ତ୍ୱେ ୨ଗୋଷ୍ଠୀ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ମୁହାଁମୁହିଁ ହୋଇଥିଲେ। ଏପରି କି ପରସ୍ପର ମଧ୍ୟରେ ଲାଠି ଓ ଟମାଟୋ ମାଡ଼ ହୋଇଥିଲା। ଏଥିରେ କେତେଜଣ ଭାଜପା କର୍ମୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଭ୍ୟାନ୍‌ରେ ଉଠାଇନେଇ ଝାରସୁଗୁଡା ଟାଉନ ଥାନା ଓ ଓଏମ୍‌ପି ବାରାକ୍‌ରେ ପୃଥକ୍ ଭାବେ ରଖିଥିଲା। ଆନ୍ଦୋଳନ ସ୍ଥଳରେ ମାଜିଷ୍ଟ୍ରେଟ୍ ଭାବେ ଝାରସୁଗୁଡା ବିଡିଓ ପ୍ରସନ୍ନ ପଟେଲ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, ଆଇଆଇସି ଅମିତାଭ ପଣ୍ଡା, ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ୨ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ପକ୍ଷରୁ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଜିଲା ପ୍ରଶାସନ ଓ ପୋଲିସକୁ ଧରି ଘଟଣା ଚାପିଦେବା ପାଇଁ ପ୍ରୟାସ ଚଳାଇଥିବା କୁହାଯାଇଥିଲା। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, ଯଦି ଏଥିରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନାହିଁ ତା'ହେଲେ ସେ କାହିଁକି ତଦନ୍ତକୁ ଡରୁଛନ୍ତି। ବିରୋଧ ସତ୍ତ୍ୱେ ଜିଲା ଭାଜପା ମୃତ ରୋଷେୟାଙ୍କୁ ନ୍ୟାୟ ଦେବାପାଇଁ ଲଢେଇ ଜାରି ରଖିବ। ଏଥିରେ ଭାଜପା ନେତା ଦୀନେଶ ଜୈନ, ତ୍ରିନାଥ ଗୁଆଲ, ମହେନ୍ଦ୍ର କେଡିଆ, ଗୋପାଳ ପଟେଲ, ମମତା ସାହୁ, ଯମୁନା ସୁନାନୀ ଓ ମମତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେସିଆର୍‌ଙ୍କ ଦଳ ପାଇଁ କାମ କରିବ ଆଇପିଏସି

## ପ୍ରଶାନ୍ତ କିଶୋରଙ୍କ ଟିମ୍ ସହ ଟିଆର୍‌ଏସ୍‌ର ଚୁକ୍ତି

ଗୁଆହାଟୀ,୨୪।୪



ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର କଂଗ୍ରେସରେ ଯୋଗଦେବା ଲାଗି କଥାବାର୍ତ୍ତା ଚାଲିଥିବାବେଳେ ସେପଟେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଦଳ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସହ ତାଙ୍କ ରାଜନୈତିକ ପରାମର୍ଶଦାତା ଟିମ୍ ଆଇପିଏସି (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଚୁକ୍ତି ସ୍ୱାକ୍ଷର କରିଛି। ୨୦୨୩ ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍‌କୁ ଜିତାଇବା ଲାଗି ଆଇପିଏସି କାର୍ଯ୍ୟ କରିବ। ତେବେ ପ୍ରଶାନ୍ତ କିଶୋର ରଣନୀତି ପ୍ରସ୍ତୁତିରେ ସାମିଲ ହୋଇ ନ ପାରନ୍ତି। ସେ ନିର୍ବାଚନୀ ରଣନୀତିକାର ଭାବେ ଆଉ କାର୍ଯ୍ୟ କରିବେ ନାହିଁ ବୋଲି କିଛିଦିନ ପୂର୍ବରୁ ଘୋଷଣା କରିଥିଲେ।

ଦେଶର ସର୍ବପୁରାତନ ଦଳ କଂଗ୍ରେସକୁ ସୁଦୃଢ଼ କରାଇବା ଲାଗି ପ୍ରଶାନ୍ତ କିଶୋର କାର୍ଯ୍ୟଯୋଜନା ପ୍ରଦାନ କରିଛନ୍ତି। ସେ ଖୁବ୍‌ଶୀଘ୍ର ଦଳରେ ସାମିଲ ହେବା ନେଇ ସୂଚନା ମିଳିଛି। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଏନେଇ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା ଚଳାଇଛନ୍ତି। ମେ' ୨ ସୁଦ୍ଧା ନିଷ୍ପତ୍ତି ଜଣାଇବା ଲାଗି ପ୍ରଶାନ୍ତ କିଶୋର କଂଗ୍ରେସକୁ ସମୟ ଦେଇଥିବା ଜଣାପଡ଼ିଛି। ବିଭିନ୍ନ ରାଜ୍ୟରେ କଂଗ୍ରେସ ସହ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦଳଗୁଡ଼ିକୁ ପ୍ରଶାନ୍ତ କିଶୋର ରାଜନୈତିକ ପରାମର୍ଶ ଦେଉଥିଲେ। ସେଥିପାଇଁ କଂଗ୍ରେସରେ ତାଙ୍କର ଯୋଗଦାନକୁ କେତେଜଣ ବରିଷ୍ଠ ନେତା ବିରୋଧ କରୁଥିବା ଜଣାପଡ଼ିଛି।

# ସରକାରୀ କାର୍ଯ୍ୟକ୍ରମରେ ଭାଜପା ଏମ୍‌ପିଙ୍କୁ ଉପେକ୍ଷା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଜଳେଶ୍ୱର,୨୪।୪(ଡି.ଏନ.ଏ.)

ବାଲେଶ୍ୱର ଭାଜପା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଉଥିବା ଜଳେଶ୍ୱର ଭାଜପା କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ନିକଟରେ ଜିଲାସ୍ତରୀୟ ଦୁଇ ଦିନିଆ ବିଜ୍ଞାନ-ଗଣିତ-ପରିବେଶ ପ୍ରଦର୍ଶନୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଅତିଥିଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ଏମ୍‌ପିଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରବିବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ଅରୁଣ ବେଜ, ଜିଲା ଭାଜପା ଉପ-ସଭାନେତ୍ରୀ ସାବିତ୍ରୀ ଜେନା, ଏମ୍‌ପିଙ୍କ ନଗର ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ବ୍ଲକ ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ଦାସ, ଆଦିତ୍ୟ ନାରାୟଣ ପାତ୍ର, ରବିନ୍ଦ୍ର କୁମାର ପାତ୍ର, ଜଗନ୍ନାଥ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଆହାଟୀ ପୌର ନିର୍ବାଚନରେ ଭାଜପାର ବିପୁଳ ବିଜୟ

ଗୁଆହାଟୀ,୨୪।୪

ଆସାମର ଗୁଆହାଟୀ ପୌର ନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିଛି। ୬୦ ୱାର୍ଡ ବିଶିଷ୍ଟ ଏହି ପୌର ନିଗମର ୫୮ ୱାର୍ଡରେ ଭାଜପା ଓ ଏହାର ସହଯୋଗୀ ଦଳର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ପୂର୍ବରୁ ୩ ଆସନରେ ଭାଜପା ନିର୍ଦ୍ୱନ୍ଦ୍ୱରେ ବିଜୟୀ ଘୋଷିତ ହୋଇଥିବାବେଳେ ଅବଶିଷ୍ଟ ୫୭ ଆସନ ଲାଗି ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଏହି ନିର୍ବାଚନରେ ଖାତା ଖୋଲିପାରି ନ ଥିବାବେଳେ ଆମ୍ ଆଦ୍‌ମୀ ପାର୍ଟିର ମସୁମା ବେଗମ୍ ୪୨ ନମ୍ବର ୱାର୍ଡରୁ ବିଜୟୀ ହୋଇଛନ୍ତି। ଆଞ୍ଚଳିକ ଦଳ ଆସାମ ଜାତିୟା ପରିଷଦକୁ ଗୋଟିଏ ୱାର୍ଡ ମିଳିଛି। ଐତିହାସିକ ବିଜୟ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଆହାଟୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟଠାରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରବିବାର ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି।

# ପୁଣି ମିଶନ ୧୨୦ କଥା ଉଠାଇଲା ଭାଜପା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

■ ଆଜି ବାକି ୧୦ ଜିଲାର ପର୍ଯ୍ୟବେକ୍ଷକଙ୍କ ସହ ହେବ ଆଲୋଚନା

■ ସାଙ୍ଗଠନିକ ରିପୋର୍ଟ ମିଳିବା ପରେ ବିଜେଡିରେ ହୋଇପାରେ ଅଦଳବଦଳ

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ଓଡ଼ିଶାରେ ମିଶନ୍ ୧୨୦ ପ୍ଲସ୍‌ର ସ୍ୱପ୍ନ ଦେଖିଥିଲା। ସେତେବେଳେ ଦଳର ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହାଙ୍କଠାରୁ ଆରମ୍ଭ କରି କେନ୍ଦ୍ରୀୟ ଶୀର୍ଷ ନେତୃତ୍ୱ ଓଡ଼ିଶା ଆସି ମିଶନ୍ ୧୨୦ ଲକ୍ଷ୍ୟ ପୂରଣ ପାଇଁ ଜୋରଦାର୍ ଉଦ୍ୟମ କରିଥିଲେ। ହେଲେ ଭାଜପାର ସେହି ମିଶନ୍ ଫେଲ୍ ହେଲା। ଏବେ ୨୦୨୪ ପାଇଁ ଭାଜପା ମିଶନ୍ ୧୨୦ ସ୍ୱପ୍ନ ଦେଖିବା ଆରମ୍ଭ କରିଛି। ଅନ୍ୟପଟେ ବିଜେଡି ପଞ୍ଚାୟତ ଓ ପୌର ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିଲେ ସୁଦ୍ଧା ଏବେଠାରୁ ଆସନ୍ତା ସାଧାରଣ ନିର୍ବାଚନ ଲାଗି ସଜବାଜ ଆରମ୍ଭ କରିଥିବା ଆଲୋଚନା ଜୋର୍ ଧରିଛି। ତେବେ ଦଳର ସାଙ୍ଗଠନିକ ସ୍ତରରେ ମଧ୍ୟ ପରିବର୍ତ୍ତନ କରାଯାଇପାରେ ବୋଲି ବିଭିନ୍ନ ମହଲରୁ ଶୁଣିବାକୁ ମିଳୁଛି।

ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮୮ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ନହରକଣ୍ଟାସ୍ଥିତ କଲ୍ୟାଣ ମଣ୍ଡପଠାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତରରେ ମହାନ୍ତି ୨୦୨୪ ନିର୍ବାଚନରେ ଦଳର ମିଶନ ୧୨୦ ସଫଳ ହେବ ବୋଲି ଯୁକ୍ତି ରଖିଛନ୍ତି। ସମୀର ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଭାଜପା ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସମୀକ୍ଷା ବୈଠକ କରୁଛୁ, କାର୍ଯ୍ୟକର୍ତ୍ତାଙ୍କ ପାଖକୁ ଯାଉଛୁ, ସେମାନଙ୍କ କଥା ଶୁଣୁଛୁ। କେଉଁଠି କ'ଣ ଅଭାବ ରହିଛି, କେଉଁଠି ଆଗକୁ କ'ଣ କରାଯିବାର ଆବଶ୍ୟକତା ରହିଛି ସେନେଇ ରିପୋର୍ଟ ଦଳ ପାଖକୁ ଆସି ପହଞ୍ଚୁଛି। ଆଗକୁ ଦଳର ରାଷ୍ଟ୍ରୀୟ ଅଧକ୍ଷ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ମିଶନ୍ ୧୨୦ ଲକ୍ଷ୍ୟ ରହିଛି। ଏହାକୁ ହାସଲ କରିବା ପାଇଁ ଆମେ ବିଭିନ୍ନ ଯୋଜନା କରୁଛୁ। ଓଡ଼ିଶାର ଜନସାଧାରଣ ଆମକୁ ବିରୋଧୀ ଦଳର ଦାୟିତ୍ୱ ଦେଇଛନ୍ତି। ଆଗାମୀ ଦିନରେ ସରକାରଙ୍କ କପି-ପେଷ୍ଟ ନୀତିକୁ ଲୋକଙ୍କ ପାଖରେ ଉଜାଗର କରିବା ପାଇଁ ରଣନୀତି ପ୍ରସ୍ତୁତ କରିବୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଦୀର୍ଘ ୨୨ ବର୍ଷ ଧରି ଓଡ଼ିଶାରେ କ୍ଷମତାସୀନ ବିଜେଡି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ବିପୁଳ ସଫଳତା ସତ୍ତ୍ୱେ ଦଳର ସଙ୍ଗଠନକୁ ଆହୁରି ସଶକ୍ତ କରିବା ପାଇଁ ଶାସକ ଦଳର ପ୍ରୟାସ ଆରମ୍ଭ ହୋଇଛି। ବିଜେଡି ପୌର ଏବଂ ପଞ୍ଚାୟତ ନିର୍ବାଚନ ଫଳାଫଳ ପରେ ଦଳର କେଉଁଠି କିଭଳି ସ୍ଥିତି ରହିଛି ତା'ର ତର୍ଜମା କରିବା ଆରମ୍ଭ କରିଛି। ଶନିବାର ପ୍ରଥମ ପର୍ଯ୍ୟାୟରେ ବିଳମ୍ବିତ ରାତି ଯାଏ ୨୦ ଜିଲାର ୧୬ ପର୍ଯ୍ୟବେକ୍ଷକଙ୍କୁ ନବୀନ ନିବାସ ଡକାଯାଇ ଆଲୋଚନା କରାଯାଇଛି। ଦ୍ୱିତୀୟ ଦିନରେ କୌଣସି ଆଲୋଚନା ହୋଇ ନ ଥିବାବେଳେ ସୋମବାର ବାକି ୧୦ ଜିଲାର ପର୍ଯ୍ୟବେକ୍ଷକଙ୍କୁ ଡାକି ଆଲୋଚନା ହେବ ବୋଲି ଜଣାପଡ଼ିଛି। ଭାଜପାର ସମସ୍ତ ବିଧାୟକ ଦିଲ୍ଲୀ ଯାଇ ଫେରିବା ସହ ରାଜ୍ୟକୁ ୨୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ଯିବାପରେ ବିଜେଡି ମଧ୍ୟ ନିଜ ସାଙ୍ଗଠନିକ ପ୍ରକ୍ରିୟା ନେଇ କାମ ବଢାଇଥିବା ଆଲୋଚନା ହୋଇଛି। ଜିଲାସ୍ତରରେ ଥିବା ବାସ୍ତବ ସମସ୍ୟା ଏବଂ ଫଳାଫଳ ସମ୍ପର୍କିତ ବାସ୍ତବ ରିପୋର୍ଟ ଆସନ୍ତା ୧୦ ଦିନରେ ଦାଖଲ ଲାଗି କୁହାଯାଇଥିବା ଜଣାପଡିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୫/୨୦୨୨ | Bhubaneswar, Monday, April 25/2022 | ପୃଷ୍ଠା-୧




**ବଲିଉଡ୍‌ରେ ଏଣ୍ଟ୍ରି କରିବେ ଅଭିକା**
'ବାଳିକା ବଧୂ'ର ଆନନ୍ଦୀ ଚରିତ୍ର କରିଥିବା ଅଭିକା ଗୋର୍ '୧୯୨୦ ହରର୍ସ ଅଫ୍ ଦି ହାର୍ଟ' ମାଧମରେ ବଲିଉଡ୍‌ରେ ଏଣ୍ଟ୍ରି କରିବେ। ୦୯

୧୨ **ଲୋକେଶ ରାହୁଲଙ୍କ ଅପରାଜିତ ଶତକ**
ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଅପରାଜିତ ଶତକ ହାସଲ କରିଛନ୍ତି।



# ସ୍ତ୍ରୀ, ଶାଳୀଙ୍କୁ ହତ୍ୟା

***ପାରିବାରିକ କଳହକୁ ନେଇ ଆଉ ଏକ ବୀଭତ୍ସ କାଣ୍ଡ ଘଟିଛି ରାଜଧାନୀ ଭୁବନେଶ୍ୱରରେ। ନିକଟରେ କଟକ ଜିଲା ମାହାଙ୍ଗା ବ୍ଲକ କୁସୁପୁରରେ ଜଣେ ବ୍ୟକ୍ତି ଜମି ବିବାଦରୁ ବଡ଼ଭାଇ, ଭାଉଜ, ଝିଆରୀ ଓ ଦୁଇ ପୁତୁରା ଆଦି ୫ଜଣଙ୍କୁ ହତ୍ୟା କରିବା ଘଟଣା ମନରୁ ନ ଲିଭୁଣୁ ଭୁବନେଶ୍ୱରରେ ଘଟିଛି ଡବଲ ମର୍ଡର। ଜଣେ ଏସି ମେକାନିକ ତାଙ୍କ ସ୍ତ୍ରୀ ସମେତ ଶାଳୀଙ୍କୁ ହାଣି ହତ୍ୟା କରିବା ପରେ ୩ ଦିନ ଧରି ମୃତଦେହ ଲୁଚାଇ ରଖିଥିଲେ। ରବିବାର ସକାଳେ ଅଭିଯୁକ୍ତଙ୍କୁ ଧରାଯିବା ପରେ ଏହି ଜଘନ୍ୟ ଘଟଣା ପଦାକୁ ଆସିଛି। କୌଣସି ସନ୍ତାନ ହେଉ ନ ଥିବାରୁ ନପୁଂସକ କହି ସ୍ତ୍ରୀ ଓ ଶାଳୀ ତାଙ୍କୁ ନିର୍ଯାତନା ଦେଉଥିଲେ। ତେଣୁ ସେମାନଙ୍କୁ ଅଭିଯୁକ୍ତ ମାରି ଦେଇଥିବା ତାଙ୍କ ହାତଲେଖା ଚିଠିରୁ ଜଣାପଡ଼ିଛି।***



ସରସ୍ୱତୀ ସେଠୀ ଓ ଗାୟତ୍ରୀ ସେଠୀ



ଅଭିଯୁକ୍ତ ବିଜୟକେତନ ସେଠୀ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ହାଉସିଂବୋର୍ଡ ଇଡବ୍ଲ୍ୟୁଏସ୍ ୨୩/୨ କ୍ୱାର୍ଟର୍ସରେ ଗତ ଗୁରୁବାର ଘଟିଛି ଡବଲ୍ ମର୍ଡର। ସେଠାରେ ଭଡ଼ାରେ ରହିଆସୁଥିବା କେନ୍ଦ୍ରାପଡ଼ା ଜିଲା ପାଟକୁରା ଅଞ୍ଚଳର ବିଜୟକେତନ ସେଠୀ ତାଙ୍କ ସ୍ତ୍ରୀ ଗାୟତ୍ରୀ ସେଠୀ ଏବଂ ଶାଳୀ ସରସ୍ୱତୀ ସେଠୀଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିବା ପରେ ତାହାକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଗାୟତ୍ରୀ ଓ

## ତିନି ଦିନ ଧରି ଲୁଚାଇ ରଖିଥିଲେ

- ପାରିବାରିକ କଳହର କରୁଣ ପରିଣତି
- ଚିଠିରେ ନିର୍ଯାତନାର କାହାଣୀ
- ଅଭିଯୁକ୍ତ ସ୍ୱାମୀ ଗିରଫ

ସରସ୍ୱତୀଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ହେବା ଏବଂ ସେମାନଙ୍କ ସମ୍ପର୍କରେ ବାପଘର ଲୋକଙ୍କୁ ଭଲଭାବେ ସୂଚନା ନ ଦେଇ ବିଜୟ ନାଟକୀୟ ଢଙ୍ଗରେ ଧରାପଡ଼ିଛନ୍ତି। ରବିବାର ତାଙ୍କର ସବୁ କାରନାମା ଧରା ପଡ଼ିବା ସହ ଚନ୍ଦ୍ରଶେଖରପୁର ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଏହାସହ ଉକ୍ତ ଭଡ଼ାଘରୁ ଗାୟତ୍ରୀ ଓ ସରସ୍ୱତୀଙ୍କ ମୃତଦେହକୁ ଜବତ କରିଛି। ମୃତ୍ୟୁକୁ ୩ ଦିନ ବିତିଯାଇଥିବାରୁ ଶରୀରରେ ଫୋଟକା ହୋଇ ପଚାଗନ୍ଧ ବାହାରୁଛି। ଘଟଣାସ୍ଥଳରୁ ପୋଲିସ କୌଣସି ମାରଣାସ୍ତ୍ର ଜବତ କରି ନାହିଁ। ହତ୍ୟାକାଣ୍ଡରେ ଟାଙ୍ଗିଆ ଭଳି କୌଣସି ମାରଣାସ୍ତ୍ର ବ୍ୟବହାର କରାଯାଇଥିବା ପୋଲିସ କହିଛି। ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ଓ ଫିଙ୍ଗର୍ ପ୍ରିଣ୍ଟ ସଂଗ୍ରହ କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଉକ୍ତ ଭଡ଼ା ଘରୁ ବିଜୟଙ୍କ ଏକ ହାତଲେଖା ଚିଠି ଜବତ କରିଛି। ସେଥିରେ ସ୍ତ୍ରୀ ଓ ଶାଳୀ ନିର୍ଯାତନା ଦେଉଥିବାରୁ ତାଙ୍କୁ ହତ୍ୟା କରିଥିବା ବିଜୟ ଲେଖିଛନ୍ତି। ଥାନା ହାଜତରେ ବିଜୟଙ୍କୁ ବିଭିନ୍ନ ଦିଗକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା (ନଂ. ୧୪୪/୨୦୨୨) ରୁଜୁ କରିଛି। ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଘରୋଇ ଝଗଡ଼ାରେ ବଡ଼ ଭଉଣୀଙ୍କୁ ସାନ ଭଉଣୀ ସହଯୋଗ କରୁଥିଲେ। ବିଭିନ୍ନ କାରଣକୁ ନେଇ ଉଭୟେ ବିଜୟଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଏଥିପାଇଁ ହିଁ ହତ୍ୟାକାଣ୍ଡ ଘଟିଛି। ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ଏସିପି କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଜୟ ଭୁବନେଶ୍ୱରରେ ଦୀର୍ଘଦିନରୁ ଏସି ମେକାନିକ୍ ଭାବେ କାମ କରନ୍ତି। ସେ ୨୦୧୧ରେ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ସୁଦାମ ସେଠୀଙ୍କ ବଡ଼ ଝିଅ ଗାୟତ୍ରୀଙ୍କୁ ବିବାହ କରିଥିଲେ। ଏହାପରେ ହାଉସିଂବୋର୍ଡରେ ଉଭୟେ ରହି ଆସୁଥିଲେ। ସେମାନଙ୍କର କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା। ଏନେଇ ପରସ୍ପରକୁ ଦୋଷାରୋପ କରି ଝଗଡ଼ା ଲାଗି ରହୁଥିଲା। ଏଥିରେ ଗାୟତ୍ରୀଙ୍କ ପକ୍ଷ ନେଇଆସୁଥିଲେ ତାଙ୍କ ସାନ ଭଉଣୀ ସରସ୍ୱତୀ, ଯିଏ କି ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ କାମ କରନ୍ତି। ୨ ମାସ ତଳେ ସରସ୍ୱତୀ କଟକରେ ବିବାହ କରିଥିଲେ ମଧ୍ୟ ସେ ହସ୍ପିଟାଲର ☞ପୃଷ୍ଠା-୨

# ପାଟଦେଈଙ୍କ ପରଲୋକ

- ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ହେବ ଶେଷକୃତ୍ୟ
- ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ୍, ୨୪।୪**

ବିଶିଷ୍ଟ ସାହିତ୍ୟିକା ତଥା ଗାଳ୍ପିକା ପଦ୍ମଶ୍ରୀ ବୀଣାପାଣି ମହାନ୍ତିଙ୍କ ରବିବାର ପରଲୋକ ହୋଇଯାଇଛି। ରାତି ପ୍ରାୟ ୯ଟାରେ କଟକ ବାଦାମବାଡ଼ିସ୍ଥିତ ବାସଭବନରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ।

ବୀଣାପାଣି ୧୯୩୬ ନଭେମ୍ବର ୧୧ରେ ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଘର କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳରେ। ୨୦୨୦ରେ ସାହିତ୍ୟିକ କୃତି ନିମନ୍ତେ ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନ ମିଳିଥିଲା। ଏଥିସହ ୨୦୧୯ରେ ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ ୨୦୧୦ରେ 'ଶାରଳା ପୁରସ୍କାର' ପାଇଥିଲେ। ଏହାବ୍ୟତୀତ ୧୯୬୯ରେ ଗଳ୍ପ ପୁସ୍ତକ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୭୪ରେ ଝଙ୍କାର ପୁରସ୍କାର, ୨୦୦୨ରେ ସାହିତ୍ୟ ଭାରତୀ ସମ୍ମାନ, ୧୯୮୦ରେ ଧରିତ୍ରୀ କ୍ଷୁଦ୍ରଗଳ୍ପ ସମ୍ମାନ, ୨୦୦୦ରେ ବିଷୁବ ପୁରସ୍କାର ଭଳି ଏକାଧିକ ସମ୍ମାନର ଅଧିକାରୀ ଥିଲେ। ଏଥିସହ ସେ ଲେଖିକା ସଂସଦର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି।

ଆଜୀବନ ଅବିବାହିତା ଥିବା ବୀଣାପାଣି ଗାଳ୍ପିକା ହୋଇଥିଲେ ବି ବୃତ୍ତିରେ ଜଣେ ଅର୍ଥନୀତି ଅଧ୍ୟାପିକା ଥିଲେ। ୧୯୬୦ରେ ଅର୍ଥନୀତି ଅଧ୍ୟାପିକା ଭାବେ କାର୍ଯ୍ୟ ଆରମ୍ଭ କରି ୧୯୯୨ରେ ଅବସର ଗ୍ରହଣ କରିଥିଲେ। ସେ ୧୯୫୩ରେ ମାଟ୍ରିକ ପାସ୍ କରିବା ପରେ ୧୯୫୭ରେ ଅର୍ଥନୀତିରେ ସ୍ନାତକ ଓ ୧୯୫୯ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ତାଙ୍କର ସାହିତ୍ୟିକ ଜୀବନ କବିତା ଲେଖାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଗଳ୍ପ ଓ ଉପନ୍ୟାସକୁ ଆଦରି ନେଇଥିଲେ। ୧୯୫୫ରେ ତାଙ୍କର ପ୍ରଥମ କବିତା 'ତନ୍ଦ୍ରାହତ' ପ୍ରଜାତନ୍ତ୍ର ନାରୀମହଲରେ ପ୍ରକାଶ ପାଇଥିଲା। ୧୯୫୭ରେ ତାଙ୍କର ପ୍ରଥମ ଗଳ୍ପ 'ଗୋଟିଏ ରାତ୍ରିର କାହାଣୀ' ରବିବାସରୀୟ ପ୍ରଜାତନ୍ତ୍ରରେ ପ୍ରକାଶ ପାଇଥିଲା। ସେହିପରି ୧୯୬୧ରେ ତାଙ୍କ ଗଳ୍ପ 'ନାଉଗଛ' ତାଙ୍କୁ ବହୁ ପାଠକୀୟ ସ୍ୱୀକୃତି ଆଣି ଦେଇଥିଲା। ଏହାପରେ ସେ କବିତା ଛାଡି ଗଳ୍ପ ଲେଖିବାକୁ ଆରମ୍ଭ କରିଥିଲେ। ତେବେ ତାଙ୍କର 'ନାଉଗଛ' ଗଳ୍ପ ବାଲେଶ୍ୱର କୁନ୍ତଳା କୁମାରୀ ମହାବିଦ୍ୟାଳୟରେ ଅଧ୍ୟାପନା ସମୟରେ ଲେଖାଯାଇଥିଲା। କଲେଜରେ ଆପେ ଆପେ ମାଡ଼ିଥିବା ନାଉଗଛ ଥିଲା ଏ ଗଳ୍ପ ପଛର ପ୍ରେରଣା। ସେହିପରି 'ପାଟଦେଈ' ଗଳ୍ପଟି ଭୁବନେଶ୍ୱରର ☞ପୃଷ୍ଠା-୨



ବୀଣାପାଣି ମହାନ୍ତି

# ସାରା ଓଡ଼ିଶାରେ ତାତି

## ଭୁବନେଶ୍ୱରରେ ୪୩ ଡିଗ୍ରୀ ଟପିଲା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ସାରା ଓଡ଼ିଶାରେ ଉହ ଉହ ଖରା ସାଙ୍ଗକୁ ଗରମ ପବନ ଦେହକୁ ସିଝାଇ ଦେଉଛି। ପାରଦ ଏବେ ୪୩ ଡିଗ୍ରୀ ଟପିଥିବାବେଳେ ସହରଠୁ ଗାଁ, ରାସ୍ତାରୁ କୋଠା ସବୁକିଛି ତାତି ଯାଉଛି। ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଥିବାବେଳେ ସକାଳ ୧୦ରୁ ରାସ୍ତାଘାଟ ଖାଁଖାଁ ହୋଇଯାଉଛି। ରବିବାର ୨୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୮ ସହରରେ ୪୨ ଡିଗ୍ରୀ ଟପିଥିଲା। ୪୩.୮ ଡିଗ୍ରୀ ସହ ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଥିଲା। ଅପରପକ୍ଷରେ କଂକ୍ରିଟ ସହର ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅଗ୍ନିବର୍ଷା ହୋଇଥିଲା। ଏଠାରେ ଦୁଇଦିନ ଧରି ପାରଦ ଉପରମୁହାଁ ଥିବାବେଳେ ରବିବାର ମଧ୍ୟ ସହରର ସର୍ବାଧିକ ତାପମାତ୍ରା ରେକର୍ଡ ଭାଙ୍ଗି ୪୩.୩ ଡିଗ୍ରୀ ଛୁଇଁଥିଲା। ୨୦୧୧ ପରଠାରୁ ଏପ୍ରିଲରେ ଏହା ତୃତୀୟ ସର୍ବାଧିକ ତାପମାତ୍ରା ବୋଲି ଭୁବନେଶ୍ୱର ☞ପୃଷ୍ଠା-୨



### ପ୍ରଭାବିତ ହେବ ପରୀକ୍ଷା

**ସମୟ ପରିବର୍ତ୍ତନ ଦାବି**

**ଭୁବନେଶ୍ୱର, ୪।୪(ବ୍ୟୁରୋ)**

ଏପ୍ରିଲରୁ ରାଜ୍ୟରେ ଅସହ୍ୟ ହୋଇଛି ଖରାତାତି। ସକାଳ ୯ଟା ପରେ ଘରୁ ବାହାରିବା ବି କଷ୍ଟ ହୋଇପଡୁଛି। ଏଭଳି ସ୍ଥିତିରେ ପିଲାମାନେ କିପରି ସ୍କୁଲ ଯିବା ଆସିବା କରିବେ ତାହାକୁ ନେଇ ଚିନ୍ତା ବଢ଼ିଛି। ପୁଣି ଆଗକୁ ପରୀକ୍ଷା ରହିଛି। ତାପମାତ୍ରା ବୃଦ୍ଧି ପାଠପଢ଼ା ସହ ପରୀକ୍ଷାକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତା ୨୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏହା ମେ' ୭ ପର୍ଯ୍ୟନ୍ତ ଚାଲିବ। ସେହିପରି ଯୁକ୍ତ୨ ପରୀକ୍ଷା ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ମେ' ୩୧ରେ ସରିବ। ମାଟ୍ରିକ ପରୀକ୍ଷା ସକାଳ ୮ଟାରୁ ୧୦ଟା ଓ ଯୁକ୍ତ୨ ☞ପୃଷ୍ଠା-୨

# ଦର୍ଲିପାଲିରେ ବିଦ୍ୟୁତ୍ ଉତ୍ପାଦନ ବାଧା

- ଆଜି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ଦର୍ଲିପାଲିସ୍ଥିତ ଏନ୍‌ଟିପିସିର ପାୱାର ଷ୍ଟେଶନରେ ସମସ୍ୟା ଦେଖାଦେବାରୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଫଳରେ ବିଦ୍ୟୁତ୍ ଯୋଗାଣରେ ମଧ୍ୟ ଅସୁବିଧା ହେଉଛି। ଏହି ପାୱାର ଷ୍ଟେଶନରେ ୨ଟି ୟୁନିଟ୍ ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ଷମ ଥିବାବେଳେ ୮ ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏଥିରୁ ଓଡ଼ିଶାକୁ ୪ ଶହ ମେଗାୱାଟ୍ ବିଦ୍ୟୁତ୍ ମିଳିଥାଏ। ହେଲେ ପାୱାର ଷ୍ଟେଶନରେ ହଠାତ୍ ସମସ୍ୟା ସୃଷ୍ଟି ହେବା ଯୋଗୁ ଆବଶ୍ୟକ ବିଜୁଳି ଉପଲବ୍ଧ ହେଉନାହିଁ। ତେବେ କୋଇଲା ଅଭାବରୁ ଏଭଳି ହୋଇ ନ ଥିବା କୁହାଯାଉଛି। ଶନିବାର ଟର୍ବାଇନ ଅଚଳ ହୋଇଯାଇଥିବା ନେଇ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅନ୍ଧାର କୋଣ**

# ମହଙ୍ଗା ହେବ ଖାଦ୍ୟ

## ବର୍ଷକରେ ଦୁଇଗୁଣ ବଢ଼ିଛି ମୂଲ୍ୟ

**ନୂଆଦିଲ୍ଲୀ, ୨୪।୪**

ଗତ କିଛିମାସ ହେଲା ଭାରତରେ ଖାଦ୍ୟ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଜାରି କରାଯାଇଥିବା ସାରା ଦେଶର କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଅନୁସାରେ ୨୦୨୧ ମାର୍ଚ୍ଚରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ଖାଉଟି ଖାଦ୍ୟ ମୂଲ୍ୟ ପ୍ରାୟ ୧୦୦% ବୃଦ୍ଧି ପାଇଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହା ୪.୮୭%ରୁ ୭.୬୮%କୁ ବଢ଼ିବା ଦେଶ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ସ୍ଥିତି ଲାଗି ରହିଲେ ଆଗକୁ ଖାଦ୍ୟ ସଙ୍କଟ ଦେଖାଦେଇପାରେ ବୋଲି ଅର୍ଥନୈତିଜ୍ଞମାନେ ମତ ଦେଇଛନ୍ତି। ପେଟ୍ରୋଲ, ଡିଜେଲର ଆକାଶଛୁଆଁ ଦର, ଭୂ ରାଜନୈତିକ ପ୍ରଭାବ ଓ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ କେନ୍ଦ୍ର ସରକାରଙ୍କ ବିଫଳତାକୁ ଏଥିପାଇଁ ଦାୟୀ କରାଯାଉଛି।



ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଅନୁମତି ଦେଲେ ବିଶ୍ୱକୁ ଭାରତ ଖାଦ୍ୟ ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଗତ ୧୧ ତାରିଖରେ ଆଲୋଚନା ବେଳେ କହିଥିଲେ। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ଗହମ ଓ ଧାନ ଉତ୍ପାଦନକାରୀ ରାଷ୍ଟ୍ର। ଦେଶରେ ବର୍ତ୍ତମାନ ୮୫୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ମହଜୁଦ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୨୧ ନିୟୁତ ଟନ୍ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। କୋଭିଡ୍ ମହାମାରୀ ସମୟରେ ପ୍ରାୟ ୮୦ କୋଟି ଲୋକ ଏଥିରୁ ଲାଭାନ୍ୱିତ ହୋଇଥିବା ସରକାର ଦାବି କରୁଛନ୍ତି। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ତେଲ ଦର ବୃଦ୍ଧିଜନିତ ପ୍ରଭାବ ଭାରତୀୟ ଅର୍ଥନୀତିକୁ ବହୁଳ ପ୍ରଭାବିତ କରିଛି। ତେଣୁ ଡବ୍ଲ୍ୟୁଟିଓର ଅନୁମତି ମିଳିଲେ ସୁଦ୍ଧା ବାଇଡେନ୍‌ଙ୍କୁ ମୋଦି ଦେଇଥିବା ପ୍ରତିଶ୍ରୁତି କେତେ ଦୂର ପାଳନ କରିପାରିବେ ତାହା ସନ୍ଦେହରେ। ପରିସଂଖ୍ୟାନ ଦୃଷ୍ଟିରୁ ବିଚାର କଲେ ଭାରତର ଗ୍ରାମାଞ୍ଚଳରେ ୨୦୨୧ ମାର୍ଚ୍ଚରେ ଖାଦ୍ୟ ମୂଲ୍ୟର ମୁଦ୍ରାସ୍ଫୀତି ୩.୯୪% ଥିବାବେଳେ ଗତ ଫେବୃୟାରୀରେ ଏହା ୫.୮୧ ପ୍ରତିଶତକୁ ବୃଦ୍ଧି ପାଇ ୨୦୨୨ ମାର୍ଚ୍ଚ ବେଳକୁ ୮.୦୪%ରେ ପହଞ୍ଚିଥିଲା। ଏହି ଅବଧି ମଧ୍ୟରେ ଗ୍ରାମାଞ୍ଚଳରେ ସିପିଆଇ ମଧ୍ୟ ୪.୬୧%ରୁ ୭.୬୬%କୁ ବୃଦ୍ଧି ପାଇଛି। ଦେଶର ଖୁଚୁରା ☞ପୃଷ୍ଠା-୨




**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୯୩,୬୨,୮୫୪ | ୬୨,୪୨,୬୯୦ | ୪୬,୧୮,୯୪,୦୪୯ |
| ଭାରତ | ୪,୩୦,୫୭,୫୪୫ | ୫,୨୨,୧୯୩ | ୪,୨୫,୧୯,୪୭୯ |
| ଓଡ଼ିଶା | ୧୨,୮୭,୯୮୯ | ୯୧୨୪(+୫୩) | ୧୨,୭୮,୭୩୭ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜନୈତିକ ଶତ୍ରୁତାରୁ ୨ ବିଜେଡି ନେତାଙ୍କୁ ହତ୍ୟା

**ଦିଗପହଣ୍ଡି,୨୪।୪(ଡି.ଏନ.ଏ.)** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମିଖଣ୍ଡି ପଞ୍ଚାୟତ ପାଳଝାଡି ଗାଁରେ ଶନିବାର ରାତିରେ ରାଜନୈତିକ ଶତ୍ରୁତାରୁ ୨ ବିଜେଡି ନେତାଙ୍କ ଜୀବନ ଯାଇଛି। ସେମାନେ ହେଲେ ପାଳଝାଡି ଗ୍ରାମ୍ୟ କମିଟି ସଭାପତି ସୁଦର୍ଶନ ସୁଆର ଏବଂ ତାଙ୍କ ପ୍ରମୁଖ ସହଯୋଗୀ ଗ୍ରାମ୍ୟ କମିଟି ଉପଦେଷ୍ଟା ସୁଧୀର କାନ୍ତ ପାତ୍ର। ରାଜନୈତିକ ଶତ୍ରୁତାରୁ ଉଭୟଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ୪ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପୂର୍ବ ଯୋଜନା ପ୍ରକାରେ ନୃଶଂସ ଭାବେ ହତ୍ୟା କରି ଫେରାର ହୋଇଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ଉଭୟେ ନିମଖଣ୍ଡିପେଣ୍ଠ ପଞ୍ଚାୟତ ପନାଡ଼ ଗ୍ରାମର ଏକ ବିବାହ ଭୋଜିରେ ଯୋଗ ଦେଇ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ଚଷାନିମଖଣ୍ଡି – ସଉରା ପାହାଡ଼ ଗାଁ ମଝି ରାସ୍ତା ମଙ୍ଗଳବାରିଆ ବୁଲାଣି ନିକଟ ନିକାଞ୍ଚନ ରାସ୍ତାରେ ହତ୍ୟାକାରୀମାନେ ସଂଘବଦ୍ଧ ହୋଇ ଉଭୟଙ୍କୁ ପ୍ରଥମେ ଠେଙ୍ଗା ଓ ଲୁହାଛଡ଼ରେ ଅତର୍କିତ ଆକ୍ରମଣ କରିଥିଲେ।

ବାଇକ୍‌ରୁ ଉଭୟେ ପଡ଼ିଯିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଚାରିପଟୁ ଘେରିଯାଇ ନିସ୍ତୁକ ମାଡ଼ ମାରିଥିଲେ। ପ୍ରାଣ ବିକଳରେ ଉଭୟେ ରାସ୍ତାରେ ଦୌଡ଼ିଥିଲେ ମଧ ଆକ୍ରମଣକାରୀମାନେ ସେମାନଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଉଭୟେ ଚେତାଶୂନ୍ୟ ହୋଇ ରାସ୍ତାରେ ଟଳିପଡ଼ିବା ପରେ ସେମାନଙ୍କ ମୁଣ୍ଡ ଓ ଛାତିରେ ପଥର ଖଣ୍ଡ ଛେଚିଦେବା ସହ ଦୁହେଁ ପିନ୍ଧିଥିବା ସୁନା ଚେନ୍, ମୁଦି ଏବଂ ମୋବାଇଲ ଫୋନ୍‌କୁ ନେଇ ଫେରାର ହୋଇ ଯାଇଥିଲେ। କିଛି ସମୟ ପରେ ଉକ୍ତ ରାସ୍ତା ଦେଇ ଏକ ଟ୍ରାକ୍ଟର ଆସୁଥିଲା। ଚାଳକ ୨ ଜଣଙ୍କୁ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖି ପାଳଝାଡି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଦର୍ଶନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ସୁଦର୍ଶନ ସୁଆର ସୁଧୀର କାନ୍ତ ପାତ୍ର

- ସୁନା ଅଳଙ୍କାର ଲୁଟିନେଲେ
- ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଫେରାର, ଜଣେ ଅଟକ

ପ୍ରାଥମିକ ଚିକିତ୍ସା ପରେ ସୁଧୀରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ରାସ୍ତାରେ ସୁଧୀରଙ୍କର ମୃତ୍ୟୁ ଘଟିଥିଲା। ରବିବାର ପୂର୍ବାହ୍ନରେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, କେ.ନୂଆଗାଁ ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ବ୍ରହ୍ମପୁର ସାଇବର ଥାନା ଇନ୍ସପେକ୍ଟର ଅକ୍ଷୟ ନାୟକଙ୍କ ସମେତ ଦିଗପହଣ୍ଡି ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସନ୍ଧାନୀ କୁକୁର ସହାୟତାରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ସହ ଘଟଣାସ୍ଥଳରୁ ରକ୍ତଭିଜା ମାଟି, ହତ୍ୟାରେ ବ୍ୟବହୃତ ସିମେଣ୍ଟ କଂକ୍ରିଟ ଖଣ୍ଡ, ପଥର ଖଣ୍ଡ, ୨ ହଳ ଚପଲ, ବାଇକ୍ ଏବଂ ଏକ ଭଙ୍ଗା ଚଷମା ଜବତ କରିଛି। ଅପରାହ୍ନରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଦିଗପହଣ୍ଡି ଥାନା ମାମଲା ନଂ.୧୪୫/୨୨ରେ ପ୍ରଶାନ୍ତ ଗୌଡ଼ ଓ ତାଙ୍କ ସହଯୋଗୀଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି। ସୁଦର୍ଶନ, ସୁଧୀରଙ୍କ ମୃତଦେହ ବ୍ରହ୍ମପୁର ବଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯିବା ପରେ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ପାଳଝାଡି ଗାଁରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଥିବା ମିନତି ଜାନୀଙ୍କୁ ସୁଦର୍ଶନ ଏବଂ ସୁଧୀର ସମର୍ଥନ କରିଥିଲେ। ମିନତି ତାଙ୍କ ବିପକ୍ଷ ପ୍ରାର୍ଥୀ କୁକୁନି ଗୌଡଙ୍କୁ ମାତ୍ର ୪ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏଥିରେ ବିପକ୍ଷ ଗୋଷ୍ଠୀ ହତାଶ ହୋଇ ସୁଦର୍ଶନ ଏବଂ ସୁଧୀରଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ସହ ସୁଯୋଗ ଖୋଜୁଥିଲେ। ଏପରିକି ପୂର୍ବରୁ ବିପକ୍ଷ ଗୋଷ୍ଠୀର କେତେକ ବ୍ୟକ୍ତି ଦୁଇ ଥର ସୁଦର୍ଶନଙ୍କ ଘର ସମ୍ମୁଖରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ ବୋଲି ସୁଦର୍ଶନଙ୍କ ସ୍ତ୍ରୀ ମୀନାକ୍ଷୀ ପୋଲିସକୁ କହିଛନ୍ତି। ପୋଲିସ ଏହି ମାମଲାରେ ଜଣେ ଯୁବକଙ୍କୁ ଅଟକ ରଖି ଜେରା ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବତନ ସରପଞ୍ଚ ରବି ଚନ୍ଦ୍ର ଗୌଡ ଦାବି କରିଛନ୍ତି। ସେହିପରି ଏହି ଘଟଣାର ମାଷ୍ଟରମାଇଣ୍ଡ ଥିବା ବ୍ୟକ୍ତିଙ୍କୁ ପୋଲିସ ଚିହ୍ନଟ କଲେ ଅନେକ ରହସ୍ୟ ଉନ୍ମୋଚନ ହେବ ବୋଲି ଗ୍ରାମବାସୀ କହିଛନ୍ତି। ରବିବାର ଅପରାହ୍ନ ସାଢ଼େ ୫ଟାରେ ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ପାଳଝାଡି ଗାଁ ଶ୍ମଶାନରେ ପହଞ୍ଚି ମୃତ ବିଜେଡି ନେତା ଦ୍ୱୟଙ୍କ ଶେଷ ଦର୍ଶନ କରିବା ସହ ଉଭୟଙ୍କ ବାସଭବନକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇ ଫେରିଛନ୍ତି।

## ସଂକ୍ଷେପରେ

### ଉରୁଗୁଏ ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



**କୋଣାର୍କ, ୨୪।୪(ଡି.ଏନ.ଏ.):** ଭାରତରେ ଅବସ୍ଥାପିତ ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟ ଏ ଗୁଆନି ରବିବାର ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଖବର ଅନୁଯାୟୀ, ଅପରାହ୍ନ ସମୟରେ ଉରୁଗୁଏ ରାଷ୍ଟ୍ରଦୂତ ଆଲବର୍ଟ ଏ ଗୁଆନି ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଏହି ସମୟରେ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ଅଧିକାରୀମାନେ ପହଞ୍ଚି ରାଷ୍ଟ୍ରଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରାଷ୍ଟ୍ରଦୂତ ଗୁଆନି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ଏହାର ପ୍ରାଚୀନ କଳାକୃତି, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ଗାଇଡ୍ ଗଗନ କୁମାର ବେଉରା ମନ୍ଦିରର ଐତିହ୍ୟ, ସଂସ୍କୃତି ଓ ଇତିହାସ ସମ୍ପର୍କରେ ଉରୁଗୁଏ ରାଷ୍ଟ୍ରଦୂତ ଗୁଆନିଙ୍କୁ ବିଶଦ ଭାବରେ ଅବଗତ କରାଇଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ ସମ୍ପର୍କରେ ଜାଣି ଉରୁଗୁଏ ରାଷ୍ଟ୍ରଦୂତ ବିସ୍ମୟ ପ୍ରକାଶ କରିଥିଲେ। ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ ଓ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

### ପ୍ରତାରଣା: ଟେଲି ଅଭିନେତା ଗିରଫ



**ବାଲିଅନ୍ତା/ଫୁଲନଖରା, ୨୪।୪(ଡି.ଏନ.ଏ.):** ଜଣେ ଯୁବତୀଙ୍କୁ ଭଲ ପାଇ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପରେ ପ୍ରତାରଣା କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଟେଲି ଅଭିନେତା ଏମ୍.ସୁମନ କୁମାରଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୫୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ଅନୁସାରେ, ଯାଜପୁର ଜିଲା ବ୍ୟାସନଗର ଅଞ୍ଚଳର ଏହି ଅଭିନେତା ପାହାଳ ଥାନା ଅଞ୍ଚଳରେ ଏକ ଫ୍ଲାଟ ନେଇ ରହୁଥିଲେ। ତେବେ ବିଭିନ୍ନ ସିରିଏଲରେ ଅଭିନୟ କରୁଥିବାବେଳେ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ୨୨ବର୍ଷୀୟା ଯୁବତୀଙ୍କ ସହିତ ସୁମନଙ୍କ ପ୍ରେମ ସମ୍ପର୍କ ରହିଥିଲା। ଉଭୟ ଗତ ୨ ବର୍ଷ ହେଲା ଲିଭ୍-ଇନ୍-ରିଲେଶନଶିପରେ ରହୁଥିଲେ। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ବିବାହକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ପାଟିତୁଣ୍ଡ ହୋଇଥିଲା। ଯୁବତୀଙ୍କୁ ସୁମନ ମାରଧର କରିଥିଲେ। ଏପରିକି ଗାଡ଼ି କିଣିବା ପାଇଁ ଯୁବତୀଙ୍କଠାରୁ ସୁମନ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ ମଧ ଫେରାଇ ନ ଥିଲେ। ପରେ ବିବାହ ପାଇଁ ସୁମନ ରାଜି ନ ହେବାରୁ ଯୁବତୀ ରବିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ସୁମନଙ୍କୁ ସେ ରହୁଥିବା ଫ୍ଲାଟରୁ ଗିରଫ କରିଥିଲା।

## ୭ ଦିନରେ ଧରାହେଲାଣି ୧୦୯୬ ସ୍କୁଲ ଗାଡ଼ି

**ଭୁବନେଶ୍ୱର,୨୪।୪(ବ୍ୟୁରୋ)** ସ୍କୁଲପିଲାଙ୍କୁ ନେଉଥିବା ବସ୍ ଏବଂ ଅନ୍ୟ ଗାଡିଗୁଡ଼ିକର ଫିଟ୍‌ନେସ୍ ଉପରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛି। ସେଥିଲାଗି କିଛିଦିନ ହେଲା ରାଜ୍ୟର ବିଭିନ୍ନ ଜିଲାରେ ସ୍କୁଲ ବସ୍‌ଗୁଡ଼ିକ ଉପରେ ଜୋର୍‌ଦାର ଚଢ଼ାଉ କରାଯାଉଛି। ଗତ ୭ ଦିନ ମଧ୍ୟରେ ୧୦୯୬ ସ୍କୁଲ ଗାଡ଼ି ନିୟମ ଉଲ୍ଲଂଘନ କରି ଦଣ୍ଡିତ ହୋଇଛନ୍ତି ବୋଲି ପରିବହନ ଓ ସଡ଼କ ସୁରକ୍ଷା ଯୁଗ୍ମ କମିଶନର ସଞ୍ଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସଞ୍ଜୟ କହିଛନ୍ତି, ଦଣ୍ଡିତ ହୋଇଥିବା ୧୦୯୬ ଗାଡ଼ି ମଧ୍ୟରୁ ଫିଟ୍‌ନେସ ସାର୍ଟିଫିକେଟ ବିନା ୮୨୦ଟି ଗାଡ଼ି ଚାଲୁଥିଲା। ସେହିପରି ୩୮୭ ଗାଡ଼ିର ବୈଧ ଅନୁମତି ନାହିଁ। ଏହାସହ ୩୧୧ ଡ୍ରାଇଭରଙ୍କ ବୈଧ ଡ୍ରାଇଭିଂ ଲାଇସେନ୍ସ ନାହିଁ। ସେ ଆହୁରି କହିଛନ୍ତି, ସ୍କୁଲ ପିଲାଙ୍କ ପରିବହନ ପ୍ରସଙ୍ଗକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ଛାତ୍ରୀଛାତ୍ରଙ୍କ ଅସୁବିଧା ପାଇଁ ସମ୍ପୃକ୍ତ ସ୍କୁଲ ବସ୍ ଚାଳକ ଏବଂ ସ୍କୁଲ ମ୍ୟାନେଜମେଣ୍ଟ ଦାୟୀ ହେବେ। ସେହିପରି ବିଦ୍ୟାଳୟଗୁଡ଼ିକୁ ଏସ୍‌ଟିଏ ପକ୍ଷରୁ ସ୍କୁଲ ବସ୍‌ଗୁଡ଼ିକର ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ମୋଟର ଯାନ ନିୟମ ପାଳନ କରିବା ପାଇଁ ନିବେଦନ କରାଯାଇଛି। ଗାଡ଼ି ଚଳାଇବା ପାଇଁ ଡ୍ରାଇଭରମାନଙ୍କ ବୈଧ ଲାଇସେନ୍ସ ଅଛି ନା ନାହିଁ ତାହା ଉପରେ ନଜର ରଖିବାକୁ ମଧ କୁହାଯାଇଛି।

ଏହିସବୁ ଯାଞ୍ଚ ପ୍ରକ୍ରିୟା ୨୭ରେ ଶେଷ ହେବା ପରେ ୨୮ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କୁ ନେଇ ଯାଉଥିବା ଗାଡ଼ିର ଫିଟ୍‌ନେସ, ପରମିଟ୍, ବୀମା ଆଦିର ଯାଞ୍ଚ କରାଯାଉଛି। ଧାର୍ଯ୍ୟ ନିୟମଠାରୁ ଅଧିକ ପିଲାଙ୍କୁ ନେଇ ଯାଉଥିଲେ ଜରିମାନା ହେବ। ବିଶେଷକରି ସ୍କୁଲ ପିଲାଙ୍କ ସୁରକ୍ଷିତ ଯାତାୟାତକୁ ଏସ୍‌ଟିଏ ଗୁରୁତ୍ୱ ଦେଇଛି। ରାଜ୍ୟର ଅନେକ ସ୍କୁଲରେ କାଗଜପତ୍ର ଠିକ୍ ନ ଥିବା ଗାଡ଼ି ଛୋଟ ପିଲାମାନଙ୍କୁ ବିପଦସଙ୍କୁଳ ଅବସ୍ଥାରେ ପରିବହନ କରୁଥିବା ଅଭିଯୋଗ ହୋଇଛି, ଯେଉଁଥିଲାଗି ଅନେକ ସମୟରେ ବହୁ ଗାଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହା ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍କୁଲ ଗାଡ଼ିର କାଗଜପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଉଲିବୁରୁରେ ଗୋଷ୍ଠୀ ସଂଘର୍ଷ: ୩ ଗୁରୁତର

**ବଡ଼ବିଲ, ୨୪।୪(ସ୍ୱ.ପ୍ର.)** କେନ୍ଦୁଝର ଜିଲା ବଡ଼ବିଲ ଥାନା ଉଲିବୁରୁରେ ଗତ ପଞ୍ଚାୟତ ନିର୍ବାଚନ ପରଠାରୁ ଲାଗିରହିଥିବା ଅସନ୍ତୋଷ ରବିବାର ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଗୁଳିମାଡ଼, ହଣାକଟାରେ ଉଭୟ ପକ୍ଷର ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ମାନେ ହେଲେ ଚନ୍ଦନ ମୁଣ୍ଡା, ଗଣେଶ ମୁଣ୍ଡା ଓ ଡାଙ୍ଗେ ମୁଣ୍ଡା। ରବିବାର ରାତିରେ ରାଜନୈତିକ ଶତ୍ରୁତାରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଅଞ୍ଚଳରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।


ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଆର୍ ଉଦୟଗିରି ଗ୍ରାମରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଆଦିବାସୀଙ୍କ ସୁରକ୍ଷା ନେଇ ହୋଇଥିବା ରାଲି।

## ଦନ୍ତା ମୁହଁରୁ ବଞ୍ଚାଇଲା ପିନ୍ଧା ଶାଢ଼ି


ଗୁରୁତର ପାନ ସର୍ଦ୍ଦାରଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

**ବିଶୋଇ,୨୪।୪(ଡି.ଏନ.ଏ)** କଥାରେ ଅଛି ରଖେ ହରି ମାରେ କିଏ। ଏମିତି ଏକ ଘଟଣାକ୍ରମେ ଜଣେ ବିଧବା ମହିଳା ନିଜ ପିନ୍ଧା ଶାଢ଼ି ପାଇଁ ଦନ୍ତା ମୁହଁରୁ ବର୍ତ୍ତି ଯାଇଛନ୍ତି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବନଖଣ୍ଡ ବିଶୋଇ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସରଗଡ଼ା ବନାଞ୍ଚଳର କଁଳାପାଟ ସଂରକ୍ଷିତ ଜଙ୍ଗଲରେ ରବିବାର ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ମହିଳା ଜଣକ ହେଲେ ସରଗଡ଼ା ପଞ୍ଚାୟତ ଅନ୍ତର୍ଗତ ଦଳେଇଡ଼ିହି ଗ୍ରାମର ପାନ ସର୍ଦ୍ଦାର (୪୮)। ଏବେ ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ପୂର୍ବାହ୍ନ ୧୦ଟାରେ ଘରଠାରୁ ୨ କି.ମି. ଦୂର ଜଙ୍ଗଲକୁ ପତ୍ର ଗୋଟାଇବାକୁ ଯାଇଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ ପାନ। ହିଂସ୍ର ପାଲଟି ଯାଇଥିବା ଦନ୍ତାଟି ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେବା ସହ ଘୋଷାରି ନେଇଥିଲା। ଏହି ସମୟରେ ସେ ପିନ୍ଧିଥିବା ଶାଢ଼ିଟି ହାତୀ ଶୁଣ୍ଢରେ ଗୁଡ଼ାଇ ହୋଇ ଯାଇଥିଲା। କିଛି ମୁହୂର୍ତ୍ତ ପାଇଁ ଦନ୍ତା ଇତସ୍ତତଃ ହୋଇ ପଡ଼ିଥିଲା। ଏହି ସୁଯୋଗରେ ଶାଢ଼ିକୁ ସେଠାରେ ଛାଡ଼ି ପାନ କୌଶଳ କ୍ରମେ ଖସି ପଳାଇ ଆସି ଜୀବନ ରକ୍ଷା କରିଥିଲେ। ପାନଙ୍କ ଚିତ୍କାର ଶୁଣି ପାଖରେ ଥିବା ଗୋରୁ ଚରାଳିମାନେ ସେଠାରେ ପହଞ୍ଚି ଯିବାରୁ ହାତୀଟି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା।

ହାତୀ ଆକ୍ରମଣରେ ପାନଙ୍କ ମୁଣ୍ଡ,କାନ,ଆଖି ଓ ଛାତିରେ ଆଘାତ ଲାଗିଛି। ଖବରପାଇ ସରଗଡ଼ା ବନପାଳ ଜୀବନ ବଲ୍ଲଭ ପାତ୍ରଙ୍କ ନେତୃତ୍ୱରେ ଫାୟାର ସ୍କ୍ୱାଡ୍ ଓ ସବୁଜ ବାହିନୀ ସଦସ୍ୟ ସନ୍ତୋଷ ଦାସ, ଗୋବିନ୍ଦ ମୁଣ୍ଡା,ଜିତୁ ମାଝି,ବିଦା ମୁଣ୍ଡା ଓ ଦୁଲୁ ସର୍ଦ୍ଦାର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବନବିଭାଗ ଗାଡ଼ିରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ବନପାଳ ପାତ୍ର ଘଟଣାର ତଦନ୍ତ କରିବା ସହିତ ପାନଙ୍କ ଚିକିତ୍ସା ନିମନ୍ତେ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଗତ କିଛିଦିନ ହେଲା ସରଗଡ଼ା ବନାଞ୍ଚଳର କଁଳାପାଟ ଓ ସରାଳି ସଂରକ୍ଷିତ ଜଙ୍ଗଲରେ ୨ ଦନ୍ତା,୨ ମାଈ ଓ ଗୋଟିଏ ହାତୀ ଛୁଆ ବୁଲୁଛନ୍ତି। ଏହି ହାତୀମାନଙ୍କୁ ଘଉଡ଼ାଇବା ନିମନ୍ତେ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି। ତେବେ ବର୍ତ୍ତମାନ ଜଙ୍ଗଲ ନିକଟକୁ ନ ଯିବା ପାଇଁ ବନବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଇ ଦିଆଯାଇଛି।

## କୁଡ଼ିଆ ଭାଙ୍ଗି ବୃଦ୍ଧାଙ୍କୁ ଦଳିଦେଲା ହାତୀ

**ତାଳଚେର, ୨୪।୪(ନି.ପ୍ର.)** କୁଡ଼ିଆରେ ଶୋଇଥିବାବେଳେ ଦଳିଦେଲା ହାତୀ। ଏଥିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଅଧୀନ ହିଲୋଇ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏହି ଦୁଃଖଦ ଘଟଣା। ମୃତା ହେଲେ ବଚନ ବେହେରା (୬୨)। ଗ୍ରାମବାସୀଙ୍କ କହିବା କଥା, ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଜନବସତିରେ ପ୍ରବେଶ କରି ବୃଦ୍ଧାଙ୍କ କୁଡ଼ିଆ ଭାଙ୍ଗି ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କ ଉଦ୍ଧାର କରି ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବନ କର୍ମଚାରୀ ତଦନ୍ତ କରିଛନ୍ତି। ବିଧାୟକ ବ୍ରଜକିଶୋର ପ୍ରଧାନ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଓଲଟିଲା ପିକ୍‌ଅପ୍ ଭ୍ୟାନ୍, ୨୫ରୁ ଊର୍ଦ୍ଧ୍ୱ ଆହତ

**ଝିଅଘରୁ ଫେରିବାବେଳେ ଦୁର୍ଘଟଣା**

**ପାପଡ଼ାହାଣ୍ଡି,୨୪।୪(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଝିଙ୍କିଗୁଡା ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୯ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଯଦୁ ସୌରା, ଲକିନାଥ ସୌରା, ପୁଷ୍ପାଞ୍ଜଳି, ଚନ୍ଦ୍ରା ମୁଦୁଲି, ସାରଦା ଭତରା, ମଙ୍ଗରି ଗୌଡ଼, ବୈଦି ଯାନୀ, ମୋହନ ସୌରା ଓ ରତନ ଭତରା। କନ୍ୟାପକ୍ଷ ବରଘରୁ ଭୋଜି ଖାଇ ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।

ସୂଚନାନୁଯାୟୀ, କୋଷାଗୁମୁଡା ବ୍ଲକ ସିନ୍ଧିଗୁଡା ଗ୍ରାମରୁ ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି-୨୪ଇ-୬୯୫୧)ରେ ପ୍ରାୟ ୩୦ଜଣ ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲାସ୍ଥିତ ବରଘରକୁ ଆସିଥିଲେ। ସେଠାରୁ ଫେରିବାବେଳେ ଝିଙ୍କିଗୁଡା ରାସ୍ତାରେ ଭାରସାମ୍ୟ ହରାଇ ପିକ୍‌ଅପ୍‌ଟି ଓଲଟି ପଡିଥିଲା। ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ଆହତଙ୍କୁ ଆମ୍ବୁଲାନ୍ସ ଓ ପୋଲିସ ଗାଡ଼ିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତଙ୍କ ମଧ୍ୟରୁ ୯ଜଣ ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଥାନାଧିକାରୀ ମୀରା ନାୟକ ଗୁରୁତରଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଛନ୍ତି। କେସ୍ ନମ୍ବର ରୁଜୁ ହୋଇନଥିବା ଜଣାପଡିଛି।

# କୋମାରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି

- କେନ୍ଦ୍ର ସହାୟତାକୁ ଅପେକ୍ଷା
- ୧୦ ବର୍ଷରେ ମାଡ଼ହେଲାଣି ୭ ବାତ୍ୟା
- ୩୫ ହଜାର କୋଟି ବରବାଦ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)** ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟକୁ ୭ଟି ଭୟଙ୍କର ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥିରେ ପ୍ରାୟ ୩୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରାଜ ସରକାରଙ୍କ ଆକଳନରୁ ଜଣାପଡ଼ିଛି। ମୁଖ୍ୟତଃ ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷିକ୍ଷେତ୍ର ସମେତ ଘରଦ୍ୱାର, ବିଦ୍ୟୁତ୍ ଭିତ୍ତିଭୂମି ଛାରଖାର ହୋଇଯାଉଛି। ଏହାକୁ ଭରଣା କରିବାକୁ ଦୀର୍ଘ ସମୟ ଲାଗି ଯାଉଛି। ରାଜ୍ୟ ସରକାର ଏହି ଅଞ୍ଚଳରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବ ୨ ବର୍ଷ ପରେ ମଧ କୋମା ଅବସ୍ଥାରେ ପଡ଼ିଛି। ଏଥିପାଇଁ କେନ୍ଦ୍ରରୁ ସହାୟତା ମିଳିନାହିଁ।

ରାଜ୍ୟ ସରକାର ୨୦୨୦ ଜୁନ୍ ୨୨ରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବାକୁ କେନ୍ଦ୍ର ସରକାରଙ୍କୁ ୧୧,୧୧୪ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। କେନ୍ଦ୍ର ସରକାର ଏଥିପାଇଁ ଟଙ୍କାଟିଏ ଦେଇ ନ ଥିବା ବେଳେ ରାଜ୍ୟ ସରକାର ମଧ ଏ ଦିଗରେ କୌଣସି କାମ ଆରମ୍ଭ କରି ନାହାନ୍ତି।

୧୯୯୯ ମହାବାତ୍ୟା ପରେ ୨୦୧୩ ଅକ୍ଟୋବର ୧୨ରେ ଫାଇଲିନ ବାତ୍ୟାକୁ ଦକ୍ଷିଣ ଓଡ଼ିଶା ସମ୍ମୁଖୀନ ହୋଇଥିଲା। ଏଥିରେ ୧୩ ଜିଲାର ୮ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ୨୩୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୪ ଅକ୍ଟୋବର ୧୩ରେ ବାତ୍ୟା ହୁଡ୍‌ହୁଡ୍ ଦକ୍ଷିଣ ଓଡ଼ିଶାକୁ ଧକ୍କା ଦେଇଥିଲା। ଏଥିଯୋଗୁ ପ୍ରାୟ ୧ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ଏହାର ୪ ବର୍ଷ ପରେ ଅର୍ଥାତ ୨୦୧୮ ଅକ୍ଟୋବରରେ ବାତ୍ୟା ତିତ୍‌ଲି ପୁଣି ଦକ୍ଷିଣ ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା। ଏଥିରେ ଗଞ୍ଜାମ, ଗଜପତି ସମେତ ୧୭ଟି ଜିଲାର ୧୨୮ଟି ବ୍ଲକର ୮,୧୨୫ଟି ଗ୍ରାମର ୬୦.୧୧ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଏହାର କ୍ଷୟକ୍ଷତି ୨,୭୬୫ କୋଟି ଟଙ୍କା ଆକଳନ କରାଯାଇଥିଲା। ତେବେ ଏହି ବାତ୍ୟା ବିଭୀଷିକାକୁ ବର୍ଷେ ପୂରଣ ହୋଇ ନ ଥିବା ବେଳେ ଅଦିନିଆ ସାମୁଦ୍ରିକ ଝଡ଼ 'ଫନୀ' ୨୦୧୯ ମେ' ୩ରେ ରାଜ୍ୟର ୧୪ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ପୁରୀ ଓ ରାଜଧାନୀ ଭୁବନେଶ୍ୱରକୁ ଛାରଖାର କରି ଦେଇଥିଲା। ଏଥିରେ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷୟକ୍ଷତି ହୋଇଥିଲା। ୬୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ୍, ପାନୀୟ ଜଳ, ଘରଦ୍ୱାର ଓ ସବୁଜ ବଳୟ ଧ୍ୱଂସ ହୋଇଥିଲା। ଫନୀ ଯୋଗୁ ୩୪ କି.ମି. ୩୩ କେ.ଭି, ୪୫୩କି.ମି. ୧୧ କେ.ଭି. ଲାଇନ, ୬୮୦ କି.ମି. ଏଲ୍‌ଟି ଲାଇନ ଏବଂ ୨୪୩୯ଟି ଟ୍ରାନ୍ସଫର୍ମର ନଷ୍ଟ ହୋଇଥିଲା।

ଫନୀକୁ ବର୍ଷେ ପୂରିବା ପରେ ୨୦୨୦ ମେ' ୨୦ରେ ସାମୁଦ୍ରିକ ଝଡ଼ 'ଅମ୍ଫନ' ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହି ସବୁ ଜିଲାର ୯୨ଟି ବ୍ଲକ, ୧୫୫୮ଟି ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ଟି ପୌରାଞ୍ଚଳର ୨୭୨ଟି ୱାର୍ଡର ୪୪,୪୪,୮୯୬ ଲୋକ ପ୍ରଭାବିତ ହୋଇଥିଲେ। ଏଥିଯୋଗୁ ପ୍ରାୟ ୫ ହଜାର କୋଟି ଟଙ୍କାର କ୍ଷତି ହୋଇଥିଲା। ଏହା ପରେ 'ୟାସ୍' ଓ 'ଗୁଲାବ' ଭଳି ବାତ୍ୟା ମଧ ବିଦ୍ୟୁତ୍ ଭିତ୍ତିଭୂମିକୁ ପ୍ରଭୂତ କ୍ଷତି ପହଞ୍ଚାଇଛି।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ କେନ୍ଦ୍ର ସରକାରଙ୍କୁ ଇତିମଧ୍ୟରେ ୪ ଥର ପ୍ରସ୍ତାବ ଦିଆଯାଇଥିଲେ ମଧ ଏ ଦିଗରେ କେନ୍ଦ୍ର ନିକଟରୁ କୌଣସି ସବୁଜ ସଙ୍କେତ ମିଳିନାହିଁ।

## ଟ୍ରେନ୍ ବଗି ଉପରେ ଜଳିଗଲେ ଯୁବକ

**ରାୟଗଡ଼ା ଅଫିସ,୨୪।୪:** ତାମ୍ବ୍ରମ–ଜସିଡିହ ସାପ୍ତାହିକ ସୁପରଫାଷ୍ଟ ଟ୍ରେନ୍‌ର ବଗି ଉପରେ ଚଢ଼ିଯାଇ ଜଣେ ଯୁବକ ଜଳିଯାଇଛନ୍ତି। ରାୟଗଡ଼ା ଜିଲା ଜେମାଦେଇପେଣ୍ଠ ଷ୍ଟେଶନ ନିକଟରେ ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନଥିବା ଅନୁମାନ କରାଯାଉଛି ବୋଲି ରାୟଗଡ଼ା ଆର୍‌ପିଏଫ୍ ଆଇଆଇସି ପଙ୍କଜ କୁମାର କହିଛନ୍ତି।

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି । ଏହି ନିଲାମ ଦିନାଙ୍କ **28.04.2022** କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHURDA - 751001. ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି । ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

Loan Nos: BHUBANESWAR (BUU) -1885991, 1908708

For more details, please contact : Mr. UMAKANTA BAG - 9937043634

(Reserves the right to alter the number of accounts to be auctioned &/ postpone / cancel the auction without any prior notice.)

## ସଂକ୍ଷେପରେ

### ୩ ହାତୀଦାନ୍ତ ଜବତ, ଜଣେ ଗିରଫ



**ଭୁବନେଶ୍ୱର,(ବ୍ୟୁରୋ)/ ସୋନପୁର, ୨୪।୪(ନି.ପ୍ର.) :** କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଟିମ ରବିବାର ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଜୁବରନିସୀତାପୁର ଗାଁ ନିକଟରେ ଚଢ଼ାଉ କରି ୧୦ କେଜି ଓଜନର କଟା ହୋଇଥିବା ୩ ହାତୀ ଦାନ୍ତ ଜବତ କରିଛି। ହାତୀ ଦାନ୍ତ ରଖିବା ଓ ବିକ୍ରି ଅଭିଯୋଗରେ ଉକ୍ତ ଗ୍ରାମର ରଞ୍ଜନ ମହାକୁଡଙ୍କୁ ଗିରଫ କରାଯାଇଛି। ବୀରମହାରାଜପୁର ବନ ବିଭାଗର ସହଯୋଗରେ ଏସ୍‌ଟିଏଫ୍ ଏହି ଚଢ଼ାଉ କରିଥିଲା। ତେବେ ଗିରଫ ଅଭିଯୁକ୍ତ ରଞ୍ଜନ ଓ ଜବତ ହାତୀ ଦାନ୍ତକୁ ଏସ୍‌ଟିଏଫ୍ ବନ ବିଭାଗକୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଛି। ୨୦୨୦ ମସିହାରୁ ଏଯାବତ ଏସ୍‌ଟିଏଫ ୨୭ ବାଘଛାଲ ,୧୮ ହାତୀ ଦାନ୍ତ, ୭ ହରିଣ ଛାଲ,୧୨ ଜୀବନ୍ତ ବଜ୍ରକାପ୍ତା, ୩୦ କେଜି ୪୦୦ ଗ୍ରାମ ବଜ୍ରକାପ୍ତ କାତି, ୨ ବାଘ ଦାନ୍ତ, ୨୯ ବାଘ ନଖ, ୪୬ ଶୁଆ ଜବତ କରିଛି। ଏଥିସହ ୬୬ ବନ୍ୟପ୍ରାଣୀ ମାଫିଆଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।



ରଞ୍ଜନ ମହାକୁଡ଼

### ବାଇକ୍ ଚାପି ହୋଇ ମୃତ୍ୟୁ

**ବାଉଁଶୁଣୀ/କନ୍ଧମାଳ, ୨୪।୪ (ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ରୁଣ୍ଡିମହୁଲ ଗ୍ରାମ ପଞ୍ଚାୟତର ବରପଦର୍ - ଧାନଖଣ୍ଡି ରାସ୍ତାରେ ଦୁର୍ଘଟଣା ଘଟିଛି। ନିଜ ବାଇକ୍ ତଳେ ଚାପି ହୋଇ ଜଣେ ଯୁବକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବରପଦର ଗ୍ରାମର ସୁଜିତ ମଲିକ ଶନିବାର ରାତି ୧୧ଟାରେ କୌଣସି କାମରେ ପଲସାଗୋରା ଯାଇଥିଲେ। ନିଜ ଘର ରୁଣ୍ଡିମହୁଲ ପଞ୍ଚାୟତର ବରପଦରକୁ ବିଳମ୍ବିତ ରାତିରେ ଫେରୁଥିବା ବେଳେ ବାଇକ୍ ଦୁର୍ଘଟଣା ଘଟି ବାଇକ ତଳେ ଚାପିହୋଇ ମୃତ୍ୟୁବରଣ କରିଛନ୍ତି। ମାତ୍ର ଏହା ଦୁର୍ଘଟଣା ନା ଅନ୍ୟ କିଛି କାରଣରୁ ମୃତ୍ୟୁ ହୋଇଛି ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ଏପଟେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ଆଣି ମାମଲାର ତଦନ୍ତ ଆରମ୍ଭ କରିଛି।

# ବୈଦୁର୍ଯ୍ୟ ରତ୍ନପଥର ଖଣି ଖନନକୁ ଆଦିବାସୀଙ୍କ ବିରୋଧ

- ପାଚେରି କାମ ବନ୍ଦ କରିଦେଲେ ଗ୍ରାମର ମହିଳା
- ଖଣି ଖନନ ଦ୍ୱାରା ଚାଷକାମ ପ୍ରଭାବିତ ହେବ

**ବିଷମକଟକ,୨୪।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡାକୁଲଗୁଡ଼ା ପଞ୍ଚାୟତରେ ରହିଥିବା ବୈଦୁର୍ଯ୍ୟ ରତ୍ନପଥର ଖଣି ଖନନ ଓ ପାଚେରି ନିର୍ମାଣକୁ ବିରୋଧ କରିଛନ୍ତି ଅଞ୍ଚଳର ଆଦିବାସୀ ମହିଳା। ଶତାଧିକ ମହିଳା ରବିବାର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ପାଚେରି କାମ ଚାଲିଥିବା ସ୍ଥାନକୁ ଯାଇ କାମ ବନ୍ଦ କରିଦେଇଛନ୍ତି। ଖଣି ଖନନ ଦ୍ୱାରା ଆଦିବାସୀଙ୍କ ଠାକୁର ପ୍ରଭାବିତ ହେବା ସହ ଡଙ୍ଗରରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ପାଇକ ଡାକୁଲୁଗୁଡ଼ା ଗ୍ରାମ ନିକଟରେ ୧୨୦ ଏକର ପରିମିତ ଜାଗାରେ ଥିବା ମୂଲ୍ୟବାନ ବୈଦୁର୍ଯ୍ୟ ରତ୍ନପଥର ଖଣି ଖନନ ନିମନ୍ତେ ୨୦୧୭ ରେ ଓଏମ୍‌ସି ପକ୍ଷରୁ ବିଶାଖାପାଟଣାର ବିଜୟ କୁମାର ବଂଶଲ ୨୫ ବର୍ଷ ପାଇଁ ଲିଜ୍ ପାଇଥିଲେ। ଏଥିପାଇଁ ୨୦୧୯ ନଭେମ୍ବର ୧୫ରେ ଜନଶୁଣାଣି ହୋଇଥିଲା। ଅଞ୍ଚଳର ବିକାଶ ଆଶାରେ ପଲ୍ଲିସଭାରେ ଗ୍ରାମବାସୀ ଖଣି ଖନନ ପାଇଁ ରାଜି ହୋଇଥିଲେ। ଅଳ୍ପ ସଂଖ୍ୟକ ଲୋକ ଏହାକୁ ବିରୋଧ ମଧ କରିଥିଲେ। ଏହାପରେ ପଲ୍ଲିସଭା ଅଧାରେ ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ୨୦୨୧ ଏହି ଖଣି ଖନନ ନିମନ୍ତେ ଘରୋଇ କମ୍ପାନୀକୁ ଅନୁମତି ମିଳିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାସ୍ତା ଓ ଜମି ଚିହ୍ନଟ ଶେଷ ହୋଇଥିବାବେଳେ ଏବେ ପାଚେରି କାମ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ପ୍ରତିବାଦରେ ଆଦିବାସୀ ମହିଳା ଏକାଠି ହୋଇଛନ୍ତି। ଅନ୍ୟପକ୍ଷରେ ସରକାରୀ ନିୟମ ଅନୁଯାୟୀ ଖଣି ନିକଟରେ କାମ ଚାଲିଥିବା ଖଣି ସୁପରଭାଇଜର କହିଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳରେ ଅଶାନ୍ତି ଖବର ପାଇବା ପରେ ବିଷମକଟକ ଏସ୍‌ଡିପିଓ ଆକାଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ମୁନିଗୁଡ଼ା ଥାନା ଅଧିକାରୀ ଶ୍ୟାମସୁନ୍ଦର ବେହେରା ଏବଂ ପୋଲିସ ଟିମ୍ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।

ଏହି ଅଞ୍ଚଳରେ ରହିଥିବା ରତ୍ନପଥର ଖଣିରୁ ବେଆଇନଭାବେ ରତ୍ନପଥର ଖନନ କରି ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ୨୦୨୦ ଡିସେମ୍ବର ୭ରେ ଜଣାପଡ଼ିଥିଲା। ଏସ୍‌ଟିଏଫ୍ ପକ୍ଷରୁ ସେତେବେଳେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କିସମର ରତ୍ନପଥର ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଥିଲା। ରତ୍ନପଥର କଳାବଜାର ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଷମକଟକ ତହସିଲଦାର ଓ ମୁନିଗୁଡ଼ା ପୋଲିସ ପହଞ୍ଚି ଖଣି ଅଞ୍ଚଳରେ ୧୪୪ ଧାରା ଜାରି କରି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲେ। ତଥାପି ସ୍ଥାନୀୟ ଦଲାଲ ସକ୍ରିୟ ରହିଥିବା ଅଭିଯୋଗ ହେଉଥିଲା।



ମହିଳାମାନେ ଖଣି ଅଞ୍ଚଳକୁ ଯାଇ ପାଚେରି କାମକୁ ବିରୋଧ କରୁଛନ୍ତି।

# ସ୍ୱାଭିମାନ ଅଞ୍ଚଳରେ ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

**ମାଲକାନଗିରି/ଚିତ୍ରକୋଣ୍ଡା/ କୋରାପୁଟ,୨୪।୪ (ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଲାଗିଛି ମାଓବାଦୀ ବିରୋଧୀ ପୋଷ୍ଟର। ମାଲକାନଗିରି ବିଚ୍ଛିନ୍ନାଞ୍ଚଳ ଉନ୍ନୟନ ସଂଘ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକର ରାଲେଗଡା, ସାରୁକୁବନ୍ଧ, ପାପରମେଟଲା ଆଦି ସ୍ଥାନରେ ତେଲୁଗୁ ଓ ଓଡ଼ିଆ ଭାଷାରେ ଏହି ପୋଷ୍ଟରଗୁଡିକ ଲଗାଯାଇଥିବା ଦେଖିବାକୁ ମିଳିଛି। ଏଥିରେ କୁଖ୍ୟାତ ମାଓବାଦୀ ଅଶୋକ, ପ୍ରଭାକର, ଶ୍ରୀକାନ୍ତ ଅତି କ୍ରୂରତାର ସହ ଆଦିବାସୀ ଯୁବକ ଲକ୍ଷ୍ମଣ ରାଓ ଓ ତାଙ୍କ ଭାଇ ସଞ୍ଜୀବ ରାଓଙ୍କୁ ପିଟି ପିଟି ହତ୍ୟା କରିବା, ସର୍ବ ସାଧାରଣ ସ୍ଥାନରେ, ରାସ୍ତା ଘାଟ ପୋଲ ଆଦି ସ୍ଥାନରେ ଭୂତଳ ବୋମା ଖଞ୍ଜି ନିରୀହ ଆଦିବାସୀଙ୍କୁ ହତ୍ୟା କରିବା, ଗତ କିଛି ଦିନ ପୂର୍ବେ ଅଜୟ କୁମାର ଓ ବିଜୟ ରାଓ ଗୋରୁ ଚରାଇବାକୁ ଯାଇଥିବା ବେଳେ ବୋମା ବିସ୍ଫୋରଣରେ ଉଭୟଙ୍କ ମୃତ୍ୟୁ ହେବା ପରି ଘଟଣା ପାଇଁ ମାଓବାଦୀ ସଙ୍ଗଠନ ଦାୟୀ ବୋଲି ଉଲ୍ଲେଖ କରାଯାଇଛି। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ସ୍ୱାଭିମାନ ଅଞ୍ଚଳର ବିକାଶ କାର୍ଯ୍ୟ ଜାରି ରଖିଛନ୍ତି। ଏଥିରେ ମାଓବାଦୀମାନେ ବାଧା ସୃଷ୍ଟି କରୁଛନ୍ତି ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ମାଓବାଦୀଙ୍କ ଜୁଲୁମ ଓ ବିକାଶ ବିରୋଧୀ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ମାଓବାଦୀଙ୍କୁ ଅଞ୍ଚଳ ଛାଡି ଚାଲିଯିବାକୁ ପୋଷ୍ଟରରେ ସଂଘ ଚେତାବନୀ ଦେଇଛି।

ସେହିପରି କୋରାପୁଟ ଜିଲାର ପାଡୁଆ ଓ ନନ୍ଦପୁର ଅଞ୍ଚଳରେ ମାଲକାନଗିରି ବିଚ୍ଛିନ୍ନତା ଉନ୍ନୟନ ସଂଘ ପକ୍ଷରୁ ମାଓବାଦୀ ବିରୋଧୀ ପୋଷ୍ଟର ମରାଯାଇଛି। ଏଥିରେ ମାଓବାଦୀମାନେ ବିକାଶ ବିରୋଧୀ ଏବଂ ଆଦିବାସୀଙ୍କୁ ପୋଲିସ ଇନଫର୍ମର କହି ହତ୍ୟା କରୁଥିବା ଘଟଣାକୁ ନିନ୍ଦା କରାଯାଇଛି। ମାଓବାଦୀଙ୍କ ବିରୋଧରେ ଆଦିବାସୀ ମାନେ ଏକାଠି ହୋଇ ଲଢିବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି।



ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ଲାଗିଥିବା ମାଓବାଦୀ ବିରୋଧୀ ପୋଷ୍ଟର।

# ଜିଲାପାଳଙ୍କ ଗାଡ଼ି ଭଙ୍ଗାରୁଜା ଘଟଣା: ୯ ଗିରଫ

- ଗିରଫ ଭୟରେ ଗାଁ ଜନଶୂନ୍ୟ
- ପୋଲିସ ଫୋର୍ସ ମୁତୟନ

**ବାରିପଦା ଅଫିସ/କୁଳିଅଣା, ୨୪।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଭଗବାନପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ଉତ୍ତ୍ୟକ୍ତ ଲୋକେ ଜିଲାପାଳଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ଘଟଣାରେ ପୋଲିସ ରବିବାର ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାଲିମୁଣ୍ଡୁଳୀ ଗ୍ରାମର ଅଶୋକ କୁମାର ସାହୁ, ବଡ଼ ନୂଆଗାଁର ସଞ୍ଜୟ କୁମାର ସେଠୀ, ବିନେଶ କୁମାର ବାରିକ, ନୀଳକମଲ ବାରିକ ଓ ଅର୍ଜ୍ଜୁନ ସେଠୀ, ଭଗବାନପୁରର ସୁନାରାମ ହାଁସଦା ଓ ନରସିଂହ ମୁର୍ମୁ, ସାନସଉରୀର ଜାନୁ ହାଁସଦା ଏବଂ ମାଛକାନ୍ଦଣା ଗ୍ରାମର ସର୍ବେଶ୍ୱର ସିଂ। ଏନେଇ କୁଳିଅଣା ଥାନାରେ ମାମଲା (ନଂ.୬୭/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦଫା ୧୪୩/୩୪୧/ ୩୨୩/୨୯୪/୫୦୬/୩୦୭/୩୫୩/୩ ୩୨/୧୮୬/୧୪୯ ଆଇପିସି/୩ପିଡିପିପି ଆକ୍ଟ ଲାଗୁ କରାଯାଇଥିବା ବାରିପଦା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଏଯାଏ ଗିରଫ କରାଯାଇ ନ ଥିବା ବେଳେ ଉତ୍ତେଜନା ସ୍ଥଳରେ ପୋଲିସ ନ ପହଞ୍ଚିବା ଓ କାର୍ଯ୍ୟରେ ଅବହେଳା କରିଥିବା ନେଇ ପ୍ରଶାସନ ପକ୍ଷରୁ ଶୃଙ୍ଖଳାଗତ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ଘଟଣାକୁ ନେଇ ଶନିବାର ରାତିତମାମ ପୋଲିସ ପାଟ୍ରୋଲିଂ କରିଥିବା ବେଳେ ଗିରଫ ଭୟରେ ଗ୍ରାମଗୁଡ଼ିକ ଜନଶୂନ୍ୟ ହୋଇଯାଇଛି। ପୋଲିସ ଫୋର୍ସ ମୁତୟନ ରହି ସ୍ଥିତି ଉପରେ ନଜର ରଖିଛନ୍ତି।

ସୂଚନାଯୋଗ୍ୟ, ଭଗବାନପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଶନିବାର ଭଗବାନପୁର ଓ ବଡ଼ନୂଆଗାଁ ଗ୍ରାମର ଲୋକଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀର ଲୋକେ ପୃଥକ୍ ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ବାରିପଦାରୁ ବାଙ୍ଗିରିପୋଷିକୁ ଯାଉଥିବା ଜିଲାପାଳ ବିନୀତ ଭରଦ୍ୱାଜ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ।

# ବସ୍-ସ୍କୁଟି ମୁହାଁମୁହିଁ ଧକ୍କା, ଜଣେ ମୃତ

**ବଲଙ୍ଗା,୨୪।୪(ଡି.ଏନ୍.ଏ.)**

ବଲଙ୍ଗା ସତ୍ୟଚେତନା ଶିକ୍ଷାଶ୍ରମ ଆଗରେ ରବିବାର ସକାଳ ୧୦ଟାରେ ଏକ ବସ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଲଙ୍ଗା ଅଞ୍ଚଳର ଧଡ଼େଶ୍ୱର ଖଟୁଆ (୪୫)। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବଲଙ୍ଗାରୁ ନିମାପଡ଼ା ମା' ବୁଦ୍ଧେଶ୍ୱରୀ ନାମକ ଯାତ୍ରୀବାହୀ ବସ୍ (ଓଆର ୧୩ ଡି- ୩୦୦୭) ଯାଉଥିଲା। ଏହି ସମୟରୁ ବିପରୀତ ଦିଗରୁ ଏକ ସ୍କୁଟି ଯୋଗେ ଧଡେଶ୍ୱର ସହ ଶଙ୍କର ସାହୁ ଆସୁଥିବା ବେଳେ ସତ୍ୟଚେତନା ଶିକ୍ଷାଶ୍ରମ ଆଗରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ବସିଥିବା ଦୁଇଜଣ ବ୍ୟକ୍ତି ଛିଟିକି ତଳେ ପଡିଯାଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ୧୦୮ ଯୋଗେ ପ୍ରଥମେ ବଲଙ୍ଗା ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। ହେଲେ ଡାକ୍ତର ଧଡେଶ୍ୱରଙ୍କୁ ମୃତ ଘୋଷଣା କରିଥିବା ବେଳେ ଶଙ୍କର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ବସ୍ ସହ ଡ୍ରାଇଭର ବଲଙ୍ଗା ଥାନାରେ ଆତ୍ମ ସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ଭୋଗରାଇରେ କାଳବୈଶାଖୀ ତାଣ୍ଡବ

- ୧୦ ପଞ୍ଚାୟତର ଶତାଧିକ ଗାଁ କ୍ଷତିଗ୍ରସ୍ତ
- କୁଆପଥର ବୃଷ୍ଟି, ବଜ୍ରପାତରେ କୃଷକ ମୃତ
- ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ, ଉଡ଼ିଲା ଛପର

**ଭୋଗରାଇ,୨୪।୪(ଡି.ଏନ.ଏ.)**



ଜୟନଗର ଗ୍ରାମର ଏକ ଘର ଉପରେ ଉପୁଡ଼ି ପଡ଼ିଥିବା ଗଛ।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ରବିବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ହଠାତ୍ ଉତ୍ତର-ପୂର୍ବ ଦିଗରୁ କଳାହାଣ୍ଡିଆ ମେଘ ଉଠାଇ ଆସିବା ସହ କୁଆପଥର ବୃଷ୍ଟି ଓ ଖୁବ୍‌ଜୋର୍‌ରେ ପବନ ବୋହିଥିଲା। ପବନର ବେଗ ଘଣ୍ଟା ପ୍ରତି ଶହେରୁ ଊର୍ଦ୍ଧ୍ୱ ଥିବା ଅନୁମାନ କରାଯାଇଥିବା ବେଳେ ପାନବରଜ ଏବଂ ବହୁ ନଡ଼ାଛପର, ଆଜବେଷ୍ଟସ, ଟିଣଛପର ଘର ଉଡ଼ାଇ ନେଇଛି। ବିଦ୍ୟୁତ୍ ଖୁଣ୍ଟ ଓ ତାର ଉପରେ ବଡ଼ବଡ଼ ଗଛ ପଡ଼ିଯାଇ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଧାନ ବିଲରେ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତରେ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ ଜୁକା ମନ୍ଦାରସାହି ଗ୍ରାମର କୃଷକ ଗୌରହରି ଗିରି(୬୦)ଙ୍କ ମୃତ୍ୟୁ ହୋଇଛି। ଦକ୍ଷିଣ ଭୋଗରାଇର ୧୦ଟି ପଞ୍ଚାୟତର ପ୍ରାୟ ଶତାଧିକ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମ ଓ ମୁଖ୍ୟରାସ୍ତାରେ ବଡ଼ବଡ଼ ଗଛ ଧରାଶାୟୀ ହୋଇଥିବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଜୟନଗର ଗ୍ରାମର ରତିକାନ୍ତ ପୁଷ୍ଟି, ବହ୍ଲାରପୁର ଗ୍ରାମର ବଳରାମ ବେଜଙ୍କ ଘର ସହ ବହୁ ଗ୍ରାମରେ ଗଛ ପଡ଼ି ଘର ଭାଙ୍ଗିଛି। ପାନବରଜ, ଦୋକାନ କ୍ୟାବିନ୍ ଉଡ଼ାଇ ନେଇଛି। କୁଆପଥର ବୃଷ୍ଟିରେ ବ୍ୟାପକ ପନିପରିବା ଓ ତରଭୁଜ ଚାଷ କ୍ଷତି ଘଟିଥିବା ସୂଚନା ମିଳିଛି। ଭୋଗରାଇର ସୁଲତାନପୁର, ଗୋପୀନାଥପୁର, ଜଳେଶ୍ୱରପୁର, ଦେହୁର୍ଦ୍ଦା, କୁମ୍ଭାରମୂଳୀ, ସୋହରିଆ, ଦେହୁର୍ଦ୍ଦା, ଦେଉଳା, ମନ୍ଦାରସାହି, ପାଣିଷଣ୍ଡା, ଅନଳିଆ ପ୍ରଭୃତି ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ୍ ସରବରାହ ପାନୀୟଜଳ, କ୍ଷୟକ୍ଷତି ଆକଳନ କରି ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଜିଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, କଂଗ୍ରେସ ନେତା ସନ୍ତୋଷ କୁମାର ଜେନା, ବିଜେଡି ସଭାପତି ରମାକାନ୍ତ କରଣ, ସମିତିସଦସ୍ୟାଙ୍କ ପ୍ରତିନିଧି ସୁବଳ ଚନ୍ଦ୍ର ଜେନା ପ୍ରମୁଖ ସରକାରଙ୍କଠାରେ ଦାବି କରିଛନ୍ତି।

# ଚିଲିକାରୁ ୨ ହରିଣ ଉଦ୍ଧାର

**କୃଷ୍ଣପ୍ରସାଦ,୨୪।୪(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିପିଆ ଗ୍ରାମବାସୀ ରବିବାର ଚିଲିକା କୂଳରୁ ଦୁଇଟି ହରିଣ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ମୁତାବକ, ଖାଦ୍ୟ କିମ୍ବା ପାଣି ଅନ୍ୱେଷଣରେ ହରିଣମାନେ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛନ୍ତି। ରବିବାର ଚିଲିକା କୂଳରେ ଦୁଇଟି ହରିଣ ବୁଲୁଥିବା ଦେଖିବାକୁ ମିଳିଥିଲା। ସିପିଆ ଗ୍ରାମବାସୀ ହରିଣଦ୍ୱୟଙ୍କୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ଚିଲିକା ନୂଆପଡା ବନପାଳ ମୀନା କୁମାରୀ ନାୟକ, ବନରକ୍ଷୀ ସୁନୀଲ କୁମାର ଲେଙ୍କା ପହଞ୍ଚିବା ପରେ ଗ୍ରାମବାସୀ ହରିଣଦ୍ୱୟଙ୍କୁ ହସ୍ତାନ୍ତର କରିଥିଲେ। ଗୋଟିଏ ହରିଣ ସୁସ୍ଥ ଥିବା ବେଳେ ଅନ୍ୟଟିର ଗୋଡରେ କ୍ଷତ ହୋଇଛି। ବନ ବିଭାଗ କର୍ମଚାରୀ ଡାକ୍ତରଙ୍କ ସହାୟତାରେ ଚିକିତ୍ସା କରି ନିଜ ହେପାଜତରେ ରଖିଛନ୍ତି। ହରିଣ ଦ୍ୱୟ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଚିଲିକା ନୂଆପଡ଼ା ବନାଞ୍ଚଳ ଅଧିକାରୀ ଶରତ ଜାନି କହିଛନ୍ତି।



# ରେଳ ଷ୍ଟେଶନରୁ ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

**ବାଲୁଗାଁ,୨୪।୪(ଡି.ଏନ୍.ଏ.)**

ବାଲୁଗାଁ ରେଲୱେ ଷ୍ଟେଶନରେ ରବିବାର ଜିଆରପି ଓ ଆରପିଏଫ୍ ମିଳିତଭାବେ ଚଢ଼ାଉ କରି ୨ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଝରିଆ ଗ୍ରାମର ରମାକାନ୍ତ ଶ୍ରୀଚନ୍ଦନ ଓ ନୀଳକଣ୍ଠ ପଲାଇ। ଏମାନଙ୍କ ନିକଟରୁ ୨୮କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ, ପୂର୍ବାହ୍ନ ୧୧ଟା ୩୦ରେ ବାଲୁଗାଁ ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମ ଠାରେ ଦୁଇ ଜଣ ବ୍ୟକ୍ତି ସୁଟକେଶ ଧରି ଟ୍ରେନକୁ ଅପେକ୍ଷା କରିଥିଲେ। ତେବେ ସେମାନଙ୍କ ଗତିବିଧି ନେଇ ରେଲୱେ ପୋଲିସର ସନ୍ଦେହ ହୋଇଥିଲା। ଅନ୍ୟପକ୍ଷରେ ଦୁହେଁ ଗଞ୍ଜେଇ ଚାଲାଣକାରୀ ବୋଲି ଖବର ମିଳିବା ପରେ ଜିଆରପି ଅଧିକାରୀ ଧରଣୀଧର ପ୍ରଧାନ ଓ ରେଳ ସୁରକ୍ଷା ବଳ ଅଧିକାରୀ ମହେଶ୍ୱର ଚଣ୍ଡରାୟ ସଦଳବଳେ ଚଢ଼ାଉ କରି ସୁଟକେଶ ଦୁଇଟି ଖୋଲିବାରୁ ବିପୁଳ ପରିମାଣର ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସେମାନଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି। ପୁରୀ-ଓଖା ଏକ୍ସପ୍ରେସ ଟ୍ରେନରେ ସୁରଟ ଚାଲାଣ ହୋଇଥାନ୍ତା ବୋଲି ତଦନ୍ତରୁ ଜଣାପଡଛି। ରେଲୱେ ପୋଲିସ ମାମଲା (ନଂ.୪୧/୨୨) ରୁଜୁ କରିବା ସହ ଏହି ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

# ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା: ୨୬ ଆହତ

**ରମ୍ଭା/ଛତ୍ରପୁର,୨୪।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ ଭାରସାମ୍ୟ ହରାଇ ପୁରୀରୁ ତାମିଲନାଡୁ ଫେରୁଥିବା ଏକ ତୀର୍ଥଯାତ୍ରୀ ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୬ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଛତ୍ରପୁର ହସ୍ପିଟାଲରେ ବିଧାୟକ ସୁବାସ ଚନ୍ଦ୍ର ବେହେରା ଭେଟିବା ସହ ଡାକ୍ତରଙ୍କ ସହ କଥା ହୋଇଥବା ଜଣାପଡ଼ିଛି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଛତ୍ରପୁର ବସ୍‌ଷ୍ଟାଣ୍ଡକୁ ଅଣାଯାଇ ଏଥିରେ ଥିବା ଅନ୍ୟ ଯାତ୍ରୀଙ୍କୁ ରହିବା ଓ ଖାଇବା ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ କରାଯାଇଛି ।

ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଉକ୍ତ ବସ୍ (ଟିଏନ୍ ୬୩ ଏଏସ୍ ୦୫୦୨)ରେ ତୀର୍ଥଯାତ୍ରୀମାନେ ପୁରୀରୁ ଜଗନ୍ନାଥଙ୍କ ଦର୍ଶନ ସାରି ତାମିଲନାଡୁ ଫେରୁଥିଲେ। ରମ୍ଭା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେଥିରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ।



ଦୁର୍ଘଟଣାଗ୍ରସ୍ତ ବସ୍।

### ଆହତଙ୍କୁ ଭେଟିଲେ ବିଧାୟକ

ସେମାନଙ୍କ ମଧ୍ୟରୁ ୨୬ ଜଣ ଆହତ ହୋଇଛନ୍ତି। ପୋଲିସ ଓ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରିଥିଲେ। ଛତ୍ରପୁର ଚିକିତ୍ସାଳୟରେ ୨୩ ଜଣଙ୍କୁ ଚିକିତ୍ସା କରାଯାଉଥିଲା ବେଳେ ୩ ଜଣଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଉପଜିଲାପାଳ ନୀଳମାଧବ ଭୋଇ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେମାନଙ୍କୁ ଛତ୍ରପୁର ନିକଟ ନୂତନ ବସ୍‌ଷ୍ଟାଣ୍ଡରେ ବିଶ୍ରାମ ସହ ସେମାନଙ୍କ ସମସ୍ତ ବନ୍ଦୋବସ୍ତ କରାଇଥିଲେ।

# ନକଲି ବିଦେଶୀ ମଦ କାରଖାନାରେ ଚଢ଼ାଉ

### ୪ କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୨୪।୪**

ବ୍ରହ୍ମପୁର ଅବକାରୀ ରେଞ୍ଜ ଟିମ୍ ନକଲି ବିଦେଶୀ ମଦ ଚାଲାଣ ଖବର ପାଇ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଲିପଡା ଛକରେ ରବିବାର ବ୍ଲକିଂ କରିଥିଲା। ସନ୍ଦେହରେ ଜଣେ ସ୍କୁଟି ଚାଳକଙ୍କୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରେ ୪୮ଗୋଟି ନକଲି ବିଦେଶୀ ମଦ ବୋତଲ ଥିବା ଜଣାପଡିଥିଲା। ସ୍କୁଟି ଚାଳକ ଦିଗପହଣ୍ଡି ନିକଟ ନରସିଂହଗଡ଼ର ଦୀପକ ପ୍ରଧାନ(୨୭)ଙ୍କୁ ଗିରଫ କରିଥିଲା। ତାଙ୍କ ବୟାନକୁ ଆଧାରକରି ସଦର ଥାନା ଅନ୍ତର୍ଗତ ଲୋଚାପଡ଼ାର ରାଜରାମ ସାହୁ (୩୮)ଙ୍କୁ ଗିରଫ କରିଥିଲା। ସେ ଏକ ଅଟୋରେ ଚାଲାଣ ପାଇଁ ରଖିଥିବା ୯୬ ବିଭିନ୍ନ ବ୍ରାଣ୍ଡର ନକଲି ମଦ ବୋତଲ ଜବତ କରାଯାଇଥିଲା।

ପରେ ରାଜରାମଙ୍କ ବୟାନକୁ ଭିତ୍ତିକରି ଗୋବିନ୍ଦ ବିହାରରେ ରହୁଥିବା ଦୀପନ ସାହୁଙ୍କ ଘରେ ଉକ୍ତ ଟିମ୍ ଚଢ଼ାଉ କରିଥିଲା। ଘର ଭିତରେ ନକଲି ମଦ ପ୍ରସ୍ତୁତ ହେଉଥିବା ଜଣାପଡ଼ିଥିଲା। ସେଠାରୁ ସ୍ପିରିଟ୍ କଲର, ଅବକାରୀ ବିଭାଗର ନକଲି ଲେଭଲ, ବିଭିନ୍ନ ବ୍ରାଣ୍ଡର ୫୫୨ଟି ନକଲି ମଦ ବୋତଲ ଜବତ କରିଥିଲା। ପରେ ସେମାନଙ୍କ ବୟାନକୁ ଭିତ୍ତିକରି ଉକ୍ତ ଟିମ୍ ଆସ୍କାରୋଡ୍ ପଦ୍ମନଗରରେ ଚଢ଼ାଉ କରି ସତ୍ୟନାରାୟଣ ମହାପାତ୍ର(୩୭)ଙ୍କ ଘରୁ ୧୧ ଲିଟର ହୋମିଓପାଥି ସ୍ପିରିଟ୍, ଲେଭଲ ଜବତ କରିଥିଲା। ଅବକାରୀ ବିଭାଗ ପକ୍ଷରୁ ୪ଟି ମାମଲାରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏମାନଙ୍କ ନିକଟରୁ ୬୯୬ ନକଲି ବିଦେଶୀ ମଦ ବୋତଲ, ୧୫ ଲିଟର କଲର ସ୍ପିରିଟ୍, ୧୦ ଲିଟର ଧଳା ସ୍ପିରିଟ୍, ୧୧.୭୦୦ ଲିଟର ହୋମିଓପ୍ୟାଥି ସ୍ପିରିଟ୍, ୫୧୦୦ ରୁ ଊର୍ଦ୍ଧ୍ୱ ଅବକାରୀ ବିଭାଗର ନକଲି ଲେଭଲ, ୭୪୦୪ ଠିପି, ୧୦୦୦ ଖାଲି ବୋତଲ, ଗୋଟିଏ ବୋତଲ ରଙ୍ଗ, ୩୦୦ ମିଲିଲିଟର ରାସାୟନିକ ଏସେନ୍ସ, ଗୋଟିଏ ଅଟୋ ଓ ଗୋଟିଏ ସ୍କୁଟି ଅବକାରୀ ଟିମ୍ ଜବତ କରିଥିବା ବିଭାଗ ସୂତ୍ରରୁ ପ୍ରକାଶ।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ନକଲି ମଦ ଓ ମଦ ପ୍ରସ୍ତୁତ ସାମଗ୍ରୀ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ବଖରା ଜଳିଗଲା

ବାଙ୍କୀ,୨୪।୪(ସ୍ୱ.ପ୍ର.): ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବାଲିପାହା ପାଇକ ସାହିରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ରବୀନ୍ଦ୍ର ପ୍ରଧାନ, ମାନସ ପ୍ରଧାନ, ସୁଷମା ପ୍ରଧାନ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ସେମାନଙ୍କ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ବାଙ୍କୀ ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି।

### ମେ ୧'ରେ ବାରତିରାରେ ନିଃଶୁଳ୍କ ଚିକିତ୍ସା ଶିବିର

ରଘୁନାଥପୁର,୨୪।୪(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ବାରତିରା ଗ୍ରାମରେ ମେ'୧ରେ ଆଶୁତୋଷ ସ୍ମାରକୀ ଦାତବ୍ୟ ଚିକିତ୍ସାଳୟ ପକ୍ଷରୁ ଏକ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ଏନେଇ ଡା.ଭାସ୍ୱତକାନ୍ତ ସେନଗୁପ୍ତା ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ସେଠାରେ ଉପସ୍ଥିତ ରହି ରୋଗୀମାନଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଉପଲବ୍ଧ କରାଇବେ। ଏଥିସହ ଆବଶ୍ୟକ ଥିବା ରୋଗୀଙ୍କୁ ଦାତବ୍ୟ ଚିକିତ୍ସାଳୟକୁ ପଠାଯାଇ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ଡା. ସେନଗୁପ୍ତା କହିଛନ୍ତି।

### ନାଳରେ ବୁଡ଼ି ନାବାଳିକା ମୃତ

ବରୀ,୨୪।୪(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତ୍ନଗିରି ପଞ୍ଚାୟତ ରାଉତସାହି ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଖଗେଶ୍ୱର ଦଳାଇଙ୍କ ଝିଅ ଲକ୍ଷ୍ମୀ(୭) ସ୍ଥାନୀୟ କେଲୁଅ ନାଳକୁ ଗୋଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଲକ୍ଷ୍ମୀ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ସେମାନେ ଯାଇ ନାଳରେ ଖୋଜା ଖୋଜି କରିଥିଲେ। ପରେ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣା ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଚୋରି ବ୍ୟାଟେରି ଜବତ, ଜଣେ ଗିରଫ

ଧର୍ମଶାଳା,୨୪।୪(ଡି.ଏନ.ଏ.): ଗାଡ଼ି ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କଘରୁ ଚୋରି ବ୍ୟାଟେରି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ଅନୁସାରେ, ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧଠାରେ ଥିବା ଏକ ଟ୍ରାକ୍ଟରରୁ ଗତ ୨୨ତାରିଖରେ ବ୍ୟାଟେର ଚୋରି ହୋଇଥିଲା। ଏନେଇ ଗାଡ଼ି ମାଲିକ କବାଟବନ୍ଧ ଗ୍ରାମର ବଳରାମ ରାଉତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ନମୁନା ପରୀକ୍ଷାର ଦିନକ ପରେ ମିଳୁଛି ରୋଗୀ ସେବା

ଜଗତ୍‌ସିଂହପୁର ଅଫିସ, ୨୪।୪


ଜିଲା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ଥିବା ପାଣୀ ରୋଗ ନିରୂପଣ କେନ୍ଦ୍ର।

**ଜିଲା ପ୍ରାଣୀଧନ ଚିକିତ୍ସାଳୟ**
- ଡିସ୍‌ପେନ୍ସାରୀ, ଜିଲା ପ୍ରାଣୀରୋଗ ନିରୂପଣ କେନ୍ଦ୍ର ସମୟ ଅଲଗା ରହୁଛି
- ଅପେକ୍ଷା କରି ଲୋକେ ଘରକୁ ଫେରୁଛନ୍ତି
- ସ୍ଥାୟୀ ଭିଏଏସ୍ ନାହାନ୍ତି

ଜଗତ୍‌ସିଂହପୁର ଜିଲା ପ୍ରାଣୀଧନ ଚିକିତ୍ସାଳୟକୁ ପ୍ରାଣୀଙ୍କ ଚିକିତ୍ସା ଓ ନମୁନା ପରୀକ୍ଷା ପାଇଁ ପ୍ରତ୍ୟହ ବହୁସଂଖ୍ୟକ ଲୋକ ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଆବଶ୍ୟକ ସେବା ମିଳିପାରୁନାହିଁ। ବିଶେଷକରି ଗୋବର, ପରିସ୍ରା ଆଦି ପରୀକ୍ଷା ପାଇଁ ନମୁନା ଦେବାକୁ ହେଲେ ସକାଳ ୧୦ରୁ ଅପରାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏହି ପରିସରରେ ଥିବା ଡିସ୍‌ପେନ୍ସାରୀ କିନ୍ତୁ ସକାଳ ୭ରୁ ଅପରାହ୍ନ ୧୧ଟା ଯାଏ ଖୋଲା ରହୁଛି। ଏଥିଯୋଗୁ ନମୁନା ପରୀକ୍ଷା ରିପୋର୍ଟ ଆଣି ଡିସ୍‌ପେନ୍ସାରୀରେ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ପାଇବା ଗୋଟିଏ ଦିନରେ ସମ୍ଭବ ହେଉନି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ସରକାର ମଧ୍ୟ ସରକାରୀ କାର୍ଯ୍ୟାଳୟଗୁଡିକ ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ପରିସ୍ଥିତିରେ ପ୍ରାଣୀଧନ ଚିକିତ୍ସାଳୟ ପରିସର ଜିଲା ପ୍ରାଣୀ ରୋଗ ନିରୂପଣ କେନ୍ଦ୍ର ଦିନ ୧୦ଟାରୁ ଚାଲିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଜଣେ ଲୋକ କହିଛନ୍ତି, ସେମାନଙ୍କ ଗାଈ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ ଡିସ୍‌ପେନ୍ସାରୀରେ ଭିଏଏସ୍‌ଙ୍କୁ ଦେଖାଇଥିଲେ। ଭିଏଏସ୍ ଗୋବର ପରୀକ୍ଷା ପାଇଁ ଲେଖିଦେଲେ। ଗୋବର ନେଇ ସେମାନେ ଏହି ପରିସରରେ ଥିବା ନମୁନା ପରୀକ୍ଷା କେନ୍ଦ୍ରରେ ଦେବାକୁ ଗଲାବେଳକୁ ଏହା ଖୋଲା ନ ଥିଲା। ଜାଣିବାକୁ ମିଳିଥିଲା ସକାଳ ୧୦ଟା ପରେ ପରୀକ୍ଷା କେନ୍ଦ୍ର ଖୋଲିବ। ତେଣୁ ବାଧ ହୋଇ ଅପେକ୍ଷା କରିଥିଲେ। କେନ୍ଦ୍ର ଖୋଲିଲା ପରେ ନମୁନା ଦେଇଥିଲେ। କିନ୍ତୁ ବସିବାକୁ ସୁବିଧା ନ ଥିବାରୁ ବାହାରେ ଖରାରେ ଗୋଡ ଭାଙ୍ଗି ଦୀର୍ଘ ସମୟ ଛିଡା ହେବାକୁ ପଡିଥିଲା। ରିପୋର୍ଟ ପାଇଲା ବେଳକୁ ଡିସ୍‌ପେନ୍ସାରୀ ବନ୍ଦ ହୋଇ ଯାଇଥିଲା। ଏ ପରିସ୍ଥିତିରେ ସେ ବାଧ ହୋଇ ସେ ଘରକୁ ଫେରିଯାଇଥିଲେ। ପରଦିନ ପୁଣି ଡିସ୍‌ପେନ୍ସାରୀରେ ପହଞ୍ଚି ଭିଏଏସ୍‌ଙ୍କୁ ରିପୋର୍ଟ ଦେଖାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ କିଣିଥିଲେ। ଏଭଳି ଜିଲାର ଦୂର ଦୂରାନ୍ତରୁ ଆସୁଥିବା ବହୁ ସଂଖ୍ୟକ ଲୋକ ଏହି ପରୀକ୍ଷା କେନ୍ଦ୍ରକୁ ନମୁନା ପରୀକ୍ଷା ପାଇଁ ନମୁନା ନେଇ ଆସୁଛନ୍ତି। କିନ୍ତୁ ନମୁନା ପରୀକ୍ଷା କେନ୍ଦ୍ର ଓ ଡିସ୍‌ପେନ୍ସାରୀ କାର୍ଯ୍ୟ ସମୟ ଅଲଗା ଥିବାରୁ ସେମାନେ ଅସୁବିଧାରେ ପଡୁଛନ୍ତି। ଏଥିସହ ସେଠାରେ କୌଣସି ସ୍ଥାୟୀ ଭିଏଏସ୍ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ବାଲିକୁଦା ଅତିରିକ୍ତ ଭିଏଏସ୍ ସୌମ୍ୟଜିତ ରାଉତ କହିଛନ୍ତି, ତାଙ୍କୁ ଗୁରୁବାରରୁ ଶନିବାର ପର୍ଯ୍ୟନ୍ତ ଲାବରେଟୋରି ଦାୟିତ୍ୱ ତୁଲାଇବାକୁ ପଡୁଛି। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାନ୍ଦପୁର ଭିଏଏସ୍ ଦାୟିତ୍ୱରେ ରହୁଛନ୍ତି। ପ୍ରତ୍ୟହ ରକ୍ତ, ପରିସ୍ରା, କ୍ଷୀର ଆଦି ପାଖାପାଖି ୩୦ରୁ ଅଧିକ ନମୁନା ପରୀକ୍ଷା ହେଉଛି। ଏସବୁ ପରୀକ୍ଷା ରିପୋର୍ଟ ବାହାର କରିବାକୁ ଅପରାହ୍ନ ହୋଇଯାଉଛି। କଲଚର୍ ପରୀକ୍ଷାର ଆବଶ୍ୟକତା ଥିଲେ ସୁଦ୍ଧା ସେ ସୁବିଧା ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ। ତେବେ ଯାହା ସୁବିଧା ଅଛି ସେ ଅନୁଯାୟୀ ଆବଶ୍ୟକ ସେବା ଯୋଗାଇ ଦିଆଯାଉଛି। କିନ୍ତୁ ଡିସ୍‌ପେନ୍ସାରୀ ସକାଳୁଆ ଓ ପରୀକ୍ଷାଗାର ସମୟ ଦିନବେଳା ହେବାରୁ ଅସୁବିଧା ହେଉଛି। ଏ ସମ୍ପର୍କରେ ରାଉତ ଏଡିଭିଓ (ଡିସି)ଙ୍କୁ ଲିଖିତ ଭାବେ ଜଣାଇ ପ୍ରତିକାର ପାଇଁ ଅନୁରୋଧ କରିଛନ୍ତି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସେ ପରୀକ୍ଷା କେନ୍ଦ୍ରକୁ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବାକୁ ପ୍ରସ୍ତାବ ଦେଇଥିବା କହିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

**ବିବାହ ଟେଣ୍ଟ କାମ ବେଳେ ଦୁର୍ଘଟଣା**

ସାଲେପୁର, ୨୪।୪(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ ଗଙ୍ଗେଶ୍ୱର ଗ୍ରାମରେ ବିବାହ ଉତ୍ସବ ନିମନ୍ତେ ଟେଣ୍ଟରେ ଲାଇଟ୍ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ସିଡ଼ୋ ଗ୍ରାମର ବିକାଶ ସ୍ୱାଇଁ(୨୦)। ସେ ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ କରମୁଆଁସ୍ଥିତ ନବ ଜେନାଙ୍କ ଟେଣ୍ଟ ହାଉସରେ କାମ କରୁଥିଲେ। ଗଙ୍ଗେଶ୍ୱରଠାରେ ଚାଲିଥିବା ବିବାହ ଉତ୍ସବରେ ସେ ଟେଣ୍ଟ ବାନ୍ଧିବା ସହ ଆଲୋକୀକରଣ କରିବାକୁ ଆସିଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସର୍ଶରେ ଆସିବାରୁ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ ହୋଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

## ‘ଜନପ୍ରତିନିଧି ନିଷ୍ଠାର ସହ କାମ କରନ୍ତୁ’

**ଜାତୀୟ ପଞ୍ଚାୟତିରାଜ ଦିବସ**

କୁଜଙ୍ଗ,୨୪।୪(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ପୋତାନଈ ପଞ୍ଚାୟତ କାର୍ଯ୍ୟାଳୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ବ୍ରଜକିଶୋର ମହାରାଜ ଅଧ୍ୟକ୍ଷତା କରି ପଞ୍ଚାୟତିରାଜ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିମାନଙ୍କୁ ନିଷ୍ଠାର ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ତୃଣମୂଳସ୍ତର ଜନତା ପଞ୍ଚାୟତିରାଜର ସୁଫଳ ପାଇପାରିବେ ବୋଲି କହିଥିଲେ। ଏହି ସମାରୋହରେ ସମିତି ସଭ୍ୟ ସତ୍ୟବାନ୍ ମୁଦୁଲି, ନାଏବ ସରପଞ୍ଚ ରୋଜାଲିନ୍ ବିଶ୍ୱାଳ, ପୂର୍ବତନ ଜନପ୍ରତିନିଧି ନଳିନୀକାନ୍ତ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ମହାପାତ୍ର ଏବଂ ଗ୍ରାମ ରୋଜଗାର ସେବିକା ଶୋଭାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ଅନ୍ୟମାନେ।


ପାରାଦୀପ ସମୁଦ୍ର ବେଳାଭୂମିରେ କରାଟେ ଆସାସିଏଶର ଛାତ୍ରୀଛାତ୍ର।

## ବେଳାଭୂମିରେ କରାଟେ ପ୍ରଶିକ୍ଷଣ

ପାରାଦୀପ,୨୪।୪(ସ୍ୱ.ପ୍ର.)

ପାରାଦୀପ କରାଟେ ଆସୋସିଏଶନ ପକ୍ଷରୁ ରବିବାର ସମୁଦ୍ର ବେଳାଭୂମିରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପିପିଏଲ, ଆଇଓସିଏଲ, ଗଡକୁଜଙ୍ଗ ଅଞ୍ଚଳରୁ ୭୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କରାଟେ ପ୍ରଶିକ୍ଷଣ ପରେ ଛାତ୍ରୀଛାତ୍ରମାନେ ସମୁଦ୍ର ବାଲିରେ କଳାକୃତି କରିଥିଲେ। ଏନେଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ପ୍ରଶିକ୍ଷକ କାହ୍ନୁ ମଲ୍ଲିକ, ଅମର ରାଉତ, ଶଶିକାନ୍ତ ସ୍ୱାଇଁ, ବିନାୟକ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ଲୁହାପଥର ଗଚ୍ଛିତ ଅଭିଯୋଗରେ ଆଉ ୩ ଗିରଫ

ଧର୍ମଶାଳା/ଜେନାପୁର, ୨୪।୪ (ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ନୂଆସାହି ଜଙ୍ଗଲ ନିକଟରେ ବେଆଇନ ଭାବେ ଲୁହାପଥର ଗଚ୍ଛିତ ରଖିବା ଅଭିଯୋଗରେ ରବିବାର ପୋଲିସ ଆଉ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଜଗତଜୀବନ ପଣ୍ଡା(୪୨), କଳିଙ୍ଗନଗର ଥାନା ନିମପାଲ୍ଲୀ ଅଞ୍ଚଳର ହେମନ୍ତ କୁମାର ମୁଦୁଲି(୪୩) ଓ ଚମକା ଥାନା ଚିଟଣୀ ଅଞ୍ଚଳର ରଙ୍ଗବଲ୍ଲଭ ଜେନା। ସୂଚନାଯୋଗ୍ୟ, ନୂଆସାହି ଜଙ୍ଗଲ ନିକଟରେ ବେଆଇନ ଲୁହାପଥର ଗୁଣ୍ଡ ଗଚ୍ଛିତ ଥିବା ଖବର ପାଇ ଗତ ୧୦ତାରିଖରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଧାନମଣ୍ଡଳ ଅଞ୍ଚଳର ସେକ୍ ମନାନଙ୍କୁ ଗିରଫ କରାଯାଇଥିଲା। ୩ ଗିରଫ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଡମପଡ଼ା ଚନ୍ଦକା ଅଭୟାରଣ୍ୟରେ ଅଗ୍ନିକାଣ୍ଡ

ବାଙ୍କୀ,୨୪।୪(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ବାଆଁରା ଗ୍ରାମ ପଞ୍ଚାୟତର ଡାଳଖାଇ ନିକଟ ଅଭୟାରଣ୍ୟରେ ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗେଇ ଦେଇଛନ୍ତି। ଫଳରେ ବହୁ ମୂଲ୍ୟବାନ ଗଛ ଜଳିଯାଇଛି। ଏଥିରେ ଜଙ୍ଗଲି ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଖବରପାଇ ବନବିଭାଗ କର୍ମଚାରୀ ଓ ଡମପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।


ଅଭୟାରଣ୍ୟରେ ନିଆଁ ଜଳୁଛି।

## ମହାଲକ୍ଷ୍ମୀ କ୍ରିକେଟ: ନୂଆଗାଁ ଚାମ୍ପିୟନ

ବିରିଡ଼ି, ୨୪।୪(ଡି.ଏନ୍.ଏ)

ମା'ମହାଲକ୍ଷ୍ମୀ କ୍ରିକେଟ କ୍ଲବ ବାଇପଦା ଆନୁକୂଲ୍ୟରେ ନବମତମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ବିଶ୍ୱନାଥ ହାଇସ୍କୁଲ ପଡ଼ିଆରେ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ବିରିଡି ବ୍ଲକ ୨ ନଂ.ଜୋନ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ବିରିଡ଼ି ବ୍ଲକ ବିଜେଡି ଯୁବ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଚନ୍ଦନ ବିଶ୍ୱାଳ, ଧର୍ମେନ୍ଦ୍ର ପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ୮ ଓଭରବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଜୟପୁର ଓ ନୂଆଗାଁ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନୂଆଗାଁ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମା'ମହାଲକ୍ଷ୍ମୀ କ୍ରିକେଟ କ୍ଲବ ସଭାପତି ଗୌତମ ବିଶ୍ୱାଳ, ସମ୍ପାଦକ ଦୀପ୍ତିରଞ୍ଜନ ବିଶ୍ୱାଳ ଯୋଗଦେଇ ନୂଆଗାଁ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ଜୟପୁର ଟିମ୍‌କୁ ରନର୍ସ ଅପ୍ କପ୍ ସହ ୬ ହଜାର ଟଙ୍କା ଦିଆଯାଇଛି। ଏଥିରେ ଅମ୍ପାୟାର ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଦୀପ୍ତିରଞ୍ଜନ ବିଶ୍ୱାଳ ଯୋଗଦେଇ ଖେଳ ପରିଚାଳନା କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ବିଜୁବାବୁଙ୍କ ନାମରେ ହେଉ ପାରାଦୀପ ବନ୍ଦର

ପାରାଦୀପ,୨୪।୪(ସ୍ୱ.ପ୍ର.)

କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ରବିବାର ପାରାଦୀପ ବନ୍ଦର ଗସ୍ତରେ ଆସିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଦାବିପତ୍ର ଦିଆଯାଇଛି। ସେଥିମଧ୍ୟରେ ଏପିଏପି (ଆମ ପାରାଦୀପ ଆମ ପ୍ରଗତି),ପାରାଦୀପ ଷ୍ଟିଭେଡର୍ସ ଆସୋସିଏଶନ, ଓମ୍ପା ଆଦି ସଂଗଠନ ରହିଛି। ଏପିଏପି ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ପାରାଦୀପ ବନ୍ଦରକୁ ବିଜୁପଟ୍ଟନାୟକଙ୍କ ନାମରେ ନାମିତ କରିବା। ଏତଦ୍‌ବ୍ୟତୀତ ଗୋଟିଏ ଏୟାରଷ୍ଟ୍ରିପ, ବର୍ଷାଦିନେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥିତ ବାଟ, ପାରାଦୀପ ବଜାରର ନବୀକରଣ, ଭେଣ୍ଡିଂଜୋନ କରିବା ଓ ଆନ୍ତର୍ଜାତିକସ୍ତରର ବଜାର ସୌନ୍ଦର୍ଯ୍ୟକରଣ, ପାରାଦୀପରେ ଥିବା ବସ୍ତିବାସିନ୍ଦାଙ୍କୁ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ ଇତ୍ୟାଦି । ଏପିଏପିର ମୁଖ୍ୟ ଅରିନ୍ଦମ ସର୍ଖେଲ(ବାପି) ଏହି ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ପାରାଦୀପ ଷ୍ଟିଭେଡର୍ସ ଆସୋସିଏଶନ ପକ୍ଷରୁ ଅକ୍ଷୟ ଚନ୍ଦ୍ର ସୂତାର ଏକ ପ୍ରମୁଖ ପ୍ରସଙ୍ଗ ଉପରେ ଦାବିପତ୍ର ଦେଇଛନ୍ତି। ତାହା ହେଲା, ପୋର୍ଟରେ ଏବେ ୨୧ଟି ବର୍ଥ ଅଛି। ସେଥିମଧ୍ୟରୁ ୧୭ ବର୍ଥ ଘରୋଇ ସଂସ୍ଥା ସହ ଚୁକ୍ତି କରିଛନ୍ତି। ମାତ୍ର ୪ଟି ବର୍ଥରେ ବିଭିନ୍ନ ଉଦ୍ୟୋଗୀମାନେ କାମ କରୁଛନ୍ତି। ଏହା ଜରିଆରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ଲକ୍ଷାଧିକ ଲୋକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏବେ ସରକାର ସେହି ୪ ଟି ବର୍ଥ ମଧ୍ୟରୁ ୩ଟିକୁ ପିପିପି(ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ)ଜରିଆରେ ଯାନ୍ତ୍ରିକୀକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହା ବନ୍ଦର ବ୍ୟବହାରକାରୀ ସଂସ୍ଥା ପାଇଁ ବୁମେରାଂ ହୋଇପାରେ। ଏନେଇ ପ୍ରସ୍ତାବିତ ୩ଟି ନୂତନ ବର୍ଥକୁ ଅଲଗା ଜାଗାରେ କରାଯାଉ। ଚଳିତବର୍ଷ ଉକ୍ତ ୪ ମାନୁଆଲ ବର୍ଥରେ ୨୭ ମିଲିୟନ ଟନ ପଣ୍ୟ କାରବାର ହୋଇଛି। ଏହାର ରୟାଲ ଶେୟାରିଂ ଶତପ୍ରତିଶତ ବନ୍ଦର ପ୍ରଶାସନ ପାଇଛି। ଆଗକୁ ମଧ୍ୟ ଏହିଭଳି ଲାଭବାନ ହେବ। ପିପିପି ମୋଡରେ ପରିଚାଳିତ ହେଲେ ଆର୍ଥିକ କ୍ଷତି ହେବ ବୋଲି ସେ ଦର୍ଶାଇଛନ୍ତି। ସେହିପରି ପାରାଦୀପ ମାଛଧରା ବନ୍ଦରର ପ୍ରସ୍ତାବିତ ନବୀକରଣ କାମରେ ଏକ ବରଫ ଭଣ୍ଡାର କରିବା ପାଇଁ ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା ଦାବିପତ୍ର ପ୍ରଦାନ କରିଛନ୍ତି।

# ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଲୋକାର୍ପଣ ଆଜି

**କେନ୍ଦ୍ରମନ୍ତ୍ରୀ ସୋନୱାଲଙ୍କ ଦୁଇଦିନିଆ ପାରାଦୀପ ଗସ୍ତ**

ପାରାଦୀପ,୨୪।୪(ସ୍ୱ.ପ୍ର.)

କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର, ଜଳପଥ ଓ ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ରବିବାର ଦୁଇଦିନିଆ ପାରାଦୀପ ଗସ୍ତରେ ଆସିଛନ୍ତି। ସୋମବାର ଇଫ୍‌କୋ କାରଖାନା ପଛରେ ତିଆରି ହୋଇଥିବା ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଜେଟୀର ସେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଯୋଗେ ଉପସ୍ଥିତ ରହିବେ। ଏହାପରେ ପାରାଦୀପ ବନ୍ଦରର ୨୯.୬୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କଣ୍ଟେନର ସ୍କାନର, ୯୩ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣାଧିନ ଦ୍ୱିତୀୟ ପ୍ରବେଶ ପ୍ରସ୍ଥାନ ଫ୍ଲାଏ ଓଭର ରାସ୍ତା ,୧୦.୬୫ କୋଟି ଟଙ୍କାର ଏସଟିପି (ସିୟୁ ୱେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ), ଆୟୁଷ ବଗିଚା ଏବଂ ୧.୩୪ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ପାରାଦୀପ କଲେଜ ବଏଜ ହଷ୍ଟେଲକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋନୱାଲ ପାରାଦୀପର ଅସ୍ଥାୟୀ ହେଲିପ୍ୟାଡ ବତୀଘର ପାଖରେ ପହଞ୍ଚିଥିଲେ। ଏହାପରେ ସେ ସଡ଼କ ପଥରେ ନେହେରୁ ବଙ୍ଗଳା ଜବାହର ଅତିଥିଭବନକୁ ଯାଇଥିଲେ। ସେଠାରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସିଆଇଏସ୍‌ଏଫ ପକ୍ଷରୁ ମନ୍ତ୍ରୀଙ୍କୁ ଗାର୍ଡ ଅପ୍ ଅନର ଦିଆଯାଇଥିଲା। ସନ୍ଧ୍ୟାରେ ମନ୍ତ୍ରୀ ସୋନୱାଲ ପାରାଦୀପର ମଧୁବନଠାରେ ନବନିର୍ମିତ ବିଜୁ ସଦନକୁ ଉଦ୍‌ଘାଟନ କରିଥିଲେ।

ଉକ୍ତ ସଦନ ପରିସରରେ ବନ୍ଦର ବ୍ୟବହାରକାରୀ ସଂସ୍ଥା ଓ ୟୁନିୟନ ପ୍ରତିନିଧିଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଏକାଧିକ ଦାବିପତ୍ର ଦିଆଯାଇଥିଲା। ଏହାପରେ ମନ୍ତ୍ରୀ ସୋନୱାଲ ବନ୍ଦର ପ୍ରଶାସନିକ ଭବନରେ ପହଞ୍ଚି ବିଭାଗୀୟ ମୁଖ୍ୟଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ୨୦୩୦ ସୁଦ୍ଧା ପାରାଦୀପ ବନ୍ଦର ବାର୍ଷିକ ୫୦୦ ମିଲିୟନ ଟନ ପଣ୍ୟ କାରବାର କରିବାକୁ ଲକ୍ଷ୍ୟ ରହିଛି। ସେନେଇ ପ୍ରସ୍ତାବିତ ଯାନ୍ତ୍ରିକୀକରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଜବାହର ଅତିଥି ଭବନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ସ୍ୱାଗତ କରୁଛନ୍ତି।

# ବର୍ଷାଦିନେ ଜଳବନ୍ଦୀ ସହରବାସୀ

**କେନ୍ଦ୍ରାପଡ଼ା ଅଫିସ,୨୪।୪**

- କାର୍ଯ୍ୟକାରୀ ହେଉନି ଡ୍ରେନେଜ୍ ସିଷ୍ଟମ ପ୍ଲାନ୍
- ଫାଇଲ୍ ତଳେ ୨ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ


କେନ୍ଦ୍ରାପଡ଼ା ସହର ଦେଇ ଯାଇଥିବା ଗୋବରୀ ନଦୀରେ ଦଳ ଭର୍ତ୍ତି।

କେନ୍ଦ୍ରାପଡ଼ା ପୌର ପରିଷଦ ନିର୍ବାଚନ ଦୀର୍ଘ ୬ ବର୍ଷ ପରେ ଶେଷ ହୋଇଛି। ଏହି ପରିଷଦ ପାଇଁ ପୌରାଞ୍ଚଳ ଡ୍ରେନେଜ୍ ସିଷ୍ଟମର ପୁନରୁଦ୍ଧାର ଏକ ସମସ୍ୟା ଭାବେ ଉଭା ହୋଇଛି। ପୌରପାଳିକା ପକ୍ଷରୁ ଡ୍ରେନ୍ ସଫେଇକୁ ଗୁରୁତ୍ୱ ଦିଆଯାଉଛି। ହେଲେ ରାଜ୍ୟ ସରକାରଙ୍କ ସହର ଉନ୍ନୟନ ବିଭାଗ ପକ୍ଷରୁ ୨ଟି ଡ୍ରେନେଜ୍, ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଫାଇଲ ତଳେ ଚାପି ହୋଇ ରହିଛି। ଆଗାମୀ ବର୍ଷାଋତୁ ପୂର୍ବରୁ ଏହି ପ୍ରକଳ୍ପ ଶେଷ ନ ହେଲେ ସହରର ଅର୍ଦ୍ଧାଧିକ ସ୍ଥାନ ଜଳବନ୍ଦୀ ହେବା ଆଶଙ୍କା ଦେଖାଦେଇଛି। ତୁରନ୍ତ ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହରବାସୀ ମତ ଦେଇଛନ୍ତି। ୨୦୧୭ରେ ରାଜ୍ୟ ସ୍ୱରେଜ ବୋର୍ଡ ଓ ଟିଟିଆଇ କନ୍‌ସୁଲେଟିଂ ଇଞ୍ଜିନିୟର୍ସ ସଂସ୍ଥା ପକ୍ଷରୁ ସହରର ଜଳ ନିଷ୍କାସନ ସହ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା। ଏହି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଇନ୍ଦୁପୁର ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିଲା। ସେହିପରି ନଗର ଉନ୍ନୟନ ବିଭାଗ ପକ୍ଷରୁ ଡ୍ରେନେଜ ବିଭାଗ ସହାୟତାରେ ୧୯ କୋଟି ୪୭ ଲକ୍ଷ ଟଙ୍କାର ଦ୍ୱିତୀୟ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି। ତେବେ ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରିତାରେ ବହୁ ବିଳମ୍ବ ହେଲାଣି।

ଏ ସମ୍ପର୍କରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା କୁହନ୍ତି, ପ୍ରଥମ ଡ୍ରେନେଜ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ତତ୍କାଳୀନ ପୌର ପରିଷଦ ଉଦ୍ୟମ କରିଥିଲା। ଯୋଜନା ଅନୁଯାୟୀ, ସହରର ଡ୍ରେନ ଓ ବର୍ଷାଜଳକୁ ଗୋବରୀ ନଦୀ ଏବଂ କେନାଲକୁ ନ ଛାଡ଼ି ଏକ ସ୍ୱତନ୍ତ୍ର ଡ୍ରେନ ମାଧ୍ୟମରେ ସହର ବାହାରେ ଏକ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ପ୍ଲାଣ୍ଟରେ ମଇଳା ପାଣିକୁ ବିଶୋଧନ କରାଯାଇ ଗୋବରୀ ନଦୀ ଓ କେନାଲକୁ ଛଡାଯିବ ବୋଲି ସ୍ଥିର ହୋଇଥିଲା। ଫଳରେ ସହର ମଧ୍ୟଦେଇ ଯାଇଥିବା ନଦୀ ଓ କେନାଲ ପ୍ରଦୂଷଣ ମୁକ୍ତ ରହିବ। ଫକୀରାବାଦର ମୀର ଅବୁ ଓବେଦା କହିଛନ୍ତି, ସାମାନ୍ୟ ବର୍ଷାରେ ସହରର ବିଭିନ୍ନ ଡ୍ରେନ ଉଛୁଳି ପଡୁଛି। ଫଳରେ ପାଣି ସହ ଡ୍ରେନରେ ଥିବା ଅଳିଆ ଆବର୍ଜନା ବାହାରକୁ ଆସି ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ଦୀର୍ଘଦିନ ଧରି ରହିଥିବା ସତ୍ତ୍ୱେ ଏହାର ସମାଧାନ ପାଇଁ ପ୍ରଶାସନିକ ତତ୍ପରତା ନାହିଁ। ବର୍ଷାଋତୁ ପୂର୍ବରୁ ଏହାର ସମାଧାନ ହେଲେ ସହରବାସୀ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ୨୧ ନଂ. ୱାର୍ଡର ସାମାଜିକ କର୍ମୀ ଉମେଶ ଚନ୍ଦ୍ର ପାଢ଼ୀ କହିଛନ୍ତି, ବର୍ଷା ହେଲେ ସ୍ଥାନୀୟ ସହରବାସୀଙ୍କ ବିପତ୍ତି ବଢୁଛି। ୨୧ ନଂ. ୱାର୍ଡ ସହ ୧୨ ଓ ୧୩ ନଂ. ରେ ବର୍ଷାଜଳ ଭରି ରହୁଛି। ସହର ମଧ୍ୟରେ ଥିବା ଜଳପଥ ଓ ଡ୍ରେନ୍‌ଗୁଡିକ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ଫଳରେ ବର୍ଷାଜଳ ସମଗ୍ର ସହର ମଧ୍ୟରେ ସହଜ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ଜଳପଥ ଉପରେ ଗୃହ ନିର୍ମାଣ ପାଇଁ ଅନୁମତି ପ୍ରଦାନ ବନ୍ଦ ହେବା ସହ ଜବରଦଖଲକାରୀଙ୍କ ଉଚ୍ଛେଦ ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ପୌରାଧକ୍ଷା ସରିତା ସାହୁଙ୍କୁ ପଚାରିବାରେ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ନିକଟରେ ସମୀକ୍ଷା ହୋଇଥିଲା। ଏଥିସହ ସହରବାସୀଙ୍କ ପାଇଁ ସୁସ୍ଥ ପରିବେଶ ଓ ଡ୍ରେନେଜ୍ ସିଷ୍ଟମର ଉନ୍ନତୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ଉଦ୍ୟମ ଚାଲିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ବିଞ୍ଝାରପୁର,୨୪।୪(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ବାଲିଚନ୍ଦ୍ରପୁର ଗ୍ରାମର ରଞ୍ଜିତ ବେହେରା ଓରଫ୍ ସିପୁନ। ଅଭିଯୋଗ ଅନୁସାରେ, ଗତ ୨୨ତାରିଖ ପୂର୍ବାହ୍ନରେ ନାବାଳିକା ଜଣକ ରଶି କିଣିବା ପାଇଁ ନିକଟସ୍ଥ ବାଲିଚନ୍ଦ୍ରପୁର ବଜାରକୁ ଯାଇଥିଲେ। ସେଠାରେ ରଶି ବିକ୍ରି କରୁଥିବା ଦୋକାନୀ ରଞ୍ଜିତଙ୍କୁ ନାବାଳିକା ରଶି ଦର ପଚାରିଥିଲେ। ଏହି ସମୟରେ ରଞ୍ଜିତ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ତେବେ ଏହି ଘଟଣାକୁ ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ଚାପି ଦେବାକୁ ବସିଥିଲାବେଳେ ପୀଡ଼ିତାଙ୍କ ମା' ଅଳକୁଣ୍ଡ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିଲା। ଏସ୍‌ଆଇ କଳ୍ପନା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଶନିବାର ରାତିରେ ବାଲିଚନ୍ଦ୍ରପୁର ଗ୍ରାମରେ ଚଢ଼ାଉକରି ରଞ୍ଜିତଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।

### ବାଲ୍ୟ ବିବାହ ପ୍ରଥା ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ

**ରାଜନଗର, ୨୪।୪(ଡି.ଏନ.ଏ.):** ରାଜନଗର ବ୍ଲକର ବଙ୍ଗୀୟ ଭାଷାଭାଷୀ ଅଞ୍ଚଳରେ ବେଧଡକ ଭାବେ ବାଲ୍ୟ ବିବାହ ଚାଲିଛି। ବାଲ୍ୟ ବିବା ହ ବନ୍ଦ ସହ ଲୋକଙ୍କୁ ସଚେତନ କରିବାକୁ ବ୍ଲକସ୍ତରୀୟ ଏକ କମିଟି ଥିଲେ ମଧ ତାହା କେବଳ କାଗଜ କଲମରେ ସୀମିତ ରହିଛି। ବାଲ୍ୟ ବିବାହ ଭଳି କୁସଂସ୍କାର ପ୍ରଥା ହଟାଇବାକୁ ବଙ୍ଗୀୟ ଭାଷାଭାଷୀ ଅଞ୍ଚଳରୁ ନବ ନିର୍ବାଚିତ ସରପଞ୍ଚଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜନଗର ବ୍ଲକ କୃଷ୍ଣନଗରର ସରପଞ୍ଚ ନନ୍ଦ ଦୁଲାଲ ପରିଡା ବାଲ୍ୟ ବିବାହ ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ଅଣ୍ଟା ଭିଡିଛନ୍ତି। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପରିଡାଙ୍କ ନେତୃତ୍ୱରେ ବାଲ୍ୟ ବିବାହ ବନ୍ଦ କରିବାକୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ସମିତିସଭ୍ୟ ବିଶ୍ୱନାଥ ମାଇତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ବାଲ୍ୟ ବିବାହ ଭଳି କୁସଂସ୍କାର ପ୍ରଥା କିପରି ଏ ଅଞ୍ଚଳରୁ ସମ୍ପୂର୍ଣ୍ଣ ଲୋପ ପାଇବ, ସେ ନେଇ ଲୋକଙ୍କୁ ସଚେତନ କରିଥିଲେ। ୧୮ ବର୍ଷରୁ କମ୍ ବୟସର ଝିଅ ଏବଂ ପୁଅଙ୍କୁ ମା'ବାପା ବିବାହ ଦେଲେ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଡିପିଓ ବାଜମ ଆରା ବେଗମ, ଡା. ଆଦିତ୍ୟ ନାରାୟଣ ପ୍ରଧାନ, ସୁପରଭାଇଜର ସ୍ୱାଗତିକା ତରାଇ ପ୍ରମୁଖ ଯୋଗଦେଇ ଅପରିପକ୍ୱ ବୟସରେ ମା'ବାପା ହେବା ଶିଶୁ ଓ ମାଆର ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖା ଦେଇଥାଏ। ଏଭଳି ବ୍ୟାଧିର ସମାଧାନ ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି, ଆଶା କର୍ମୀ ଓ ପଞ୍ଚାୟତର ମୁରବିମାନେ ଯୋଗଦେଇଥିଲେ।

## ଅସଦାଚରଣ ମାମଲାରେ ଯୁବକ ଗିରଫ

**ଧର୍ମଶାଳା/ଚଢ଼େଇଧରା,୨୪।୪ (ଡି.ଏନ.ଏ.)**

ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଡ଼ମଧୁପୁର ଗ୍ରାମର ଗୋବର୍ଦ୍ଧନ ଧୀର(୨୨)। ନାବାଳିକାଙ୍କ ଅସଦାଚରଣ କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଧର୍ମଶାଳା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

**ଚଣ୍ଡିଖୋଲ,୨୪।୪(ଡି.ଏନ୍.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଦାଳୋ ଗ୍ରାମରେ ଶନିବାର ବେଆଇନ ମାଟି ଉଠାଣ ସମୟରେ ଫଟୋଚିତ୍ର ଉତ୍ତୋଳନ କରୁଥିବା ଖବରଦାତା ପବିତ୍ର କୁମାର ସାମଲ ଓ ବିମଳ ବେହେରାଙ୍କୁ ବନ୍ଦାଳୋ ଗ୍ରାମର କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ଶନିବାର ରାତିରେ ଗ୍ରାମରେ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଦାଳୋ ଗ୍ରାମର ଅବିନାସ ରାଉତ (୩୨), ସୋମନାଥ ସେଠୀ (୩୨), ତ୍ରିଲୋଚନ ବେହେରା (୩୩) ଓ ବସନ୍ତ ପାଢ଼ୀ (୪୬)। ତେବେ ଆଗାମୀ ଦିନରେ ଏହି ଗିରଫ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଥାନାଧିକାରୀ ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୧୪୨/୨୨ ରୁଜୁ କରାଯାଇଛି।

# ଧନେଶ୍ୱର ପାଢ଼ୀଙ୍କୁ ଶିକ୍ଷକ ଗୌରବ ସମ୍ମାନ

**କେନ୍ଦ୍ରାପଡ଼ା ଅଫିସ,୨୪।୪**


ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ**

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ହାଇସ୍କୁଲର ପୁରାତନ ଛାତ୍ର ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶ୍ରୀବତ୍ସଲାଞ୍ଛନ ଜେନାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଶିକ୍ଷକ ଧନେଶ୍ୱର ପାଢ଼ୀଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଧାୟକ ଶଶିଭୂଷଣ ବେହେରା, କଟକ ମେୟର ସୁବାସ ସିଂ, ଶିକ୍ଷାବିତ ବୈଷ୍ଣବ ଚରଣ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ସହ ସମ୍ପ୍ରତି କରୋନା ସଂକ୍ରମଣ ସମୟରେ ଶିକ୍ଷାଦାନ କ୍ଷେତ୍ରରେ ବିଚ୍ୟୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥିସହ ପୁରାତନ ଛାତ୍ରଙ୍କ ସ୍କୁଲ ପ୍ରତି ଆନୁଗତ୍ୟ ପ୍ରକାଶ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷକ ପାଢୀଙ୍କୁ ସମ୍ମାନୀତ କରାଯିବା ସହ ପୂର୍ବତନ ଛାତ୍ର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସଦ ସମ୍ପାଦକ ପ୍ରଣବ କୁମାର ଜେନା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଉତ୍ସବକୁ କର୍ମକର୍ତ୍ତା ପର୍ଶୁରାମ ସ୍ୱାଇଁ, ପରୀକ୍ଷିତ ପାତ୍ର, ଡା. ବିରଞ୍ଚି ନାରାୟଣ ଜଗଦ୍ଦେବ, ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଆଳି ଧୋୟାଞ୍ଚଳରେ ଦମକଳ କେନ୍ଦ୍ର ସ୍ଥାପନ ଦାବି

**ଆଳି,୨୪।୪(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ସଦର ମହକୁମାଠାରୁ ୨୫ କି.ମି. ଦୂରରେ ଧୋୟାଞ୍ଚଳ ଅବସ୍ଥିତ। ଏଠାରେ ଅଗ୍ନିକାଣ୍ଡ ଘଟିଲେ ଦମକଳ ଗାଡି ପହଞ୍ଚିବା ବେଳକୁ ସବୁ କିଛି ଚାରଖାର ହୋଇ ଯାଉଛି। ତେଣୁ ଧୋୟାଅଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଆଳି ବ୍ଲକର ଡ଼ିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ଏରଡଙ୍ଗ, ପାଳିମି, ସଂସିଧା, ପେତପଡା ଆଦି ୧୦ ଟି ପଞ୍ଚାୟତକୁ ନେଇ ଗଠିତ ଆଳି ଧୋୟାଞ୍ଚଳ। ଧୋୟାଞ୍ଚଳର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ସେମାନେ ସରକାରୀ ଓ ବେସରକାରୀ କାର୍ଯ୍ୟ ନିମନ୍ତେ ଦୈନିକ ଆଳିକୁ ଆସିଥାନ୍ତି। ଏହି ପଞ୍ଚାୟତଗୁଡିକର ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ଅଗ୍ନିକାଣ୍ଡ। ସ୍ଥାନୀୟ ଅଞ୍ଚଳରେ କେଉଁଠି ଅଗ୍ନିକାଣ୍ଡ ଘଟିଲେ ଲୋକେ ଆଳି କିମ୍ବା ବିଞ୍ଝାରପୁର ଦମକଳ କେନ୍ଦ୍ର ସହିତ ଯୋଗାଯୋଗ କରିଥାନ୍ତି। ଧୋୟାଞ୍ଚଳରୁ ଆଳିର ଦୂରତା ୨୫ କି.ମି. ହୋଇଥିବା ବେଳେ ବିଞ୍ଝାରପୁର ଦୂରତା ଅଳ୍ପ ଦୂର। ତେଣୁ ଗ୍ରାମରେ କୌଣସି ଅଗ୍ନିକାଣ୍ଡ ଘଟିଲେ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ନ୍ତି। କିଛିଦିନ ପୂର୍ବେ ଆଳି ଜୁଆଣିଆଠାରେ ଏକ ବାଉଁଶ ବୁଦାରେ ଅଗ୍ନିକାଣ୍ଡ ଘଟି ଅନ୍ୟ ଅଞ୍ଚଳକୁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ଲୋକ ନିଆଁକୁ ଆୟତ୍ତ କରିଥିଲେ। ଆଳିରୁ ଦମକଳ ଯାଇ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଲିଭାଇ ଥିଲା। ଘଟଣା ଘଟିଥିବା ସ୍ଥାନରେ ଦମକଳ ପହଞ୍ଚିବା ପୂର୍ବରୁ ଅନେକ କ୍ଷୟକ୍ଷତି ଘଟିଯାଉଛି। ବ୍ଲକର ୩୪ଟି ପଞ୍ଚାୟତ ନିମନ୍ତେ ଏକ ମାତ୍ର ଦମକଳ କେନ୍ଦ୍ର ଆଳି ସଦର ମହକୁମାରେ ରହିଛି। ତେଣୁ ଧୋୟାଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ ନିମନ୍ତେ ୧ ନଂ. ଜୋନ ଜିଲା ପରିଷଦ ସଭ୍ୟା କନକଲତା ବେହେରା, ଡିମିରିପାଳ ସରପଞ୍ଚ ଶିବ ସେଠୀ, ଅରଗଳ ସରପଞ୍ଚ ଦୀପ୍ତି ସାହୁ, ଗୋବିନ୍ଦପୁର ସରପଞ୍ଚ ସୀମାରାଣୀ ମଲିକ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଦେସାହି ସରପଞ୍ଚ ମୋନାଲିସା ଦାସ, କେତୁଆପାଳ ସରପଞ୍ଚ ଅନିମା ମଲିକ, ଏରଡ଼ଙ୍ଗ ସରପଞ୍ଚ ଅନୁପମା ସେଠୀ, ପାଳିମି ସରପଞ୍ଚ ରଞ୍ଜିତ ସାମଲ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ପେତପଡା ସରପଞ୍ଚ ଅନୁପମା ପ୍ରିୟଦର୍ଶନୀ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ପଲାଇ, ମମତାରାଣୀ ଭୂୟାଁ, ନିଖିଳ ସାମଲଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## କର୍ମ ନିଯୁକ୍ତି ପ୍ରୟୋଗଶାଳା

**ପଟ୍ଟାମୁଣ୍ଡାଇ, ୨୪।୪(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ସ୍ଥିତ ଷ୍ଟେଟ ଏକାଡେମୀ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟଡିଜ ପକ୍ଷରୁ ଚଉଦକୁଳାଟସ୍ଥିତ ସ୍ୱାମୀ ବିବେକାନନ୍ଦ ମାନବ ସମ୍ବଳ ବିକାଶ ମହାବିଦ୍ୟାଳୟରେ ଏକ କର୍ମ ନିଯୁକ୍ତି ପ୍ରୟୋଗଶାଳା ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ଏକାଡେମୀ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟଡିଜର ପରିଚାଳନା ନିର୍ଦ୍ଦେଶକ ଡ. ସନ୍ଦୀପ କୁମାର ପରିଡା, ଅଧ୍ୟାପକ ସୌରଭ କୁମାର ପାଢୀ ବିଭିନ୍ନ ବିଭାଗର ପାଠ୍ୟକ୍ରମ ଓ ତତ୍‌ସହିତ କର୍ମନିଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅନାଦି ଚରଣ ପରିଡା, ଅଧ୍ୟାପିକା ସ୍ମିତା ବିଶ୍ୱାଳ, ଅଧ୍ୟାପକ ରବିରଞ୍ଜନ ଶର୍ମା, ଅଧ୍ୟାପିକା ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମ ନିଯୁକ୍ତି ପ୍ରୟୋଗଶାଳାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ତଦନ୍ତକୁ ଜୋରଦାର କରୁଛି ପୋଲିସ

**ଡେରାବିଶ, ୨୪।୪(ସ୍ୱ.ପ୍ର.)**

**ଭୋଲ ଗ୍ରାମର ସଶସ୍ତ୍ର ଡକାୟତି ମାମଲା**

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଧୀନରେ ଥିବା ହରିଅଙ୍କ ପଞ୍ଚାୟତ ଭୋଳ ଗ୍ରାମର ନାରଣ ପ୍ରସାଦ ଦାସଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ସଶସ୍ତ୍ର ଡକାୟତି ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଜିଲାରେ ପୂର୍ବରୁ ହୋଇଥିବା ଦୁଇଟି ସଶସ୍ତ୍ର ଡକାୟତି ଘଟଣାରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ହସ୍ତକ୍ଷେପ କରି ଖୁବ୍‌ଶୀଘ୍ର ଡକାୟତମାନଙ୍କୁ ଗିରଫ ଓ ଚୋରି ଜିନିଷ ଉଦ୍ଧାର କରିଛନ୍ତି। ସେହିପରି ଭୋଳ ଡକାୟତି ଘଟଣାରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଡକାୟତମାନଙ୍କୁ ଧରାଯିବ ବୋଲି ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ବୃତ୍ତମାନେ ଭୋଳ ଗ୍ରାମର ଦାସଙ୍କ ଘର କବାଟ ତାଡ଼ି ମାରଣାସ୍ତ୍ର ସହାୟତାରେ ଭୟଭୀତ କରାଇ ୨୦ ଭରି ଓଜନର ସୁନାଗହଣା ସମେତ ନଗଦ ୩୦ ହଜାର ଟଙ୍କା ଲୁଟ ନେଇଥିଲେ। ଏ ନେଇ ନାରଣ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ନାରଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ନଂ. ୧୭୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରେ ସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ପି, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ସଦର ଥାନା ଆଇଆଇସି ପବିତ୍ର ମହାରଣା ଓ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରଙ୍କ ସହାୟତରେ ଛାନ୍‌ଭିନ୍ କରିଥିଲେ।

# ଆଞ୍ଚଳିକ ଖଣି ଉଦ୍ଧାର ପ୍ରତିଯୋଗିତା

**କାଳିଆପାଣି,୨୪।୪(ଡି.ଏନ.ଏ.)**

ଆଞ୍ଚଳିକ ଖଣି ଉଦ୍ଧାର ପ୍ରତିଯୋଗିତା–୨୦୨୨ ରେସକ୍ୟୁ ଷ୍ଟେଶନ ଓରିଏଣ୍ଟ୍ ଏରିଆ, ଏମ୍‌ସିଏଲ୍–ବ୍ରଜରାଜନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ୨ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଣେନ୍ଦୁ ମଣ୍ଡଳ, ଭୁବନେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଣି ସୁରକ୍ଷା ନିର୍ଦ୍ଦେଶକ ବୀର ପ୍ରତାପ ରାୟଗଡ଼, ଖଣି ଉପନିର୍ଦ୍ଦେଶକ(ଇଲେକ୍ଟ୍ରିକାଲ), ଖଣି ଉପନିର୍ଦ୍ଦେଶକ (ମେକନିକାଲ), ଅଧକ୍ଷା ତଥା ପରିଚାଳନା ନିର୍ଦ୍ଦେଶକ ଏମ୍‌ସିଏଲ୍ ଏବଂ ବିଭିନ୍ନ ଖଣିର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୯ଟି ଖଣି ମଧ୍ୟରୁ ଇଙ୍ଘାର ଭୂତଳ ଖଣି ମାର୍ଚ୍ଚ ପାଷ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଇଙ୍ଘାର ସୁରକ୍ଷା ବିଭାଗ ମୁଖ୍ୟ କମଳ ଲୋଚନ ମିଶ୍ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। ବରିଷ୍ଠ ସୁରକ୍ଷା ଅଧିକାରୀ ଚର୍ଚିଲ ମହାନ୍ତି ସଂଯୋଜକ ଭାବେ ସହଯୋଗ କରିଥିଲେ।


ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖଣିକୁ ପୁରସ୍କୃତ କରାଯାଉଛି।

# ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡିବାକୁ ଦାବି

**ପଟ୍ଟାମୁଣ୍ଡାଇ, ୨୪।୪(ସ୍ୱ.ପ୍ର.)**

- ଅସହ୍ୟ ଗୁଳୁଗୁଳି, ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ
- ଅଘୋଷିତ ବିଦ୍ୟୁତ୍ କାଟ ପରିସ୍ଥିତିକୁ ସଙ୍ଗିନ କରୁଛି


ପଟ୍ଟାମୁଣ୍ଡାଇ କେନାଲରେ ପାଣି ନ ଥିବାରୁ ଗୋରୁ ଚରୁଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅସହାୟ ଗୁଳଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ସପ୍ତାହେ ହେଲା କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିନ ୧୦ଟା ପରେ ଘରୁ ପଦାକୁ ଗୋଡ କାଢି ହେଉନାହିଁ। ଏଥିସହ ଅସହୟ ଗୁଳଗୁଳି ପରିସ୍ଥିତିକୁ ଅଧିକ ସଙ୍ଗୀନ କରୁଛି। ଦିନର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା କରିବାକୁ ପଦାକୁ ଯିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଫଳରେ ସେମାନଙ୍କ ତେଲଲୁଣ ସଂସାର ଚଳାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ଗ୍ରୀଷ୍ମଋତୁ ଆରମ୍ଭରୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ପରିସ୍ଥିତକୁ ଅଣାୟତ କରୁଛି। ବିଦ୍ୟୁତ୍ କାଟର କାରଣକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଥିବାବେଳେ ଏହାର ଠିକ୍ କାରଣ ସାଧାରଣ ଲୋକେ ଖୋଜି ପାଉନାହାନ୍ତି। ଅନ୍ୟପକ୍ଷରେ ଅତ୍ୟନ୍ତ ଗୁଳଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣ ଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରି ଯାଇଥିବା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇର କଷଣଅଣ୍ଟା, ତଳବାଲମିପଡା, ବାଲିପଡା, ନନ୍ଦିନୀନଗର, ସିଦ୍ଧପାଟଣା, ତନୁପୁର, ବାଛରା, ମଣ୍ଡପଡା, କାକୁଡିପଲ୍ଲୀ, ନୂଆଗାଁ, ବାଲିପାଟଣା, ଷଣ୍ଢପଲ୍ଲୀ, ନିମପୁର, ଅଳଭା, ଶ୍ରୀରାମପୁର, ପାଳପାଟଣା, କଦମ୍ବଦାଣ୍ଡି, ଡାମରପୁର, ବଳଭଦ୍ରପୁର, ଅଠରବାଟିଆ, ଛେଦରା, ଗୁଣ୍ଡୁପୁର, ହଳଧରପୁର, ଶିମିଳିଆ, ଡିହାପଡା, ଅଇନିପଡା, ବଡପଡା, ବଡମୋହନପୁର, ଦିହୁଡିପୁର, ଆମ୍ରେର, ଖଡିଅଣ୍ଟା ଆଦି ଅଞ୍ଚଳରେ ବ୍ୟାପକ ଭାବେ ପନିପରିବା ଫସଲ ଚାଷ ହୋଇଛି। ସେଗୁଡିକ ଟାଣ ଖରା ଓ ପାଣି ଅଭାବରୁ ବିଲରେ ମରି ନଷ୍ଟ ହେଇଯାଉଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରି ଥିବା ଶାଖା କେନାଲଗୁଡିକ ବର୍ଷା ଦିନ ପରଠାରୁ ଶୁଖିଲା ପଡିଛି। ଅନ୍ତତଃ ପକ୍ଷେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡା ଗଲେ ଏଥିରୁ ବାହାରିଥିବା ଶାଖା କେନାଲରେ ପାଣି ଗଲେ ବ୍ୟାପକ ଅଞ୍ଚଳରେ ଜଳ ସମସ୍ୟା ସମାଧାନ ହେବା ସହ ଉତାପ ହ୍ରାସ ହିଁ ପାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେନାଲରେ ପାଣି ଛଡା ଗଲେ ଉଭୟପାର୍ଶ୍ୱରେ ଥିବା ଗ୍ରାମଗୁଡିକର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରନ୍ତେ। ଅନ୍ୟପକ୍ଷରେ ଖରାଦିନ ପାଇଁ ଚାରଣଭୂମିଗୁଡିକରେ ଘାସ ଅଭାବରୁ ଓ ଗୃହପାଳିତ ପଶୁମାନଙ୍କୁ ଗୋପାଳକମାନେ ଗୋଠରେ ବାନ୍ଧି ଖାଦ୍ୟ ଦେବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ଖୋଲା ଛାଡି ଦେଉଛନ୍ତି। ବର୍ତ୍ତମାନ ସମସ୍ତ ଗାଡିଆ ପୋଖରୀ ଶୁଖିଲା ପଡିଥିବାରୁ ଗୃହପାଳିତ ପଶୁପକ୍ଷୀମାନେ ତୃଷା ମେଣ୍ଟାଇବା ପାଇଁ ପାଣି ନ ପାଇ ତହଲବିକଳ ହେଉଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତାପମାତ୍ରା ହ୍ରାସ ନ ହେଲେ ପରିସ୍ଥିତି ଅଧିକ ଜଟିଳ ହୋଇ ପଡିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ଧରିତ୍ରୀ DHARITRI
ସୋମବାର, ୨୫ ଏପ୍ରିଲ, ୨୦୨୨

**ହିଜାବ ପରେ ବାଇବେଲ୍ ବିବାଦ**

କର୍ନାଟକରେ ହିଜାବ ପରେ ଏବେ ବାଇବେଲ ବିବାଦ ମୁଣ୍ଡ ଟେକିଛି। ବେଙ୍ଗାଲୁରୁ ସ୍ଥିତ କ୍ଲାରେନ୍ସ ହାଇସ୍କୁଲ ପିଲାମାନଙ୍କ ଅଭିଭାବକଙ୍କଠାରୁ ବିଦ୍ୟାଳୟକୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବାଇବେଲ ପୁସ୍ତକ ସାଙ୍ଗରେ ଆଣିବାକୁ ବିରୋଧ କରିବେ ନାହିଁ ବୋଲି ଅଣ୍ଡରଟେକିଂ ନେଇଥିବା ଜଣାପଡ଼ିଛି। ଏହା କର୍ନାଟକ ଶିକ୍ଷା ଆଇନର ଉଲ୍ଲଂଘନ ବୋଲି ଦକ୍ଷିଣପନ୍ଥୀ ଗୋଷ୍ଠୀ ଅଭିଯୋଗ ଆଣିଛନ୍ତି।



## ସଂକ୍ଷେପରେ

### ଦୈନିକ ଡିଜିଟାଲ ନେଣଦେଣ ୨୦ ହଜାର କୋଟି ଛୁଇଁଛି



**ନୂଆଦିଲ୍ଲୀ, ୨୪।୪:** ଦେଶରେ ଦୈନିକ ଡିଜିଟାଲ ନେଣଦେଣ ୨୦ ହଜାର କୋଟି ଛୁଇଁଛି। ମାର୍ଚ୍ଚରେ ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍) ଟ୍ରାଞ୍ଜାକଶନ ୧୦ ଲକ୍ଷ କୋଟିରେ ପହଞ୍ଚିଛି। ଏହା କେବଳ ଲୋକଙ୍କୁ ସୁବିଧା ପ୍ରଦାନ କରିନି ବରଂ ସଚ୍ଚୋଟତାର ପରିବେଶକୁ ପ୍ରୋତ୍ସାହିତ କରିଛି ବୋଲି ରବିବାର 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଛୋଟ ଅନ୍‌ଲାଇନ ପେମେଣ୍ଟ ବଡ଼ ଡିଜିଟାଲ ଅର୍ଥନୀତି ଗଢ଼ିବାରେ ସହାୟ ହେଉଛି। ଏହାଦ୍ୱାରା ଅନେକ ଫିନ୍‌ଟେକ୍ ଷ୍ଟାର୍ଟଅପ୍ ଗଠନ ହେଉଛି। ଡିଜିଟାଲ ପେମେଣ୍ଟସ୍ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସହ ସମ୍ପୃକ୍ତ ଅଭିଜ୍ଞତାଧାରୀମାନେ ଅନ୍ୟମାନଙ୍କୁ ମଧ ଜ୍ଞାନ ବାଣ୍ଟିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୋଦି 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ' କଥା କହିଥିଲେ। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନ ମନେ ପକାଇବା ଉଦ୍ଦେଶ୍ୟରେ ଏହି ମ୍ୟୁଜିୟମ ନିର୍ମାଣ କରାଯାଇଛି। ଦେଶବାସୀ ସେଠାକୁ ଯାଇ ନିଜ ଅନୁଭୂତିକୁ ହାଶ୍ ଟ୍ୟାଗ୍ ମ୍ୟୁଜିୟମ ମେମୋରିଜ୍ ମାଧମରେ ଶେୟାର କରିବାକୁ ମୋଦି ନିବେଦନ କରିଛନ୍ତି।

### ଚାଇନା ନାଗରିକଙ୍କ ପର୍ଯ୍ୟଟକ ଭିଜା ସ୍ଥଗିତ ରଖିଲା ଭାରତ

**ନୂଆଦିଲ୍ଲୀ,୨୪।୪ :** ଭାରତ ସରକାର ଚାଇନା ନାଗରିକଙ୍କୁ ଦେଇଥିବା ଟୁରିଷ୍ଟ ଭିଜାଗୁଡ଼ିକୁ ସ୍ଥଗିତ ରଖିଛନ୍ତି। ଏ ସମ୍ପର୍କରେ ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ) ଏହାର ସଦସ୍ୟ ଏୟାରଲାଇନ୍ସଗୁଡ଼ିକୁ ଜଣାଇଦେଇଛି। ଚାଇନାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୨୨ ହଜାର ଛାତ୍ରୀଛାତ୍ର କୋଭିଡ୍ କଟକଣା ଯୋଗୁ ସେଠାକୁ ପଢ଼ିବା ପାଇଁ ଯାଇପାରୁ ନାହାନ୍ତି। ୨୦୨୦ରେ ମହାମାରୀ ଆରମ୍ଭ ହେବାରୁ ସେମାନେ ପାଠପଢ଼ା ଛାଡ଼ି ଭାରତ ଚାଲିଆସିଥିଲେ। ଏ ସମ୍ପର୍କରେ ନୂଆଦିଲ୍ଲୀ ବାରମ୍ବାର ଜଣାଇବା ସତ୍ତ୍ୱେ ବେଜିଂ କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରବେଶ ଅନୁମତି ଦେଉନାହାଁନ୍ତି। ଫଳରେ ଯେସାକୁ ତେସା ନୀତିରେ ଭାରତ ସରକାର ଭିଜା ସସ୍‌ପେଣ୍ଡ ନିଷ୍ପତ୍ତି ନେଇଛନ୍ତି। ଚାଇନା ନାଗରିକଙ୍କୁ ଭାରତ ଇସ୍ୟୁ କରିଥିବା ପର୍ଯ୍ୟଟକ ଭିଜା ଆଉ ବୈଧ ନୁହେଁ ବୋଲି ଗତ ୨୦ ତାରିଖରେ ଆଇଏଟିଏ ସର୍କ୍ୟୁଲାର ଜାରି କରିଥିଲା।

### ୨୭ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦିଙ୍କ ବୈଠକ

**ନୂଆଦିଲ୍ଲୀ,୨୪।୪ :** ଦେଶରେ କୋଭିଡ୍ ସଂକ୍ରମଣ ଗତ କିଛିଦିନ ହେଲା ବଢ଼ିଚାଲିଛି। ସ୍ଥିତିର ମୁକାବିଲା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିବେ। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ବୈଠକରେ ସଂକ୍ରମଣ ସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିବେ। ଦୈନିକ ସଂକ୍ରମଣ କ୍ରମାଗତ ୬ ଦିନ ହେଲା ୨ ହଜାର ଉପରେ ରହିଛି। ସକ୍ରିୟ ମାମଲା ସଂଖ୍ୟା ୧୫ ହଜାର ଅତିକ୍ରମ କଲାଣି। ଓମିକ୍ରନ୍ ଭାରିଆଣ୍ଟ ଜନିତ ସଂକ୍ରମଣ ଦ୍ରୁତ ବୃଦ୍ଧି ପାଉଥିବାବେଳେ ଗତ ଜାନୁୟାରୀ ୧୩ରେ ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହୋଇଥିଲେ। ସେତେବେଳେ ଦୈନିକ ସଂକ୍ରମଣ ସର୍ବାଧିକ ୨,୪୭,୪୧୭ରେ ପହଞ୍ଚିଥିଲା।

# ରୁଷିଆ ଅର୍ଥନୀତି ବିପର୍ଯ୍ୟସ୍ତ

## ୨ ମାସର ସଂଘର୍ଷ



ଭ୍ଲାଦିମିର ପୁଟିନ୍

**ଫେବୃୟାରୀ ୨୪ ତାରିଖ ସକାଳେ ୟୁକ୍ରେନ୍ ଉପରେ 'ସ୍ୱତନ୍ତ୍ର ସାମରିକ ଅଭିଯାନ' ଚଳାଇବା ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ଏହି ଆକ୍ରମଣକୁ ରବିବାର ଦୁଇ ମାସ ପୂରିଛି। ନାଟୋ ସାମରିକ ମେଣ୍ଟରୁ ୟୁକ୍ରେନ୍‌କୁ ଦୂରେଇ ରଖିବାକୁ ଯାଇ ରୁଷିଆ ସେଠାରେ ଯୁଦ୍ଧର ରାସ୍ତା ବାଛିଥିବାବେଳେ ଏ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ କରିପାରିନି। ଆମେରିକା ଓ ପାଶ୍ଚାତ୍ୟର କଟକଣାରେ ରୁଷିଆର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ଶକ୍ତିଶାଳୀ ରୁଷିଆ ସହ ଲଢ଼େଇରେ ମାତ୍ର କେଇଦିନ ୟୁକ୍ରେନ୍ ଛିଡ଼ା ହୋଇପାରିବ ବୋଲି ଅନେକେ ଚିନ୍ତା କରୁଥିବାବେଳେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର କିନ୍ତୁ ଅଭୂତପୂର୍ବ ସାହସ ଦେଖାଇ ମସ୍କୋକୁ ଏତେ ଦିନ ରୋକିବାରେ ସମର୍ଥ ହୋଇଛି। ହେଲେ ସଂଘର୍ଷରେ ଯାଇଛି ହଜାର ହଜାର ନୀରିହ ଜୀବନ। ପ୍ରାୟ ୧ କୋଟି ୧୦ ଲକ୍ଷ ଲୋକ ସେମାନଙ୍କ ଘର ଛାଡ଼ିଛନ୍ତି। ରାଜଧାନୀ କିଭ୍‌କୁ କବ୍‌ଜା କରିବାରେ ବିଫଳ ହେବା ପରେ ରୁଷିଆ ଏବେ ପୂର୍ବ ଓ ଦକ୍ଷିଣ ୟୁକ୍ରେନ୍‌ରେ ଧ୍ୱଂସଲୀଳା ଜାରି ରଖିଛି।**



ଭୋଲୋଡିମିର ଜେଲେନ୍‌ସ୍କି

**ମସ୍କୋ, ୨୪।୪**

ଦୁଇ ମାସ ହେଲା ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବା ରୁଷିଆ ପାଶ୍ଚାତ୍ୟ କଟକଣା ଯୋଗୁ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ଏହାକୁ କାଉଣ୍ଟର କରିବାକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅଶୋଧିତ ତୈଳ ଏବଂ ଗ୍ୟାସ୍‌କୁ ଅସ୍ତ୍ର କରିଥିଲେ ହେଁ ଧୀରେ ଧୀରେ କଟକଣାର ପ୍ରଭାବ ରୁଷିଆରେ ଅନୁଭୂତ ହେବାରେ ଲାଗିଛି। ସ୍ୱିଫ୍ଟରୁ ବ୍ୟାନ୍ କରି ମସ୍କୋକୁ ପ୍ରମୁଖ କାରବାରରୁ ବଞ୍ଚିତ କରିବା ସହ ଏହାର ବିଦେଶୀ ମୁଦ୍ରାକୁ ଅକାମୀ କରିବାକୁ ଆମେରିକା ସମେତ ପାଶ୍ଚାତ୍ୟ ଦେଶ କଠୋର ପଦକ୍ଷେପ ନେଇଛନ୍ତି। ପ୍ରମୁଖ ବୈଶ୍ୱିକ କମ୍ପାନୀଗୁଡ଼ିକ ରୁଷିଆରେ ସେବା ବନ୍ଦ କରିଛନ୍ତି। ଆମଦାନୀ ବ୍ୟାହତ ଯୋଗୁ ରୁଷିଆରେ ଅନେକ ଜରୁରୀ ସାମଗ୍ରୀର ଅଭାବ ଦେଖାଯାଇଛି। ଦେଶର ଅର୍ଥନୀତି ବଞ୍ଚାଇବାକୁ ପୁଟିନ୍ ସୁଧହାର ବଢ଼ାଇବା ସହ ପୁଞ୍ଜି ନିୟନ୍ତ୍ରଣ ବ୍ୟବସ୍ଥା କରି ରୁଷୀୟ ବ୍ୟବସାୟୀ ସେମାନଙ୍କ ଲାଭକୁ ରୁବଲ(ରୁଷୀୟ ମୁଦ୍ରା)ରେ ପରିଣତ କରିବାକୁ ବାଧ କରାଇଛନ୍ତି। ଏଥିଯୋଗୁ ପ୍ରାରମ୍ଭିକ ସମୟରେ ରୁବଲର ମୂଲ୍ୟ ହ୍ରାସ ପାଇଥିଲେ ହେଁ ପରେ ଏଥିରେ ବୃଦ୍ଧି ଘଟିଛି। ଦୁଇ ଦଶନ୍ଧିରେ ରୁଷିଆରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ପିଇବା ପାଣି ମୂଲ୍ୟରେ ୩୫% ବୃଦ୍ଧି ଘଟିଥିବାବେଳେ ୧ କିଲୋଗ୍ରାମ ଚିନି ଦର ୭୭ ପ୍ରତିଶତ ବଢ଼ିଛି। ସେହିପରି ପନିପରିବା ମୂଲ୍ୟ ୩୦ରୁ ୫୦% ବଢ଼ିଛି। ଗତ ମାସରେ ମୁଦ୍ରାସ୍ଫୀତି ୧୭.୩% ରହିଥିବା ଦେଶର ଇକୋନୋମିକ୍ ଷ୍ଟାଟିଷ୍ଟିକ୍ସ ଏଜେନ୍ସି ରୋଷ୍ଟାଷ୍ଟ ପକ୍ଷରୁ କୁହାଯାଇଛି। କଞ୍ଚାମାଲ ଅଭାବରୁ ଅନେକ ରୁଷୀୟ କମ୍ପାନୀ ବନ୍ଦ ପଡ଼ିଛି। ଏକ ଟ୍ୟାଙ୍କ ନିର୍ମାଣକାରୀ କମ୍ପାନୀ ପାର୍ଟସ ଅଭାବରୁ ଉତ୍ପାଦନ ବନ୍ଦ ରଖିଛି। ୩ ଶହରୁ ଉର୍ଦ୍ଧ୍ୱ ବିଦେଶୀ କମ୍ପାନୀଗୁଡ଼ିକ ରୁଷିଆରେ ଆଉଟଲେଟ୍ ବନ୍ଦ କରିଛନ୍ତି। ଫଳରେ କେବଳ ମସ୍କୋରେ ବେକାରି ସଂଖ୍ୟା ୨ ଲକ୍ଷ ବଢ଼ିଥିବା ଏହାର ମେୟର କହିଛନ୍ତି। ସେହିପରି ୟୁପିଏସ୍, ଡିଏଚ୍‌ଏଲ୍ ସହ ଅନ୍ୟ ଟ୍ରାନ୍ସପୋର୍ଟେଶନ ଫାର୍ମ ରୁଷିଆ ଛାଡ଼ିବା ଦ୍ୱାରା ଅନ୍ତର୍ଜାତୀୟ ଯୋଗାଣ ଶୃଙ୍ଖଳ ବ୍ୟାହତ ହୋଇଛି।

ଏହାବାଦ୍ ୟୁକ୍ରେନ୍ ସହ ଯୁଦ୍ଧରେ ରୁଷିଆର ପ୍ରଭୂତ ସାମରିକ କ୍ଷତି ଘଟିଛି। ମସ୍କୋର ପ୍ରାୟ ୨୨ ହଜାର ସୈନ୍ୟ ନିହତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦାବି କରିଛନ୍ତି। ଏପ୍ରିଲ ୧୪ରେ ୟୁକ୍ରେନ୍‌ର ନେପ୍‌ଟ୍ୟୁନ୍ ମିଶାଇଲ ମାଡ଼ରେ ରୁଷିଆର ବୃହତ୍ ଯୁଦ୍ଧଜାହାଜ ମସ୍କୋଭା କୃଷ୍ଣସାଗରରେ ବୁଡ଼ିବା ମସ୍କୋ ପାଇଁ ବିରାଟ ବଡ଼ କ୍ଷତି। ଏଥିସହ ୟୁକ୍ରେନ୍‌ରେ ରୁଷିଆ ଏ ପର୍ଯ୍ୟନ୍ତ ପ୍ରାୟ ୧୭୬ ଯୁଦ୍ଧବିମାନ, ୧୫୩ ହେଲିକପ୍ଟର, ୨,୧୬୨ ଯୁଦ୍ଧାସ୍ତ୍ର ପରିବହନକାରୀ ଯାନ, ୩୯୭ ଆର୍ଟିଲାରୀ ସିଷ୍ଟମ, ୬୯ ଆଣ୍ଟାଇ-ଏୟାରକ୍ରାଫ୍ଟ ୱାରଫେୟାର ସିଷ୍ଟମ ହରାଇସାରିଥିବା କୁହାଯାଇଛି।



ରୁଷିଆ ଆକ୍ରମଣରେ ମାରିଉପୋଲରେ ଥିବା ଏକ ବିଲ୍ଡିଂ ନଷ୍ଟ ହୋଇଯାଇଛି।

### ୟୁକ୍ରେନୀୟ ସହର ବିଧ୍ୱସ୍ତ

ରୁଷିଆ ଆକ୍ରମଣକୁ ଦୃଢ଼ତାର ସହ ସାମ୍ନା କରୁଥିଲେ ହେଁ ୟୁକ୍ରେନ୍‌ର ଅନେକ ସହର ଧ୍ୱଂସସ୍ତୂପ ପାଲଟିଛି। ରାଜଧାନୀ କିଭ୍ ସମେତ ଅନେକ ସହରର ପ୍ରମୁଖ ପ୍ରତିଷ୍ଠାନ, ହସ୍ପିଟାଲ, ଶିକ୍ଷାନୁଷ୍ଠାନ ନଷ୍ଟ ହୋଇଯାଇଛି। ରୁଷିଆ ଟାର୍ଗେଟରେ ହଜାର ହଜାର ୟୁକ୍ରେନୀୟ ପ୍ରାଣ ହରାଇଛନ୍ତି। ୟୁକ୍ରେନ୍ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ପ୍ରାୟ ୨୪ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ୨ ଶହରୁ ଅଧିକ ଶିଶୁ ରହିଛନ୍ତି। ମାର୍ଚ୍ଚ ୨୫ ପରେ କିଭ୍‌ରୁ ରୁଷୀୟ ସୈନ୍ୟ ଫେରିବା ଦିନଠାରୁ ବହୁସଂଖ୍ୟାରେ ଲୋକଙ୍କ ମୃତଦେହ ଠାବ କରାଯାଇଛି। ବୁଚା ସହର ରାସ୍ତାରୁ ଶହ ଶହ ମୃତଦେହ ମିଳିବା ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଅନ୍ୟ ସ୍ଥାନରୁ ମଧ୍ୟ ଲୋକଙ୍କ କବର ମିଳୁଛି। ଏବେ ୟୁକ୍ରେନ୍‌ର ପୂର୍ବ ଓ ଦକ୍ଷିଣ ଭାଗରେ ରୁଷିଆ ଏହାର ଆକ୍ରମଣ ଜୋରଦାର କରିଛି। ଗତ ୨୧ ତାରିଖରେ ପୂର୍ବ ୟୁକ୍ରେନ୍‌ର ମାରିଉପୋଲ ସହର ସମ୍ପୂର୍ଣ୍ଣ ଭାବେ ରୁଷିଆ ନିୟନ୍ତ୍ରଣକୁ ଆସିଥିବା ପୁଟିନ୍ ଘୋଷଣା କରିଛନ୍ତି। ଏବେ ଡୋନ୍‌ବାସ୍ ସମେତ ଓଡେଶା ଉପରେ ମସ୍କୋ ପକ୍ଷରୁ ଜୋରଦାର ଆକ୍ରମଣ ଜାରି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ରୁଷିଆ ୟୁକ୍ରେନ୍‌ର ୪୨ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ସହରକୁ କବ୍‌ଜା କରିଥିବା ଦାବି କରିଛି।

### 'ୟୁକ୍ରେନ୍ ପ୍ରତି ମନୋଭାବ ବଦଳାନ୍ତୁ ଏସୀୟ ରାଷ୍ଟ୍ର'

**କିଭ୍:** ୟୁରୋପ ଭଳି ଏସୀୟ ଦେଶଗୁଡ଼ିକ ୟୁକ୍ରେନ୍ ପ୍ରତି ଥିବା ମନୋଭାବ ବଦଳାନ୍ତୁ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କେତେକ ନାଟୋ ସଦସ୍ୟ ରାଷ୍ଟ୍ର ପ୍ରତି ମଧ ନିରାଶା ବ୍ୟକ୍ତ କରିଛନ୍ତି। ଏହି ଦେଶଗୁଡ଼ିକ ୟୁକ୍ରେନ୍‌କୁ ଅଣଦେଖା କରିବାରୁ ନାଟୋ ତାଙ୍କ ଦେଶକୁ ମେଣ୍ଟରେ ସାମିଲ କରିପାରି ନାହିଁ, ଯାହା କି ଏକ ବଡ଼ ଭୁଲ୍ ବୋଲି ସେ କହିଛନ୍ତି। ଏସୀୟ ଦେଶଗୁଡ଼ିକ ମଧ ୟୁକ୍ରେନ୍ ପ୍ରତି ସକାରାତ୍ମକ ମନୋଭାବ ରଖନ୍ତୁ ବୋଲି ଜେଲେନ୍‌ସ୍କି ଚାହାନ୍ତି। ସୂଚନାଯୋଗ୍ୟ, ଜାତିସଂଘରେ ରୁଷିଆ ବିରୋଧୀ ପ୍ରସ୍ତାବ ଉପରେ ଭାରତ ସମେତ ଅନ୍ୟ ଏସୀୟ ରାଷ୍ଟ୍ରଗୁଡ଼ିକ ଅନେକ ଥର ଭୋଟ୍ ଦେବାରୁ ବିରତ ରହିଛନ୍ତି। ରୁଷିଆଠାରୁ ଭାରତକୁ ଦୂରେଇ ରଖିବାକୁ ଆମେରିକା ଓ ପାଶ୍ଚାତ୍ୟ ଦେଶ ଉଦ୍ୟମ ଜାରି ରଖିଥିବାବେଳେ ଜେଲେନ୍‌ସ୍କି ଏହା କହିଛନ୍ତି। ଆମେରିକା ଏବେ ଭାରତ ସହ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା କ୍ଷେତ୍ର ସମେତ ସୁରକ୍ଷା ସାମଗ୍ରୀ ଯୋଗାଣରେ ସବୁଠାରୁ ପସନ୍ଦର ଅଂଶୀଦାର ହେବାକୁ ଇଚ୍ଛୁକ ଏବଂ ସକ୍ଷମ ବୋଲି ଜେଲେନ୍‌ସ୍କି ପ୍ରକାଶ କରିଛନ୍ତି।

### ଜେଲେନ୍‌ସ୍କିଙ୍କୁ ଭେଟିବେ ବ୍ଲିଙ୍କେନ୍



ଆଣ୍ଟୋନି ବ୍ଲିଙ୍କେନ୍ , ଲଏଡ୍ ଅଷ୍ଟିନ୍

**କିଭ୍:** ରୁଷିଆ ଆକ୍ରମଣ ପରଠାରୁ ୟୁକ୍ରେନ୍‌ରେ ପ୍ରଥମ କରି ଆମେରିକାର ଦୁଇ ପ୍ରମୁଖ ଅଧିକାରୀ କିଭ୍ ଗସ୍ତରେ ବାହାରିଛନ୍ତି। ପୂର୍ବ ୟୁକ୍ରେନ୍‌ର ଓଡେସାରେ ରୁଷିଆ ଆକ୍ରମଣ ତୀବ୍ର କରିଥିବାବେଳେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ ରବିବାର କିଭ୍ ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି। ଏ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଆଲୋଚନାବେଳେ ଜେଲେନ୍‌ସ୍କି ଆମେରିକାକୁ ଅଧିକ ସାମରିକ ସହାୟତା ମାଗିବା ସହ ରୁଷିଆ ବିରୋଧରେ ଅଧିକ କଟକଣା ଲଗାଇବାକୁ ଦାବି ରଖିବେ। କିଭ୍‌କୁ ଅସ୍ତ୍ର ଯୋଗାଣ ବଢ଼ିଲେ ରୁଷିଆ କବ୍‌ଜା କରିଥିବା ଅଞ୍ଚଳକୁ ୟୁକ୍ରେନ୍ ମୁକ୍ତ କରିପାରିବ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ୮ ବର୍ଷରେ ସନ୍ନ୍ୟାସିନୀ

**ସୁରଟ,୨୪।୪**



ଖେଳିବା ବୁଲିବା ବୟସରେ ଗୁଜରାଟ ଅହମଦାବାଦର ୮ ବର୍ଷୀୟା ଆଙ୍ଗି ବାଗ୍ରେଚ୍ ସନ୍ନ୍ୟାସିନୀ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଆଙ୍ଗି ରବିବାର ସୁରଟରେ ଆୟୋଜିତ ଏକ ଉତ୍ସବରେ ସନ୍ନ୍ୟାସିନୀ ଦୀକ୍ଷା ଗ୍ରହଣ କରିଥିବା ଜଣାପଡ଼ିଛି। ଦୀକ୍ଷା ଗ୍ରହଣ କରିବାରେ ସେ ସର୍ବକନିଷ୍ଠା ବୋଲି ବିଶ୍ୱାସ କରାଯାଉଛି। କୋଭିଡ୍ ଲକ୍‌ଡାଉନବେଳେ ସ୍କୁଲ୍ ବନ୍ଦ ହୋଇଯିବାରୁ ସେ ଜୈନ ସନ୍ଥମାନଙ୍କ ସହ ରହିବା ଆରମ୍ଭ କରିଥିଲେ। ସେହି ସମୟରେ ସେ ସନ୍ଥମାନଙ୍କ ଶୃଙ୍ଖଳିତ ଜୀବନଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଦୁଇବର୍ଷ ସାଧୁସନ୍ଥଙ୍କ ସହ କଟାଇବା ପରେ ଏବେ ସନ୍ନ୍ୟାସିନୀ ଜୀବନ ବିତାଉଥିବା ତାଙ୍କ ବାପା ଦିନେଶ କହିଛନ୍ତି। ଭୌତିକ ସମ୍ପତ୍ତି ପ୍ରତି ଆଙ୍ଗିଙ୍କର ଆଗ୍ରହ ନ ଥିଲା। ମୋବାଇଲ କିମ୍ବା କୌଣସି ଦାମୀ ଉପହାର ସେ ଗ୍ରହଣ କରୁ ନ ଥିଲେ। ଦୀକ୍ଷା ନେବା ପାଇଁ ସେ ୯ ଦିନ ଉପବାସ କରିଥିଲେ। ଶେଷରେ ପରିବାର ତାଙ୍କୁ ଦୀକ୍ଷା ଗ୍ରହଣ ପାଇଁ ଅନୁମତି ଦେବାକୁ ରାଜି ହୋଇଥିଲେ।

## ନମ୍ବର ପ୍ଲେଟ୍ ଦାମ୍ ୭୦ କୋଟି

**ଦୁବାଇ,୨୪।୪**

କାର୍ ନମ୍ବର ପ୍ଲେଟ୍‌ର ଦାମ୍ ୭୦ କୋଟି ଟଙ୍କା। ଏହା ବିଶ୍ୱର ତୃତୀୟ ସବୁଠୁ ମହଙ୍ଗା ନମ୍ବର ପ୍ଲେଟ୍ ବୋଲି କୁହାଯାଉଛି। ଏଏ୮ ଲେଖାଥିବା ଉକ୍ତ ନମ୍ବର ପ୍ଲେଟ୍‌କୁ ଦୁବାଇର ସଡ଼କ ଓ ପରିବହନ କର୍ତ୍ତୃପକ୍ଷ ନିକଟରେ ନିଲାମ ଡାକିଥିଲେ। ଏହାକୁ ସେଠାର ଜଣେ ବ୍ୟକ୍ତି ୩୫ ନିୟୁତ ଡିର୍‌ହାମ (ପ୍ରାୟ ୭୦ କୋଟି ଟଙ୍କା)ରେ କିଣିଛନ୍ତି। ଗତବର୍ଷ ଏଏ୯ ନମ୍ବର ପ୍ଲେଟ୍ ୭୯ କୋଟି ଟଙ୍କାରେ ନିଲାମ ହୋଇଥିଲା। ୫୦ରୁ ଉର୍ଦ୍ଧ୍ୱ ଦେଶର ଅବହେଳିତ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ବିଭିନ୍ନ ଆକର୍ଷଣୀୟ ନମ୍ବର ପ୍ଲେଟ୍ ନିଲାମ ଡକାଯାଇଥିଲା। ଏଥିରୁ ମୋଟ ୩୩୫ କୋଟି ଟଙ୍କା ସଂଗୃହୀତ ହୋଇଛି।

## ଜେଲ ଗଲେ ରାଣା ଦମ୍ପତି

**ଲାଗିଲା ଦେଶଦ୍ରୋହ ମାମଲା**

**ମୁମ୍ବାଇ,୨୪।୪**



ହନୁମାନ ଚାଳିଶା ବିବାଦରେ ଫସିଥିବା ଅମରାବତୀର ସ୍ୱାଧୀନ ଏମ୍‌ପି ନବନୀତ ରାଣା ଓ ତାଙ୍କ ବିଧାୟକ ସ୍ୱାମୀ ରବି ରାଣାଙ୍କୁ ରବିବାର ବାନ୍ଦ୍ରା ମାଜିଷ୍ଟ୍ରେଟ୍ କୋର୍ଟ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସହରରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ଉଦ୍ୟମ ଅଭିଯୋଗରେ ଶନିବାର ରାଣା ଦମ୍ପତିଙ୍କୁ ଗିରଫ କରାଯାଇଥିଲା। ମୁମ୍ବାଇ ପୋଲିସ ସେମାନଙ୍କୁ ରିମାଣ୍ଡରେ ନେବା ଲାଗି କରିଥିବା ଆବେଦନକୁ ମାଜିଷ୍ଟ୍ରେଟ ଏ.ଏ. ଘନିୱାଲା ଖାରଜ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇ ଗସ୍ତରେ ଆସିବାକୁ ଥିବା ଜାଣି ମଧ ରାଣା ଦମ୍ପତି ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ କରିବା ସହ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବାକୁ ଉଦ୍ୟମ କରୁଥିଲେ। ଏହା ଉପରେ ଅଧିକ ତଦନ୍ତ ଲାଗି ସେମାନଙ୍କୁ ରିମାଣ୍ଡରେ ନେବା ଲାଗି ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା।

ସେପଟେ ମୁମ୍ବାଇ ପୋଲିସ ନବନୀତ ଓ ରବି ରାଣାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଛି। ସେମାନଙ୍କ ଜାମିନ ଆବେଦନର ଶୁଣାଣି ଏପ୍ରିଲ ୨୯କୁ ଧାର୍ଯ୍ୟ ହୋଇଛି। ଜାମିନ ଆବେଦନର ତ୍ୱରିତ୍ ଶୁଣାଣି ନ କରିବା ପାଇଁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ ଘରାତ୍ ଅଦାଲତଙ୍କୁ କହିଥିଲେ। ରାଣା ଦମ୍ପତିଙ୍କ ବିରୋଧରେ ପୋଲିସ ମିଥ୍ୟା ମାମଲା ରୁଜୁ କରିବା ସହ ଚାପରେ ପଡ଼ି ନିର୍ଦ୍ଦିଷ୍ଟ ଦଫା ଲଗାଇଥିବା ସେମାନଙ୍କ ଓକିଲ ରିଜୱାନ୍ ମର୍ଚ୍ଚାଣ୍ଟ କହିଛନ୍ତି। ସେମାନଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକ ଭିତ୍ତିହୀନ ବୋଲି ସେ କହିଛନ୍ତି। ଶନିବାର ରାତିରେ ଗିରଫ ହେବା ପରେ ରାଣା ଦମ୍ପତି ହାଜତରେ ୧୦୧ ଥର ହନୁମାନ ଚାଳିଶା ଜପ କରିଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସେମାନଙ୍କ ବିରୋଧରେ ମିଥ୍ୟା ମାମଲା ଲଗାଇଥିବା ରାଣା ଦମ୍ପତି ଟୁଇଟର ଯୋଗେ ଅଭିଯୋଗ କରିଛନ୍ତି।

## ୨ କୋଟିରେ ପେଣ୍ଟିଂ କିଣିବାକୁ ଗାନ୍ଧୀ ପରିବାର ବାଧ କରିଥିଲା

**ମୁମ୍ବାଇ/ନୂଆଦିଲ୍ଲୀ,୨୪।୪**

ଖ୍ୟାତନାମା ଚିତ୍ରକର ଏମ୍.ଏଫ୍. ହୁସେନଙ୍କ ଏକ ପେଣ୍ଟିଂକୁ ୨ କୋଟି ଟଙ୍କାରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କଠାରୁ କିଣିବା ପାଇଁ ବାଧ କରାଯାଇଥିବା ୟେସ୍ ବ୍ୟାଙ୍କ ସହପ୍ରତିଷ୍ଠାତା ରାଣା କପୁର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ କହିଛନ୍ତି। ଏହି ଅର୍ଥରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ନ୍ୟୁୟର୍କରେ ଚିକିତ୍ସା କରାଯାଇଥିଲା ବୋଲି ସ୍ୱତନ୍ତ୍ର ଅଦାଲତରେ ଇଡି ଦାଖଲ କରିଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ପେଣ୍ଟିଂ କିଣିବାକୁ ମନାକଲେ ଗାନ୍ଧୀ ପରିବାର ସହ ଥିବା ସମ୍ପର୍କରୁ ବଞ୍ଚିତ ହେବା ସହ ପଦ୍ମ ଭୂଷଣ ସମ୍ମାନ ପାଇପାରିବେ ନାହିଁ ବୋଲି ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ



ମୁରଲୀ ଦେଓରା କପୁରଙ୍କୁ ଚେତାବନୀ ଦେଇଥିଲେ। ଗାନ୍ଧୀ ପରିବାରକୁ ସହାୟତା କରିବା ଏକ ସୁଯୋଗ ବୋଲି ଅହମଦ ପଟେଲ କହିଥିଲେ। ରାଣା କପୁରଙ୍କ ଏହି ବୟାନ ଇଡି ଦାଖଲ କରିଥିବା ଦ୍ୱିତୀୟ ଅତିରିକ୍ତ ଅଭିଯୋଗ ଫର୍ଦ୍ଦରେ ରହିଛି। ଏହା ଜଣାପଡିବା ପରେ କଂଗ୍ରେସ ଏବଂ ଗାନ୍ଧୀ ପରିବାର ଲୁଟେରା ଏବଂ ସେମାନେ

### ରାଣା କପୁରଙ୍କ ଅଭିଯୋଗକୁ ନେଇ ରାଜନୈତିକ ଝଡ଼

ପଦ୍ମ ଭୂଷଣ ସମ୍ମାନକୁ ବିକ୍ରି କରିଥିବା ଭାଜପା ଅଭିଯୋଗ କରିଛି। କଂଗ୍ରେସର ହାତ ଦୁର୍ନୀତିରେ ଭରି ରହିଥିବା ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି। ଅନ୍ୟପକ୍ଷରେ କପୁରଙ୍କ ଅଭିଯୋଗକୁ କଂଗ୍ରେସ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଜେଲରେ ଥିବା ବ୍ୟକ୍ତି ୨୦୧୦ରେ କାରବାରକୁ ନେଇ ମୃତ ବ୍ୟକ୍ତିଙ୍କ ବିରୋଧରେ ମନଗଢ଼ା ଅଭିଯୋଗ ଆଣିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ତୈଳ ବିଶୋଧନାଗାରରେ ବିସ୍ଫୋରଣ: ଶତାଧିକ ମୃତ

**ଅବୁଜା,୨୪।୪**

ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆର ଏକ ବେଆଇନ ତୈଳ ବିଶୋଧନାଗାରରେ ବିସ୍ଫୋରଣ ଘଟିଛି। ଏଥିରେ ଶତାଧିକ ଲୋକଙ୍କ ଜୀବନ ଯାଇଛି। ନିଆଁରେ ପୋଡ଼ିହୋଇ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ନେଇ ନ୍ୟାଶନାଲ ଏମର୍ଜେନ୍ସି ମ୍ୟାନେଜମେଣ୍ଟ ଏଜେନ୍ସି (ଏନ୍‌ଇଏମ୍‌ଏ) ପକ୍ଷରୁ କୁହାଯାଇଛି।

ତୈଳ ସମ୍ପଦ ପ୍ରାଚୁର୍ଯ୍ୟ ନାଇଜେରିଆରେ ଦୈନିକ ପ୍ରାୟ ୨ ଲକ୍ଷ ବ୍ୟାରେଲ କ୍ରୁଡ୍ ଉତ୍ତୋଳନ କରାଯାଉଥିବାବେଳେ ଦାରିଦ୍ର୍ୟ ଭିତରେ



ବଞ୍ଚୁଥିବା ଲୋକଙ୍କ ପାଇଁ ବେଆଇନରେ ଚାଲୁଥିବା ବିଶୋଧନାଗାରଗୁଡ଼ିକ ଆୟର ପନ୍ଥା ପାଲଟିଛି। କିନ୍ତୁ ସେଗୁଡ଼ିକରେ ଜରୁରୀ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନ ଯାଇଥାଏ। ଦେଶର ଦକ୍ଷିଣ ଭାଗରେ ଥିବା ନାଇଜର ଡେଲ୍ଟାରେ ପାଇପ୍‌ଲାଇନ୍‌ରୁ ମୋଟ ଉତ୍ପାଦନର ୧୦% ଅଶୋଧିତ ତୈଳ ଚୋରି କରି ଏପରି ବେଆଇନ କ୍ରୁଡ୍ ରିଫାଇନିଂ କରାଯାଉଥିବା ଦେଖିବାକୁ ମିଳିଥାଏ। ଏହାକୁ ସେମାନେ କଳା ବଜାରରେ ବିକ୍ରି କରିଥାଆନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ନାଇଜର ଡେଲ୍ଟାର ଏକ ପାଇପ୍‌ଲାଇନ୍‌ରୁ କ୍ରୁଡ୍ ଚୋରି କରି ରିଫାଇନିଂ କରାଯାଉଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ ଚାରିଆଡ଼କୁ ନିଆଁ ବ୍ୟାପିଥିଲା। ଏହି ଅଗ୍ନିକାଣ୍ଡରେ ୧୦୯ ଜଣଙ୍କ ମୃତ୍ୟୁ ଘଟିଥିବା ଏକ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ତେବେ ବିସ୍ଫୋରଣର କାରଣ ଓ ପ୍ରକୃତ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହୋଇନାହିଁ।

## ସାମଗ୍ରୀର ମୂଲ୍ୟ ବୃଦ୍ଧି ଲାଗି ପ୍ରସ୍ତାବ

**ନୂଆଦିଲ୍ଲୀ :** ଦେଶର ରାଜସ୍ୱ ଆୟ ବୃଦ୍ଧି ଲାଗି ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ଲାଗି ପ୍ରସ୍ତାବ ରଖିଛନ୍ତି। ଏପରିକି ୧୪୩ ଗୋଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଁ ରାଜ୍ୟ ସରକାରଗୁଡ଼ିକଙ୍କଠାରୁ ଆବଶ୍ୟକ ମତାମତ ପରିଷଦ ପକ୍ଷରୁ ମଗାଯାଇଛି। ବିଶେଷକରି ୧୪୩ଟି ସାମଗ୍ରୀରୁ ୯୨%କୁ ୧୮ % ଶୁଳ୍କ ସ୍ଲାବରୁ ୨୮%କୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ସବୁ ସାମଗ୍ରୀରେ ଏପରି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଉପରୁ ଜିଏସଟି ନଭେମ୍ବର ୨୦୧୭ ଓ ଡିସେମ୍ବର ୨୦୧୮ରେ ମୂଲ୍ୟ ହ୍ରାସ କରିଥିଲେ। ଏବେ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ ଯଦି ରାଜ୍ୟଗୁଡ଼ିକର ସ୍ୱୀକୃତି ମିଳେ ତେବେ ସେଗୁଡ଼ିକର ଦାମ ପୁଣି ବଢ଼ିବ ବୋଲି ଆକଳନ କରାଯାଉଛି।

## ସଂକ୍ଷେପରେ

### ଡ୍ୟୁଲକ୍ସର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୨୪।୪ :** ଆକ୍‌ଜୋନୋବେଲ୍ ଇଣ୍ଡିଆର ଫ୍ଲାଗ୍‌ଶିପ୍ ଡେକୋରେଟିଭ୍ ପେଣ୍ଟ ବ୍ରାଣ୍ଡ ଡ୍ୟୁଲକ୍ସ ପକ୍ଷରୁ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଏହାର ପରବର୍ତ୍ତୀ ପିଢ଼ିର ରଙ୍ଗ ଉଦ୍ଭାବନକୁ ଉନ୍ମୋଚନ କରାଯାଇଛି। ଡ୍ୟୁଲକ୍ସର ଆଇକୋନିକ୍ ଭେଲ୍‌ଭେଟ୍ ଟଚ୍ ଅଲଟ୍ରା-ଲକ୍ସୁରି ଇଣ୍ଟେରିୟର ଇମଲ୍‌ସନ୍ସ ଏବେ ସମଗ୍ର ରେଞ୍ଜରେ ଟ୍ରୁକଲର୍ ଟେକ୍ନୋଲୋଜି ଏଜ୍ ସହିତ ସୁସଜ୍ଜିତ ହୋଇଆସୁଛି। ଏ ସମ୍ପର୍କରେ ଆକ୍‌ଜୋନୋବେଲ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜୀବ ରାଜଗୋପାଳ କହିଛନ୍ତି, ଡ୍ୟୁଲକ୍ସ ଭେଲ୍‌ଭେଟ୍ ଟଚ୍ ପେଣ୍ଟର ସର୍ବୋତମ ଗୁଣବତ୍ତାକୁ ପ୍ରଦର୍ଶିତ କରିଥାଏ। ଆମ୍‌ଷ୍ଟରଡାମ୍‌ଠାରେ ଥିବା ଆକ୍‌ଜୋନୋବେଲ୍‌ର ଗ୍ଲୋବାଲ ଆଏସ୍ଥେଟିକ୍ ସେଣ୍ଟର୍ ଏହାର ରଙ୍ଗ ବିଶେଷଜ୍ଞତାକୁ ୩ଟି ଡିଜାଇନ୍ ପ୍ୟାଲେଟ୍-ଏସେନ୍ସିଆଲ, ଆସେଟ୍ ଓ ଆଟ୍‌ମୋସ୍‌ଫିୟର୍‌ରେ ବିଭକ୍ତ କରିଛି।

### ଶ୍ରୀ ସିଟିରେ ପାନାସୋନିକ୍‌ର ଉତ୍ପାଦନ ୟୁନିଟ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୨୪।୪ :** ପାନାସୋନିକ୍ କର୍ପୋରେଶନର ସହଯୋଗୀ ସଂସ୍ଥା ପାନାସୋନିକ୍ ଲାଇଫ୍ ସଲ୍ୟୁଶନ୍ସ ଇଣ୍ଡିଆ ପକ୍ଷରୁ ନିକଟରେ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିଠାରେ ଏହାର ନୂଆ ଉତ୍ପାଦନ କାରଖାନାର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅତ୍ୟଧିକ ସ୍ୱୟଂଚାଳିତ ୟୁନିଟ୍ ୧୩୩,୫୮୪ ବର୍ଗ ମିଟର ଜମିରେ ପରିବ୍ୟାପ୍ତ ରହିଛି। ଏହା ଦକ୍ଷିଣ ଭାରତରେ କମ୍ପାନୀର ପ୍ରଥମ ବୈଦ୍ୟୁତିକ ଉପକରଣ ଉତ୍ପାଦନ କାରଖାନା ହେବ ଏବଂ ଉତ୍ତର ଓ ପଶ୍ଚିମ ଭାରତରେ ଥିବା କାରଖାନା ପରେ ଭାରତରେ କମ୍ପାନୀର ୭ମ କାରଖାନା ହେବ। ଏହି କମ୍ପାନୀ ଦୁଇଟି ପର୍ଯ୍ୟାୟରେ ମୋଟ ୬୦୦ କୋଟି ଟଙ୍କାର ନିବେଶ କରିବ, ଯେଉଁଥିରୁ ପ୍ରଥମ ପର୍ଯ୍ୟାୟରେ ୩୦୦ କୋଟି ଟଙ୍କା ନିବେଶ କରାଯାଇଛି। ଏ ସମ୍ପର୍କରେ ପାନାସୋନିକ୍ କର୍ପୋରେଶନ,ଜାପାନ, ପାୱାର କମ୍ପୋନେଣ୍ଟ ବିଜ୍‌ନେସ୍‌ର ବିଜ୍‌ନେସ ୟୁନିଟ୍ ହେଡ୍ କାୱାମୋଟୋ କହିଛନ୍ତି, ଭାରତ ଏକ ଅଭିବୃଦ୍ଧି ପଥରେ ରହିଛି ଏବଂ ଲୋକମାନଙ୍କୁ ସେମାନଙ୍କର ସର୍ବୋତମ ଜୀବନ ବଞ୍ଚିବା ପାଇଁ ଏହି ଅଭିବୃଦ୍ଧି ଇସିଏମ୍ ଶିଳ୍ପରୁ ଉଲ୍ଲେଖନୀୟ ସହଯୋଗ ଆବଶ୍ୟକ କରିବ।

# ଖଣି କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାରକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର,୨୪।୪**

ଭାରତୀୟ ଖଣି ଇଞ୍ଜିନିୟର ସଂଘ (ଏମ୍‌ଇଏଆଇ) ପକ୍ଷରୁ ରବିବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ୩ୟ ସର୍ବଭାରତୀୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ଖଣି ଓ ଖଣିଜ ବେନିଫିକେସନରେ ପ୍ରଯୁକ୍ତି ଓ ଡିଜିଟାଲ୍‌ରେ ଉନ୍ନତି' ଶୀର୍ଷକ ଏକ ଜାତୀୟସ୍ତରୀୟ କର୍ମଶାଳାର ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ସରକାର ଓ ଶିଳ୍ପ ଅଂଶୀଦାରମାନଙ୍କ ପକ୍ଷରୁ ନିକଟରେ ହୋଇଥିବା ଖଣି ଓ ଖଣିଜ ପ୍ରକ୍ରିୟାକରଣର ଉନ୍ନତି ସମ୍ପର୍କିତ ଆଲୋଚନାରେ ସବୁ ସ୍ତରର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ, ଏମ୍‌ଇଏଆଇର ଜାତୀୟ ସଭାପତି କେ.ମଧୁସୂଦନ, ଉପସଭାପତି-୩ ତଥା



ଟାଟା ଷ୍ଟିଲ୍‌ର ଉପସଭାପତି (କଞ୍ଚାମାଲ୍) ଡି.ବି. ସୁନ୍ଦରରମଣ, ଟାଟା ଷ୍ଟିଲ ଓ ଭୁବନେଶ୍ୱର-ସୁକିନ୍ଦା ଚାପ୍ଟରର ଅଧ୍ୟକ୍ଷ ତଥା ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟର ସମସ୍ତ ଖଣିକୁ ସୁରକ୍ଷିତ ଓ ଅଧିକ ଦକ୍ଷ କରିବାରେ କମ୍ପ୍ୟୁଟର ଭିଜନ ଓ ସେନ୍ସିଂ ଭଳି ଅନୁସନ୍ଧାନ ପ୍ରଯୁକ୍ତିଠାରୁ ଆରମ୍ଭକରି ଆକଳନ ଭିତ୍ତିକ ନିରୀକ୍ଷଣ ବ୍ୟବସ୍ଥା ଓ ପ୍ରଯୁକ୍ତିକୁ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଓଡ଼ିଶା ସରକାରଙ୍କ ଖଣି ନିର୍ଦ୍ଦେଶକ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି, ଭାରତରେ ଏକ ଉତ୍ତମ ଭାବେ ବିକଶିତ ଖଣି ଓ ଖଣିଜ ବେନିଫିକେସନ ଶିଳ୍ପର ଆବଶ୍ୟକତା ରହିଛି,ଯାହା ଅର୍ଥନୈତିକ ପ୍ରଗତିର ମେରୁଦଣ୍ଡ କୁହାଯାଉଥିବା ବହୁ ଖଣିକୁ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ୍ ପ୍ରଦାନ କରୁଛି। ସେହିପରି କେ. ମଧୁସୂଦନ କହିଛନ୍ତି,ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ତରରେ କମ୍ପାନି, ଖଣି ଗୋଷ୍ଠୀ ଓ ସରକାରଙ୍କ ମଧ୍ୟରେ ଏମ୍‌ଇଏଆଇ ସେତୁ ଭାବେ କାର୍ଯ୍ୟ କରିବାକୁ ଉଦ୍ୟମ କରୁଛି। ଆଗାମୀ ଦିନରେ ଦକ୍ଷତା ଗଠନ ଏମ୍‌ଇଆଇଏର ଏଜେଣ୍ଡାର ଶୀର୍ଷରେ ରହିବ। ଅପରପକ୍ଷରେ ସୁନ୍ଦର ରମଣ କହିଛନ୍ତି, ନିରାପତ୍ତା, ପରିବେଶ ଓ ଉତ୍ପାଦନରେ ଉନ୍ନତି ଆଣିବା ପାଇଁ ବିଗତ ବର୍ଷଗୁଡ଼ିକରେ ଖଣିରେ ପ୍ରଯୁକ୍ତିକୁ ବ୍ୟବହାର କରିବା ଉଲ୍ଲେଖନୀୟ ଗୁରୁତ୍ୱ ହାସଲ କରିଛି। ଉକ୍ତ ସମ୍ମିଳନୀ ପାଇଁ ଚୟନ କରାଯାଇଥିବା ବିଷୟ ବେଶ୍ ଉପଯୋଗୀ, କାରଣ ଏହା ଖଣି କ୍ଷେତ୍ରରେ ସଦ୍ୟତମ ଡିଜିଟାଲ୍ ଓ ପ୍ରଯୁକ୍ତି ବିକାଶକୁ ଉପସ୍ଥାପନ କରିବ। ପଙ୍କଜ ସତିଜା କହିଛନ୍ତି, ଓଡ଼ିଶାରେ ଖଣି ଶିଳ୍ପ ସମୃଦ୍ଧ ହେଉଥିବାର କାରଣ ହେଉଛି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଗତିଶୀଳ ନୀତି ଓ ଶିଳ୍ପକୁ ସହାୟତାର ହାତ ବଢ଼ାଇବା ଉଦ୍ୟମ, ବହୁ ପରୁଣା ଓ ଉଦୀୟମାନ କ୍ଷେତ୍ରରେ ଖଣିଜର ବର୍ଦ୍ଧିତ ପ୍ରୟୋଗ ସହ ନୂତନ ପ୍ରଯୁକ୍ତି ଯୋଗୁ ଆମେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଶା କରୁଛୁ, ଯାହା ଭବିଷ୍ୟତରେ ଖଣିଜର ଉତ୍ପାଦନ ଓ ବ୍ୟବହାରର ଉପାୟକୁ ବଦଳାଇ ଦେବ।

# ଘରୋଇ ସ୍ୱାସ୍ଥ୍ୟସେବା ଦେବ 'ଭି କେୟାର ୟୁ'




**ଭୁବନେଶ୍ୱର,୨୪।୪**

ସ୍ୱାସ୍ଥ୍ୟଭିତ୍ତିକ ଷ୍ଟାର୍ଟଅପ ୟୁନିଟ 'ଭି କେୟାର ୟୁ' ପକ୍ଷରୁ ଓଡ଼ିଶାରେ ତା'ର ଘରୋଇ ମେଡିକାଲ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ରବିବାର ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ଏହାର କାର୍ଯ୍ୟପନ୍ଥା ଓ ଲୋକମାନଙ୍କ ପାଖରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଲାଗୋକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଏହା ମଧ୍ୟ ଘୋଷଣା କରାଯାଇଛି ଯେ ୨୦୨୨ ଏପ୍ରିଲ୍ ୩୦ରେ ଏହା ରାଜ୍ୟରେ ନିଜର ବ୍ୟବସାୟ ପରିଚାଳନା ଆରମ୍ଭ କରିବ। ଏ ସମ୍ପର୍କରେ ବିନୋଦ ଅଗ୍ରୱାଲ୍ ସହ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଭି କେୟାର ୟୁ କହିଛନ୍ତି, ଓଡ଼ିଶାରେ ଆମ କାର୍ଯ୍ୟ ପରିଚାଳନାର ଶୁଭାରମ୍ଭ ବିଷୟରେ ଘୋଷଣା କରୁଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ଏକ ପ୍ରଯୁକ୍ତି ଭିତ୍ତିକ କମ୍ପାନୀ ଭାବେ ଆମର ଲକ୍ଷ୍ୟ ହେଉଛି ଲୋକମାନଙ୍କ ଘର ପାଖରେ ସମ୍ପୂର୍ଣ୍ଣ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା କାରଣ ଲୋକମାନେ ବୁଝିପାରିଛନ୍ତି ଯେ ତାହା ଆଉ ଏକ ବିଳାସ ନୁହେଁ ବରଂ ଆବଶ୍ୟକତାରେ ପରିଣତ ହୋଇଛି।

# ବ୍ରହ୍ମପୁର ସହରରେ ଲାଲ୍‌ଚାନ୍ଦର ଏକ୍ସକ୍ଲୁସିଭ୍ ଷ୍ଟୋର

**ବ୍ରହ୍ମପୁର ଅଫିସ,୨୪।୪**

ଓଡ଼ିଶାର ନିର୍ଭରଯୋଗ୍ୟ ଜୁଏଲର୍ସ ଲାଲ୍‌ଚାନ୍ଦ ପକ୍ଷରୁ ବ୍ରହ୍ମପୁର ଧର୍ମନଗରସ୍ଥିତ ସିଦ୍ଧି ବିନାୟକ ଟାୱାରଠାରେ ଏକ ନୂଆ ଶୋ'ରୁମ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅକ୍ଷୟ ତୃତୀୟା ପୂର୍ବରୁ ଖୋଲିଛି ଏହି ଷ୍ଟେଟ୍ ଅଫ ଦି ଆର୍ଟ ଶୋ'ରୁମ୍। ଲାଲ୍‌ଚାନ୍ଦର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ବ୍ରହ୍ମପୁରର ଅଳଙ୍କାର ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିବ ବୋଲି ସମସ୍ତେ ଆଶାବାଦୀ ବୋଲି ଲାଲ୍‌ଚାନ୍ଦ ପକ୍ଷରୁ କୁହାଯାଇଛି। ଏଠାରେ ଗ୍ରାହକମାନଙ୍କ ସ୍ୱର୍ଣ୍ଣ, ହୀରା, ପ୍ଲାଟିନମ ଓ ରୌପ୍ୟ ଆଦି




ଅଳଙ୍କାର ସହିତ ରୁପା ତାରକସି କାରିଗରି, ରୁପା ବାସନ, ବ୍ରାଣ୍ଡେଡ୍ ହାତଘଣ୍ଟା, ପେନ୍ ଓ ଅନ୍ୟାନ୍ୟ ଉପହାର ସାମଗ୍ରୀ ଇତ୍ୟାଦି ପାଇପାରିବେ। ଉଦ୍‌ଘାଟନ ଅବସରରେ ଲାଲ୍‌ଚାନ୍ଦ ତରଫରୁ କୁହାଯାଇଛି ଯେ, ଗତ ୩୦ ବର୍ଷ ଧରି ଆମେ ଜାଣିଛୁ ଯେ, ବ୍ରହ୍ମପୁରର ଲୋକମାନେ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆପଣମାନଙ୍କ ନିକଟରେ ପହଞ୍ଚି ପାରିଥିବାରୁ ଆମେ ଖୁବ୍ ଆନନ୍ଦ ଅନୁଭବ କରୁଛୁ। ବ୍ରହ୍ମପୁର ଅଞ୍ଚଳର ଗ୍ରାହକ ବନ୍ଧୁମାନେ ଲାଲ୍‌ଚାନ୍ଦର ନୂଆ ଶୋ'ରୁମ ପାଇଁ ଅନେକ ଦିନୁ ଆଶାବାଦୀ ଥିଲେ। ଏହି ଅବସରରେ ଲାଲ୍‌ଚାନ୍ଦ ଜୁଏଲର୍ସ ବ୍ରହ୍ମପୁର ଷ୍ଟୋରରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଉପହାର ଓ ବିଶେଷ ରିହାତି ଯୋଜନା ମଧ୍ୟ ଆଣିଛି।

# ଟାଟା ଷ୍ଟିଲ୍-ଥ୍ରିଏସ୍‌ର ବ୍ୟବସାୟିକ ବୁଝାମଣା

**ନୂଆଦିଲ୍ଲୀ,୨୪।୪**

ଖଣି ସନ୍ଧାନ, ସମ୍ବଳ ଆକଳନ ଓ ଖଣି ଯୋଜନା ଆଦି କ୍ଷେତ୍ରରେ ବୈଷୟିକ ସେବା ପ୍ରଦାନ କରିବା ଲାଗି ଟାଟା ଷ୍ଟିଲ୍ ପକ୍ଷରୁ ଥ୍ରିଏସ୍ ସହିତ ଏକ ବ୍ୟବସାୟିକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (କଞ୍ଚାମାଲ୍) ଡି.ବି. ସୁନ୍ଦର୍ ରମଣ କହିଛନ୍ତି, ଆମେ ଦଶନ୍ଧିରୁ ଅଧିକ ସମୟ ଧରି ଖଣି ବ୍ୟବସାୟରେ ଥିବା ବେଳେ ଟାଟା ଷ୍ଟିଲ୍‌ର ପ୍ରାକୃତିକ ସମ୍ବଳ ଡିଭିଜନ୍ ନିରନ୍ତର ଖଣି କାର୍ଯ୍ୟ ପାଇଁ ଏହାର କ୍ୟାପ୍‌ଟିଭ୍ ଖଣି ଲାଗି ବିଭିନ୍ନ ଅନୁସନ୍ଧାନ ଓ ଖଣି ଯୋଜନା ସେବା ପ୍ରଦାନ କରୁଛି। ଇଞ୍ଜିନିୟରିଂ ସେବା ପ୍ରଦାନ କରିବା ଲାଗି ଟାଟା ଷ୍ଟିଲ୍ ସହଯୋଗିତାରେ କାମ କରିବାକୁ ଥ୍ରିଏସ୍ ପକ୍ଷରୁ କୁହାଯାଇଛି।

# ବିଦ୍ୟୁତ୍ ଯୋଗାଣକୁ ଟିପିସିଓଡିଏଲର ଗୁରୁତ୍ୱ

**ଭୁବନେଶ୍ୱର,୨୪।୪**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଏକ ସମୀକ୍ଷା ଓ ଆସନ୍ତା ବର୍ଷ ପାଇଁ କାର୍ଯ୍ୟ ଖସଡା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ତା'ର ଲାଇସେନ୍ସ ଅଞ୍ଚଳରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପାଇଁ ଗତ ଆର୍ଥିକ ବର୍ଷରେ କିଭଳି ପଦକ୍ଷେପ ଗ୍ରହଣ କରିଛି ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ନେଟ୍‌ୱର୍କରେ ଉନ୍ନତୀକରଣ ଓ ଭିତ୍ତିଭୂମି ନବୀକରଣ ଜରିଆରେ କମ୍ପାନୀ ତାର ସ୍ଥିତିକୁ ସୁଦୃଢ଼ କରିପାରିଛି। ବିଦ୍ୟୁତ ବିତରଣ ନେଟୱର୍କକୁ ଦୃଢ଼ କରିବା ଲାଗି ଟିପିସିଓଡିଏଲ୍ ପକ୍ଷରୁ ୧୦୦ସର୍କିଟ୍ କିଲୋମିଟର (ସିକେଏମ୍)ରୁ ଅଧିକ ଉପରେ ଥିବା ୩୩ କେଭି ବିଦ୍ୟୁତ ତାର ଓ ୧୧୦୦ ସିକେଏମ୍‌ରୁ ଅଧିକ ୧୧ କେଭି ତାରରେ ଉନ୍ନତି ଅଣାଯାଇଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ, ଏମ୍. ସେନବାଗମ କହିଛନ୍ତି, ଓଡ଼ିଶାରେ ଆମେ ଆଉ ଏକ ସଫଳ ବିତରଣ ସଂସ୍କାର କାହାଣୀ ସୃଷ୍ଟି କରିବାକୁ ପ୍ରତିବଦ୍ଧ ରହିଛୁ। ଗତ ଆର୍ଥିକ ବର୍ଷରେ ଆମେ ଠିକ୍ ଦିଗରେ ଅଗ୍ରସର ହୋଇଛୁ। ସବୁ ନବୀକରଣ, ନେଟ୍‌ୱର୍କ ଉନ୍ନତି ଓ ଆଧୁନିକ ଫଳ-କୈନ୍ଦ୍ରିକ ପ୍ରଯୁକ୍ତିର ବ୍ୟବହାର ସହିତ ଟିପିସିଓଡିଏଲ୍‌ର ବିତରଣ ଭିତ୍ତିଭୂମି ବହୁତ ଭଲ ଆକାର ନେଇଛି। ଶ୍ରେଷ୍ଠ ସେବା ଓ ସବୁଠୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସହିତ ଆମେ ଆମ କାର୍ଯ୍ୟ କ୍ଷେତ୍ରର ଅନ୍ୟାନ୍ୟ ବିଷୟରେ ପ୍ରଯୁକ୍ତି ଜନିତ ଉନ୍ନତୀକରଣ ଉପରେ କାର୍ଯ୍ୟ କରୁଛୁ।

## ଫୁର୍‌ସତ୍



# ବଲିଉଡ୍‌ରେ ଏଣ୍ଟ୍ରି କରିବେ ଅଭିକା

**ମୁମ୍ବାଇ:** ଟଲିଉଡ୍‌ରୁ ବଲିଉଡ୍‌କୁ ଏଣ୍ଟ୍ରି କରିବେ ଧାରାବାହିକ 'ବାଲିକା ବଧୂ'ର ଆନନ୍ଦୀ ଚରିତ୍ର କରିଥିବା ଅଭିକା ଗୋର୍। ଏବେ ବି-ଟାଉନରେ ସମସ୍ତଙ୍କୁ ନିଜ ଗ୍ଲାମରସ୍ ଅନ୍ଦାଜର ଜଲ୍‌ୱା ଦେଖାଇବେ। ଏନେଇ ନିଜକୁ ପ୍ରସ୍ତୁତ କରିସାରିଲେଣି। ଟେଲି ଧାରାବାହିକର ମୋଷ୍ଟ ପପୁଲାର ଅଭିନେତ୍ରୀ ଅଭିକା ଖୁବ୍ କମ୍ ବୟସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଧାରାବାହିକ 'ବାଲିକା ବଧୂ'ରେ ତାଙ୍କ ଆନନ୍ଦୀ ଚରିତ୍ର ଘରେ ଘରେ ଆଦର ସାଉଁଟିଛି। ଅଭିକା ଏବେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ୨୦୨୩ରେ ମୁକ୍ତିଲାଭ କରିବାକୁ ଥିବା ବିକ୍ରମ ଭଟ୍ଟଙ୍କ ଫିଲ୍ମ '୧୯୨୦ ହରର୍ସ ଅଫ୍ ଦି ହାର୍ଟ'ରେ ସେ ନଜର ଆସିବେ। ସିନେମାଟି ହରର ଷ୍ଟୋରି ଉପରେ ଆଧାରିତ। ଏହାକୁ ମହେଶ ଭଟ୍ଟ ଲେଖିଥିବାବେଳେ କ୍ରିଷ୍ଣା ଭଟ୍ଟ ନିର୍ଦ୍ଦେଶନା ଦେଉଛନ୍ତି। ଏନେଇ ବିକ୍ରମ ଭଟ୍ଟ ତାଙ୍କ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇଛନ୍ତି। ବିକ୍ରମ ଏବଂ ଅଭିକା ଇନ୍‌ଷ୍ଟାଗ୍ରାମରେ ଜଏଣ୍ଟ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ପୋଷ୍ଟରେ ମହେଶ ଭଟ୍ଟ, ବିକ୍ରମ ଭଟ୍ଟ, ତାଙ୍କ ଝିଅ କ୍ରିଷ୍ଣା ଭଟ୍ଟ ଏବଂ ଅଭିକାଙ୍କୁ ଦେଖିବାକୁ ମିଳିଛି। ସେଥିରେ କ୍ୟାପ୍ସନ୍ ରହିଛି, ୧୯୨୦ ମୋ ଜୀବନରେ ନୂଆ ଅଧ୍ୟାୟ ଆରମ୍ଭ କରିଛି। ଏହି ଫିଲ୍ମ ଅଭିକା ଏବଂ କ୍ରିଷ୍ଣାଙ୍କ ହିନ୍ଦୀ ସିନେମା କ୍ୟାରିୟରରେ ନୂଆ ଆରମ୍ଭ ହେବ। ବାଳିକା ବଧୂ ପରେ ପୂର୍ବରୁ ଅଭିକା ତେଲୁଗୁ, କନ୍ନଡ ଆଦି ଚଳଚ୍ଚିତ୍ରରେ ନିଜ ଅଭିନୟର ଛାପ ଛାଡିସାରିଛନ୍ତି।

# ମୋଦିଙ୍କୁ ଉପହାର ଦେଲେ ଅନୁପମଙ୍କ ମା'

**ମୁମ୍ବାଇ:** ମା' ପଠାଇଥିବା ରୁଦ୍ରାକ୍ଷ ମାଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କଲେ ବଲିଉଡ୍ ଅଭିନେତା ଅନୁପମ ଖେର। ପ୍ରଧାନମନ୍ତ୍ରୀ ଏହାକୁ ଗ୍ରହଣ କରି ଅନୁପମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନୁପମ ପ୍ରଧାନମନ୍ତ୍ରୀଙ୍କୁ ଏକ ସାକ୍ଷାତ୍‌କାରରେ ରୁଦ୍ରାକ୍ଷ ପ୍ରଦାନ କରିଥିବା ନେଇ ସୋସିଆଲ ମିଡିଆରେ ୨ଟି ଫଟୋ ଶେୟାର କରିଛନ୍ତି। ଅନୁପମ୍ ଇନ୍‌ଷ୍ଟାଗ୍ରାମ୍ ଏବଂ ଟୁଇଟ୍‌ରେ ଲେଖିଛନ୍ତି, ଆପଣଙ୍କୁ ଭେଟି ଖୁସି ଲାଗିଲା। ଆପଣ ଦେଶବାସୀଙ୍କ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। ଏହା ପ୍ରେରଣାଦାୟକ। ଯେଉଁ ଶ୍ରଦ୍ଧାରେ ମୋ ମା'ଙ୍କ ପଠାଇଥିବା ରୁଦ୍ରାକ୍ଷ ମାଳକୁ ଆପଣ ଗ୍ରହଣ କଲେ, ତାହା ମୁଁ ସର୍ବଦା ମନେରଖିବି।



ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁତ ବହୁତ ଧନ୍ୟବାଦ ଅନୁପମ୍ ଖେରି ଜୀ। ଆଦରଣୀୟା ମାତା ଜୀ । ଦେଶବାସୀଙ୍କ ଆଶୀର୍ବାଦ ଯୋଗୁ ମୋତେ ମା', ଭାରତୀୟଙ୍କ ସେବା କରିବାକୁ ନିରନ୍ତର ପ୍ରେରଣା ମିଳୁଛି। ଏହାସହ ସିନେମା 'ଦ କଶ୍ମୀର ଫାଇଲ୍ସ'ର ମୁଖ୍ୟ ଚରିତ୍ରରେ ଅନୁପମଙ୍କ ଅଭିନୟକୁ ବେଶ୍ ପ୍ରଶଂସା କରିଛନ୍ତି ମୋଦି।

# ମନ୍ଦିରକୁ ଲକ୍ଷେ ଦାନ କଲେ ଭିକାରୁଣୀ

**ବେଙ୍ଗାଲୁରୁ:** ମାଙ୍ଗାଲୁରୁର ରାଜ ରାଜେଶ୍ୱରୀ ମନ୍ଦିରକୁ ଜଣେ ୮୦ ବର୍ଷୀୟା ଭିକାରୁଣୀ ୧ ଲକ୍ଷ ଟଙ୍କା ଦାନ ସ୍ୱରୂପ ଦେଇଛନ୍ତି। ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେ କହିଛନ୍ତି, କେହି ଯେପରି ଭୋକରେ ନ ରୁହନ୍ତୁ, ଏଭଳି କାମନା କରି ସେ ତାଙ୍କ ଗଚ୍ଛିତ ଟଙ୍କାକୁ ମନ୍ଦିରକୁ ଦାନ କରି ଦେଇଛନ୍ତି। ଦକ୍ଷିଣ କନ୍ନଡ ଓ ଉଡୁପୀ ଜିଲାରେ ଥିବା ମନ୍ଦିର ସାମ୍ନାରେ ବସି ଭକ୍ତଙ୍କଠାରୁ ପାଇଥିବା ଭିକ୍ଷାକୁ ଦାନ ଦେଇଥିବା ସେ କହିଛନ୍ତି। ବୃଦ୍ଧା ଜଣଙ୍କ ଜଣେ ରେସ୍ତୋରାଁ ମାଲିକଙ୍କୁ କହି ଭିକ୍ଷା ଟଙ୍କା ଦାନ କରିବାକୁ ଚାହୁଁଥିଲେ ବୋଲି ମନ୍ଦିର ଅଧିକାରୀ କହିଛନ୍ତି। ଏହା ପୂର୍ବରୁ ସେ ବିଭିନ୍ନ ମନ୍ଦିରକୁ ପାଖାପାଖି ୧୬ ଲକ୍ଷ ଟଙ୍କା ଦାନ ଦେଇସାରିଛନ୍ତି। କର୍ନାଟକ ଉଡୁପୀ ଜିଲା କୁଣ୍ଡାପୁର ତାଲୁକର କାଞ୍ଚାଗୋଡୁ ଗ୍ରାମର ବୃଦ୍ଧା ଅଶ୍ୱତ୍ଥମା ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୮ ବର୍ଷ ଧରି ବିଭିନ୍ନ ମନ୍ଦିର ନିକଟରେ ଭିକ୍ଷା ମାଗୁଛନ୍ତି। ଏହାପରେ ତାଙ୍କ ପିଲାଙ୍କ ମୃତ୍ୟୁ ହେବା ପରେ ସେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଫଳରେ ଚଳିବାକୁ କୌଣସି ରୋଜଗାରର ପନ୍ଥା ନ ପାଇବାରୁ ବାଧ୍ୟ ହୋଇ ସେ ଭିକ୍ଷାବୃତ୍ତିକୁ



ଚୟନ କରିଥିଲେ। ସେ ନିଜର ଭିକ୍ଷାକୁ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ଅଳ୍ପ ବ୍ୟବହାର କରି ଅଧିକାଂଶ ଅର୍ଥ ବ୍ୟାଙ୍କରେ ସଞ୍ଚୟ କରି ରଖୁଥିଲେ, ଯାହା ସେ ମନ୍ଦିରକୁ ଦାନ କରିଛନ୍ତି। ବୃଦ୍ଧା ଜଣଙ୍କ ପୋଲାଲି ମନ୍ଦିର ସମ୍ମୁଖରେ ହେଉଥିବା ବାର୍ଷିକ ଯାତ୍ରା ମହୋତ୍ସବ ସମୟରେ ପ୍ରାୟ ଏକ ମାସ ପର୍ଯ୍ୟନ୍ତ ଭିକ୍ଷା ମାଗିଥିଲେ, ଯେଉଁଥିରୁ ତାଙ୍କୁ ଲକ୍ଷେ ଟଙ୍କା ମିଳିଥିଲା। ସେହି ଟଙ୍କାକୁ ମନ୍ଦିରକୁ ସାମୂହିକ ଭୋଜନ ନିମନ୍ତେ ଶୁକ୍ରବାର ଦାନ କରିଛନ୍ତି। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ମୁତାବକ, ଯେତେବେଳେ ଅଶ୍ୱତ୍ଥମା ଭିକ୍ଷା ମାଗିବା ଆରମ୍ଭ କଲେ ସେ ସବୁକୁ ଠାକୁରଙ୍କୁ ଦେବାକୁ ଭାବିଥିଲେ। ଏପର୍ଯ୍ୟନ୍ତ ଶାବରିମାଲାର ବିଭିନ୍ନ ସ୍ଥାନରେ ଲକ୍ଷେରୁ ଅଧିକ ଭକ୍ତଙ୍କୁ ଅନ୍ନଦାନ କରିଛନ୍ତି। ସେଠାରେ ଥିବା ଶ୍ରୀ ଆୟାପ୍ପା ମନ୍ଦିର ସମେତ ପୋଲଲି, ସାଲିଗ୍ରାମା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବିଭିନ୍ନ ମନ୍ଦିରକୁ ୧୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏଥିସହ କନ୍ନଡ ଜିଲାର ଉଡୁପୀ ଓ ଡାକସିନାର ବିଭିନ୍ନ ଅନାଥ ଆଶ୍ରମକୁ ମଧ୍ୟ ଅର୍ଥ ଦାନ କରିଛନ୍ତି।

## ବିଶ୍ୱ ମ୍ୟାଲେରିଆ ଦିବସ

# ସଚେତନତା ହିଁ ନିଦାନ

ବିଶ୍ୱସ୍ତରରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯିବା ଲାଗି ଉଦ୍ୟମ ଅବ୍ୟାହତ ରହିଛି। ମ୍ୟାଲେରିଆଠାରୁ କିଭଳି ଦୂରେଇ ରହିହେବ ସେନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୨୫ ଏପ୍ରିଲ୍‌ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଇଥାଏ। ବିଶ୍ୱସ୍ତରରେ ୧୦୬ଟି ଦେଶରେ ୩.୩ ବିଲିୟନ ଲୋକ ମ୍ୟାଲେରିଆ ଯୋଗୁ ସଙ୍କଟରେ ରହିଛନ୍ତି। ୨୦୧୨ରେ ମ୍ୟାଲେରିଆରେ ପ୍ରାୟ ୬,୨୭,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମୁଖ୍ୟତଃ ଆଫ୍ରିକୀୟ ଦେଶରେ ଏହାଯୋଗୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ଏସିଆ, ଲାଟିନ୍ ଆମେରିକା ଏବଂ ମଧ୍ୟପ୍ରାଚ୍ୟ ଏବଂ ୟୁରୋପର କିଛି ଅଂଶ ମଧ୍ୟ ମ୍ୟାଲେରିଆ ଦ୍ୱାରା ପ୍ରଭାବିତ ହୋଇଥାଏ।

ସଦ୍ୟତମ ବିଶ୍ୱ ମ୍ୟାଲେରିଆ ରିପୋର୍ଟ ଅନୁଯାୟୀ, ୨୦୧୫ରେ ମ୍ୟାଲେରିଆରେ ୪,୨୯,୦୦୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହିବର୍ଷ ୨୧୨ ନିୟୁତ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିଷ୍ପତ୍ତି ଅନୁଯାୟୀ ବିଶ୍ୱ ସ୍ୱାସ୍ଥ୍ୟ ସଭାର ୬୦ତମ ଅଧିବେଶନରେ ସହମତି କ୍ରମେ ମେ' ୨୦୦୭ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେବେ ୨୦୦୧ ଏପ୍ରିଲ ୨୫ରେ ଆଫ୍ରିକା ମ୍ୟାଲେରିଆ ଦିବସ ପାଳନ ଆରମ୍ଭ ହୋଇଥିଲା। କିଭଳି ମ୍ୟାଲେରିଆଠାରୁ ଦୂରେଇ ରହିହେବ, ସେ ନେଇ ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱରେ ଲୋକଙ୍କୁ ସଚେତନ କରାଯାଇଥାଏ।



# ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଆରମ୍ଭ

ବେଙ୍ଗାଲୁରୁ, ୨୪।୪


ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ଉପରାଷ୍ଟ୍ରପତି ଏମ୍‌.ଭେଙ୍କାୟା ନାଇଡୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ସଂସ୍କରଣ ରବିବାର ସ୍ଥାନୀୟ ଶ୍ରୀ କାନ୍ତିରାଭା ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। କର୍ନାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟଙ୍କ ଉପସ୍ଥିତିରେ ଉପରାଷ୍ଟ୍ରପତି ଏମ୍‌.ଭେଙ୍କେୟା ନାଇଡୁ ଗେମ୍ସର ଆରମ୍ଭ ଘୋଷଣା କରିଥିଲେ। ଆୟୋଜକ ଜୈନ ୟୁନିଭର୍ସିଟିରୁ ପ୍ରତିନିଧିତ୍ୱ କରିଥିବା ଶ୍ରୀହରି ନଟରାଜ ସମସ୍ତ ଆଥ୍‌ଲେଟଙ୍କ ତରଫରୁ ଶପଥପାଠ କରିଥିଲେ। ନଟରାଜ ସର୍ବକନିଷ୍ଠ ଭାରତୀୟ ସନ୍ତରଣକାରୀ ଭାବେ ଅଲିମ୍ପିକ ଷ୍ଟାଣ୍ଡାର୍ଡ ଟାଇମ୍ ହାସଲ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ସିଂ ଠାକୁର, କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିଶିଥ ପ୍ରମାଣିକ ଏବଂ କର୍ନାଟକ ରାଜ୍ୟ ଯୁବ ସଶକ୍ତୀକରଣ ଏବଂ କ୍ରୀଡ଼ାମନ୍ତ୍ରୀ ନାରାୟଣ ଗୌଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିମଲ କୁମାର, ଅଞ୍ଜୁ ବବି ଜର୍ଜ, ରିତ୍ ଆବ୍ରାହମ, ଅଶ୍ୱିନୀ ନାଚାପ୍ପା, ମାଲାଥି ହୋଲା, ବିଆର୍ ବିଦୁ, ଏବି ସୁବାୟା, ଏସ୍‌ଭି ସୁନୀଲ, ଭି.ଆର. ରଘୁନାଥ୍ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଗେମ୍ସର ଆରମ୍ଭ ଘୋଷଣା କରି ଉପରାଷ୍ଟ୍ରପତି ନାଇଡୁ କ୍ରୀଡ଼ାକୁ ସେମାନଙ୍କ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିବା ଲାଗି ଯୁବ ସମାଜକୁ ଆହ୍ୱାନ କରିଥିଲେ। ଏହା ଦ୍ୱାରା ଜୀବନ ସାର୍ଥକ ହେବ। ନିଜ ପସନ୍ଦର ଖେଳ ଖେଳିବା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରହିହେବ, ଯାହାଫଳରେ ଆମେ ଦେଶକୁ ଆଗେଇ ନେଇପାରିବା। ଖେଲୋ ଇଣ୍ଡିଆର ଏହି ସଂସ୍କରଣରେ ଯୋଗାସନ ଓ ମାଲଖମ୍ବକୁ ସାମିଲ କରାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ସ୍ୱତନ୍ତ୍ର ଭିଡିଓ ବାର୍ତ୍ତାକୁ ଏକ ବଡ଼ ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇଥିଲା। ୧୦ ଦିନ ଧରି ହେବାକୁଥିବା ଏହି ଇଭେଣ୍ଟରେ ଦେଶର ୧୮୦ ୟୁନିଭର୍ସିଟିରୁ ପ୍ରାୟ ୪,୦୦୦ ଆଥ୍‌ଲେଟ ୨୦ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୟୁନିଭର୍ସିଟି ଛାତ୍ରଙ୍କ ଲାଗି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ ହେଉଛି ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏଥିରେ ଭଲ ପ୍ରଦର୍ଶନ କଲେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିହେବ।

# ସ୍ନେହାଙ୍କୁ ସ୍ୱର୍ଣ୍ଣ, ପ୍ରମିଳାଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୪।୪(କ୍ରୀଡ଼ା ପ୍ରତିନିଧି)


ଭାରୋତ୍ତୋଳନ ଅବସରରେ ସ୍ନେହା ସୋରେନ।

ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶା ପାଇଁ ପଦକ ଖାତା ଖୋଲିଛନ୍ତି ଭାରୋତ୍ତୋଳିକା ସ୍ନେହା ସୋରେନ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସ୍ନେହା ମହିଳା ୪୯ କେଜି ଭାରୋତ୍ତୋଳନରେ ସ୍ନାଚ୍‌ରେ ୬୯ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଏହିପରି ମୋଟ୍ ୧୬୧

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଶିବାଜୀ ବିଶ୍ୱବିଦ୍ୟାଳୟର ସରିତା ସୁନୀଲ ସଭନ୍ତ ୧୫୦ (୬୪+୮୬) ଓ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଶାଲୁ ୧୪୯ (୬୭+୮୨) କେଜି ଭାରୋତ୍ତୋଳନ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହା ପୂର୍ବରୁ ଗୁଣ୍ଟୁରଠାରେ ଅନୁଷ୍ଠିତ ସର୍ବଭାରତୀୟ କ୍ରୀଡ଼ାରେ ସ୍ନେହା ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ନିକଟରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସ୍ନେହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ମହିଳା ୫୫ କେଜି ବର୍ଗରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରମିଳା କିର୍ସାନୀ ରୌପ୍ୟ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧, କ୍ଲିନ୍ ଆଣ୍ଡ ଜର୍କରେ ୯୫ ଏହିପରି ମୋଟ୍ ୧୬୬ କେଜି ଉତ୍ତୋଳନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଇଭେଣ୍ଟରେ ଶିବାଜୀ ବିଶ୍ୱବିଦ୍ୟାଳୟର ରନମାଲେ ସାକ୍ଷୀ ମହେଶ ୧୬୬ କେଜି ସହ ସ୍ୱର୍ଣ୍ଣ ଏବଂ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ବି. ଲକ୍ଷ୍ମୀ ୧୬୧ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ପୁରୁଷ ୬୧ କେଜି ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟର ରାଜେନ୍ଦ୍ର ମୁଦୁଲି ସ୍ନାଚ୍‌ରେ ୧୦୮, କ୍ଲିନ୍ ଆଣ୍ଡ ଜର୍କରେ ୧୩୦ ସହ ମୋଟ୍ ୨୩୮ କେଜି ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ଫୁଟ୍‌ବଲରେ ଉତ୍କଳ ବିଶ୍ୱବିଦ୍ୟାଳୟ ୧-୨ ଗୋଲରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ନିକଟରୁ ହାରିଯାଇଛି।

# ଓଡ଼ିଶା ଆଜି ସର୍ଭିସେସ୍‌କୁ ଭେଟିବ

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)


ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ଚନ୍ଦ୍ର ମୁଦୁଲି।

କେରଳରେ ଚାଲିଥିବା ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଓଡ଼ିଶା ସୋମବାର ଏହାର ଅନ୍ତିମ ଲିଗ୍ ମ୍ୟାଚରେ ସର୍ଭିସେସକୁ ଭେଟିବ। ଏହି ମ୍ୟାଚ କେରଳର କୋଟ୍ଟାପଡି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ କର୍ନାଟକ ବିପକ୍ଷରେ ୩-୩ ଗୋଲରେ ଡ୍ର ରଖି ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ଦଳ ଶକ୍ତିଶାଳୀ ମଣିପୁରକୁ ପରାସ୍ତ କରିଥିଲା। ଶନିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଓଡ଼ିଶା ୩-୨ ଗୋଲରେ ଗୁଜରାଟକୁ ହରାଇ ଦେଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ପକ୍ଷରୁ ଚନ୍ଦ୍ର ମୁଦୁଲି ୩୭ ଓ ୮୮ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ରାଇସେନ ଟୁଡୁ ୮୯ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଗୁଜରାଟ ପକ୍ଷରୁ ପ୍ରବଳଦୀପ ଖାରେ ୮୯ ଓ ଜୟ କାନାନୀ ୯୦+୬ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଡବଲ ଗୋଲ ସ୍କୋରର ଚନ୍ଦ୍ର ମୁଦୁଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଦଳ ୩ ମ୍ୟାଚରୁ ୨ ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇଛି। ମଣିପୁର ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହିତ ୯ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଆଗାମୀ ମ୍ୟାଚରେ ସର୍ଭିସେସକୁ ହରାଇ ପାରିଲେ ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିବ।

# ଜର୍ନାଲିଷ୍ଟ ମଜୁମଦାର ବାସନ୍ଦ

ନୂଆଦିଲ୍ଲୀ, ୨୪।୪

ଭାରତୀୟ ଟେଷ୍ଟ ଉଇକେଟକିପର ରିଦ୍ଧିମାନ ଶାହଙ୍କୁ ହ୍ୱାଟ୍ସଆପ୍ ମେସେଜ ଜରିଆରେ ଧମକ ଦେବା ମାମଲାରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ବୋରିଆ ମଜୁମଦାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପରିଣାମ ସ୍ୱରୂପ ତାଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏକ ସାକ୍ଷାତ୍‌କାର ପାଇଁ ମଜୁମଦାର ପଠାଇଥିବା ଧମକପୂର୍ଣ୍ଣ ହ୍ୱାଟ୍ସଆପ୍ ମେସେଜର ସ୍କ୍ରିନଶଟ୍ ଟୁଇଟରରେ ଶେୟାର କରିଥିଲେ ଭେଟେରାନ ଉଇକେଟକିପର। ତା’ ପରେ ଘଟଣାର ତଦନ୍ତ ପାଇଁ ଉପ ସଭାପତି ରାଜିବ ଶୁକ୍ଲା, ଟ୍ରେଜରର ଅରୁଣ ସିଂ ଧୁମାଲ ଓ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରଭତେଜ ସିଂ ଭାଟିଆଙ୍କୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୩ ଜଣିଆ କମିଟି ଗଠନ କରିଥିଲା।

‘‘ମଜୁମଦାରଙ୍କୁ ଷ୍ଟାଡିୟମ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ନ ଦେବାକୁ ଆମେ ଭାରତୀୟ କ୍ରିକେଟ ବୋର୍ଡର ସମସ୍ତ ରାଜ୍ୟ ଶାଖାକୁ ଜଣାଇଦେବୁ। ତାଙ୍କୁ ଘରୋଇ ମ୍ୟାଚ୍ ଲାଗି ମିଡିଆ ଆକ୍ରେଡିଟେଶନ ମଧ୍ୟ ଦିଆଯିବ ନାହିଁ। ତାଙ୍କୁ ବ୍ଲାକଲିଷ୍ଟ କରିବା ଲାଗି ଆମେ ଆଇସିସିକୁ ପତ୍ର ଲେଖିବୁ। ଖେଳାଳିମାନଙ୍କୁ ମଧ୍ୟ ତାଙ୍କ ସହ ଆଲୋଚନା ନ କରିବାକୁ କୁହାଯିବ’’ ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି।

# ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନର କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାଙ୍କ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ରଘୁନନ୍ଦନ ପଣ୍ଡା ଗତ ବର୍ଷ ଖର୍ଚ୍ଚର ବିବରଣୀ ଦେବା ସହ ୨୦୨୨-୨୩ ବର୍ଷ ପାଇଁ ୧୫,୬୮,୦୦୦ ଟଙ୍କାର ବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଏହାକୁ ନିର୍ବିବାଦରେ ସମସ୍ତ ସଦସ୍ୟ ଗ୍ରହଣ କରିଥିଲେ। ସବ୍‌ଜୁନିୟର ସ୍ତରରେ ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ୧୪ ବର୍ଷରୁ କମ୍ ଫୁଟବଲ ଏବଂ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ସୂଚନା ଦେଇଥିଲେ। ଉପସଭାପତି ଭାଗ୍ୟଧର ଜଗଦେବ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଏବଂ ବିଭିନ୍ନ କ୍ରୀଡ଼ାର ସମ୍ପାଦକମାନେ ଉପସ୍ଥିତ ଥିଲେ।


ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ କାର୍ଯ୍ୟକାରିଣୀ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଅନ୍ୟାନ୍ୟ ଖବର

# ‘ପାଲି’ ଭାରତର ପ୍ରଥମ କାର୍ବନମୁକ୍ତ ପଞ୍ଚାୟତ

ପାଲି (ସାମ୍ବା),୨୪।୪(ପି.ଟି.)

## ୫୦୦ କିଲୋୱାଟ ସୋଲାର ପ୍ଲାଣ୍ଟ ଉତ୍ସର୍ଗ କଲେ ମୋଦି





ଜମ୍ମୁ-କଶ୍ମୀରର ସୀମାନ୍ତବର୍ତ୍ତୀ ସାମ୍ବା ଜିଲାର ପାଲି ପଞ୍ଚାୟତ ରବିବାର ଦେଶର ପ୍ରଥମ କାର୍ବନମୁକ୍ତ ପଞ୍ଚାୟତର ପରିଚୟ ହାସଲ କରିଛି। ସେଠାରେ ମାତ୍ର ୩ ସପ୍ତାହ ମଧ୍ୟରେ ନିର୍ମାଣ ହୋଇଥିବା ୫୦୦ କିଲୋୱାଟ କ୍ଷମତା ବିଶିଷ୍ଟ ଏକ ସୌରଶକ୍ତି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ପାଲି ସାରା ଦେଶକୁ କାର୍ବନ ନ୍ୟୁଟ୍ରାଲ ହେବାର ମାର୍ଗ ଦେଖାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସବ୍ କା ପ୍ରୟାସ କ’ଣ ତାହା ସେଠାର ଲୋକେ କରି ଦେଖାଇଛନ୍ତି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ଲୋକମାନଙ୍କୁ ସେମାନେ ଖାଦ୍ୟ ଯୋଗାଇଥିଲେ। ଗ୍ରାମ ଉର୍ଜା ସ୍ୱରାଜ କାର୍ଯ୍ୟକ୍ରମରେ ସେଠାର ୬,୪୦୮ ବର୍ଗମିଟରରେ ନିର୍ମାଣ ହୋଇଥିବା ୧,୫୦୦ ସୋଲାର ପ୍ୟାନେଲ୍ ପଞ୍ଚାୟତର ୩୪୦ ଘରକୁ ସ୍ୱଚ୍ଛ ବିଦ୍ୟୁତ୍ ଯୋଗାଇଦେବ। ପଞ୍ଚାୟତର ସମସ୍ତଙ୍କ ଘରେ ଏଲ୍‌ଇଡି ବଲ୍‌ବ, ସୋଲାର କୁକର୍, ସୋଲାର ଷ୍ଟୋଭ୍ ରହିଛି ବୋଲି ସରପଞ୍ଚ ରବୀନ୍ଦ୍ର ଶର୍ମା ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ। ଗ୍ରାମରେ ୧୦ଟି ସୋଲାର ପମ୍ପ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୪୦ଟି ସ୍ଥାପନ କରାଯିବ ବୋଲି ସେ କହିଥିଲେ। ଏହା ଆମ ପାଇଁ ଐତିହାସିକ ଦିନ ବୋଲି ଗ୍ରାମର ଗୁରଦୀପ୍ ସିଂ କହିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୨୦୧୯ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ରବିବାର ସେଠାକୁ ଗସ୍ତ କରିଥିଲେ। ସେଠାରେ ସେ ୨୦,୦୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସେଠାରୁ ସାରା ଦେଶର ଗ୍ରାମସଭାକୁ ଉଦ୍‌ବୋଧନ ଦେଇଥିଲେ। ଜମ୍ମୁ-କଶ୍ମୀରର ଯୁବପିଢ଼ିଙ୍କୁ ସେମାନଙ୍କ ପୂର୍ବପୁରୁଷମାନଙ୍କ ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିବା ପ୍ରକଳ୍ପ ମଧ୍ୟରେ ୮୫୦ ମେଗାୱାଟ ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ, ୫୪୦ ମେଗାୱାଟ କ୍ୱାର୍ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ଦିଲ୍ଲୀ-ଅମୃତସର-କଟ୍ରା ଏକ୍ସପ୍ରେସ୍‌ୱେ ରହିଛି। ୩,୧୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବନିହାଲ-କାଜିଗଣ୍ଡ ରୋଡ୍ ଟନେଲକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ୮.୪୫ କିଲୋମିଟର ଦୀର୍ଘ ସୁଡ଼ଙ୍ଗ ବନିହାଲ ଏବଂ କାଜିଗଣ୍ଡ ମଧ୍ୟରେ ଦୂରତା ୧୬ କିଲୋମିଟର କମାଇବା ସହ ଯାତ୍ରା ସମୟକୁ ୧.୫ ଘଣ୍ଟା ହ୍ରାସ କରିବ।

# ସୁପ୍ରିମକୋର୍ଟ ସ୍କାନରରେ ମଧ୍ୟପ୍ରଦେଶ ନୀତି

**ନୂଆଦିଲ୍ଲୀ,୨୪।୪:** ଭାଜପା ଶାସିତ ମଧ୍ୟପ୍ରଦେଶରେ ବିଭିନ୍ନ ମାମଲାର ଅଭିଯୁକ୍ତମାନଙ୍କୁ ସଫଳତାପୂର୍ବକ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଉଥିବା ସରକାରୀ ଓକିଲମାନଙ୍କୁ ପୁରସ୍କାର ବା ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟ ସରକାରଙ୍କ ଏହି ନୀତି ଏବେ ସୁପ୍ରିମକୋର୍ଟଙ୍କ ସ୍କାନରକୁ ଆସିଛି। ଏହି ପ୍ରସଙ୍ଗରେ ମେ’ ୧୦ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏ ସମ୍ପର୍କିତ ଦସ୍ତାବିଜ୍ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କ ଓକିଲଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ଟ୍ରାଏଲ କୋର୍ଟରେ ମୃତ୍ୟୁଦଣ୍ଡ ଦେବା ପାଇଁ ସରକାରୀ ଓକିଲମାନେ ସଫଳତାର ସହ ଯୁକ୍ତି ବାଢ଼ି ପାରିଲେ ମଧ୍ୟପ୍ରଦେଶ ସରକାର ସେମାନଙ୍କୁ ଦେଉଥିବା ପ୍ରୋତ୍ସାହନର ନୀତିକୁ ନେଇ ସୁପ୍ରିମକୋର୍ଟ ସମୀକ୍ଷା କରିବେ। ଜଷ୍ଟିସ୍ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ବିଷୟ ସଜ୍ଞାନକୁ ନେଇ ନିଜ ଆଡୁ

**ମୃତ୍ୟୁଦଣ୍ଡ ପାଇଁ ସଫଳ ଯୁକ୍ତି ବାଢ଼ିଲେ ଓକିଲଙ୍କୁ ପୁରସ୍କାର**

ମାମଲା ରୁଜୁ କରିଛନ୍ତି। ସରକାରୀ ଓକିଲଙ୍କୁ ପ୍ରୋତ୍ସାହିତ କରିବାର ଏଭଳି ପ୍ରଥାକୁ ମୂଳରୁ ବନ୍ଦ କରାଯିବା ଉଚିତ ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କ ଆପତ୍ତିକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି।


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



(ପ୍ରେରଣା), (ପ୍ରତ୍ୟାଶା)
ଆଦିମାତା କଲୋନୀ, ଭୁବନେଶ୍ୱର
ଆଜି ତୁମ ଦୁଇ ଭଉଣୀଙ୍କୁ ଚତୁର୍ଥ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭ କାମନା। ଈଶ୍ୱରଙ୍କ ଆଶୀର୍ବାଦରେ ତୁମର ଚଲାପଥ କୁସୁମିତ ହେଉ ଓ ହସ ଖୁସିରେ ଭରିଯାଉ।
ଶୁଭେଚ୍ଛା ସହ: ଜେଜେବାପା ଜେଜେମାଆ, ଅଜା, ଆଇ, ପାପା, ମାମା, ବଡ଼ନାନୀ, ପିଉସା, କକେଇ, ଗୁନୁମମି, ମାମୁ, ମାଈଁ, ତିନିଦିଦି ଓ ଇଶାନ।
ଧ-୭୦୭୯୧

**HAPPY BIRTHDAY**



Archita Mishra (Rini)
(Founder) Admn
"24X7A Always Alert Social Group"
ଜନ୍ମ ବାର୍ଷିକ ଅବସରରେ ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଆପଣଙ୍କ ଚଲାପଥ କୁସୁମିତ ହେବା ସହିତ ଆପଣଙ୍କ ଏକମାତ୍ର ପୁତ୍ର ଶ୍ରୀ ଶିବାଶିଷ ନନ୍ଦଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏବଂ ଆପଣ ଓ ଆପଣଙ୍କ ପରିବାର ଦୀର୍ଘାୟୁ ହୁଅନ୍ତୁ। ଆପଣଙ୍କ ଆଶୀର୍ବାଦ ଆମ ସଂଗଠନ ସହିତ ଯୋଡ଼ିହୋଇ ରହୁ।
ଶୁଭେଚ୍ଛା ସହ: (କର୍ମଚାରୀ ବୃନ୍ଦ)
Mob. No.- 9861375760
ଧ-୨୦୫



**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭଗବାନ ନାୟକ
ସିଙ୍ଗିରି, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ-୦୩।୦୭।୧୯୪୯
ତିରୋଧାନ- ୦୬।୦୫।୨୦୨୧
ଅଫେରା ରାଇଜେ କାହିଁ ଚାଲିଗଲ,
ପାରୁନୁ ତୁମକୁ ଦେଖି।
ତୁମ ବିନା ଆଜି ଶୂନ୍ୟସ୍ଥାନ ଲାଗେ,
କାନ୍ଦର ପରାଣ ଖୋଜି।
ତୁମ ସ୍ନେହ, ଶ୍ରଦ୍ଧା ଝୁରଇ ଏ ପ୍ରାଣ,
ଅଶ୍ରୁସିକ୍ତ ଦୁଇ ଆଖି।
ଭୁଲି ପାରିବୁନି ତବ ଗୁଣ, କୀର୍ତ୍ତି,
ମଧୁର ମମତା ସ୍ମୃତି।
ଚାହିଁ ଚାହିଁ ଆଜି ବରଷେ ପୂରିଲା,
କେଉଁଆଡେ ଗଲ ହଜି।
ପ୍ରଭୁଙ୍କ ପୟରେ ଜଣାଉ ଭକ୍ତିରେ ଆତ୍ମା ହେଉ ସଦ୍‌ଗତି।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଅନ୍ୟ ବନ୍ଧୁ ପରିବାରବର୍ଗ।
ଧ-୭୦୭୯୦


# ସଡ଼କ ଦୁର୍ଘଟଣାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୪।୪


ମୃତ ରବୀନ୍ଦ୍ର ସାହୁ


ଆହତ ସନ୍ତୋଷ ସାହୁ

ଗଞ୍ଜାମ ଜିଲା ଧରାକୋଟ ଉଉଗାଁ ଛକରେ ଏକ ସଡ଼କ ଦୁର୍ଘଟଣାରେ ଶନିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ସହର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ଜଣେ ଉଦୀୟମାନ ପ୍ରତିଯୋଗୀ ରବୀନ୍ଦ୍ର ସାହୁ (୨୫) ପ୍ରାଣ ହରାଇଛନ୍ତି। ତାଙ୍କ ସହଯାତ୍ରୀ ଥିବା ଅନ୍ୟ ଜଣେ ପ୍ରତିଯୋଗୀ ସନ୍ତୋଷ ସାହୁ ଗୁରୁତର ହୋଇଛନ୍ତି। ଏ ନେଇ ଧରାକୋଟ ଥାନାରେ ନଂ.୯୭/୨୨ରେ ମାମଲା ରୁଜୁ ହୋଇଛି। ରବୀନ୍ଦ୍ର ଗୋଷାଣୀନୂଆଗାଁ ବିଶ୍ୱନାଥ ନଗର ୨ୟ ଲାଇନ୍‌ର କିଶୋର ଚନ୍ଦ୍ର ସାହୁଙ୍କ ସାନପୁଅ। ଆହତ ସନ୍ତୋଷଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଶନିବାର ରବୀନ୍ଦ୍ର ସପରିବାର ଓ ବନ୍ଧୁ ସନ୍ତୋଷଙ୍କ ସହ ହିଞ୍ଜିଳିକାଟୁରେ ଏକ ଭୋଜିରେ ଯୋଗ ଦେଇଥିଲେ। ଅପରାହ୍ନରେ ସେଠାରୁ ସନ୍ତୋଷଙ୍କ ସହ ମିଶି ଆଇଙ୍କୁ ଛାଡ଼ିବା ଲାଗି ଏକ ସ୍କୁଟିରେ ସୋରଡ଼ା ଯାଉଥିଲେ। ସୋରଡ଼ାରୁ ବ୍ରହ୍ମପୁର ଫେରୁଥିବା ବେଳେ ଧରାକୋଟ ଉଉଗାଁ ଛକରେ ରାସ୍ତା କାମ ଚାଲିଛି। ସେମାନଙ୍କ ଗାଡିଟିର ଗତି ଦ୍ରୁତ ଥିବାରୁ ଏକ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ। ପରେ ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଆସ୍କା ମେଡିକାଲରେ ଭର୍ତ୍ତି କରିଥିଲା। ରବୀନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଆହତ ଓ ମୃତକଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଗତ ଦୁଇ ଦିନ ପୂର୍ବେ ଅର୍ଥାତ ୨୧ ଏପ୍ରିଲରେ ମିଷ୍ଟର ଇଣ୍ଡିଆ ଓ ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତାରୁ ଫେରିଥିବା ଗଞ୍ଜାମ ଜିଲା ବଡ଼ିବିଲ୍ଡିଂ ସଂଘ ପ୍ରତିଯୋଗୀଙ୍କ ଗହଣରେ ରବୀନ୍ଦ୍ର ଓ ସନ୍ତୋଷ ଉଭୟଙ୍କୁ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ ବ୍ରହ୍ମପୁର ରେଳଷ୍ଟେଶନଠାରେ ସମ୍ବର୍ଦ୍ଧିତ କରିଥିଲେ।

# ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦ ସିଂହ ଗିରଫ

ଭୁବନେଶ୍ୱର, ୨୪।୪ (ବ୍ୟୁରୋ)

ଦୀର୍ଘଦିନ ଧରି ଫେରାର ଥିବା ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦ ସିଂହ ଧରାପଡିଛନ୍ତି। ତାଙ୍କ ଘର ବିହାର ଅଯୋଧ୍ୟାନଗରରେ। ମାଲକାନଗିରି ପୋଲିସ ସହାୟତାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ରବିବାର ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କୁ ଓଡ଼ିଶା ଅଣାଯାଇ ଅଧିକ ପଚରାଉଚରା କରି ତାଙ୍କ ର୍ୟାକେଟର ପର୍ଦ୍ଦାଫାଶ କରିବାକୁ ଏସ୍‌ଟିଏଫ୍ ଲକ୍ଷ୍ୟ ରଖିଛି। ସୂଚନାନୁଯାୟୀ, ଗତ ୨୦୨୧ ମାର୍ଚ୍ଚ ୩ରେ ଗଞ୍ଜେଇ ଚୋରାଚାଲାଣବେଳେ ମାଥିଲି ଥାନା ପୋଲିସ ୨ ପିକ୍‌ଅପ୍ ଭ୍ୟାନ ସହ ୮୮୪ କେଜି ଗଞ୍ଜେଇ ଜବତ କରିଥିଲା। ଏଥିସହ ଅଭିଯୁକ୍ତ ସୋମେଶ ହାନ୍ତଲ ଓ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚାରଉଚରାବେଳେ ଉକ୍ତ ଗଞ୍ଜେଇ ଚୋରାଚାଲାଣର ମାଷ୍ଟରମାଇଣ୍ଡ୍ ମୁନ୍‌ସୀ ପ୍ରସାଦ ବୋଲି ଜଣାପଡିଥିଲା। ଏନେଇ ମାଥିଲି ଥାନା ପୋଲିସ ମାମଲା ନଂ.୪୩/୨୧ ରୁଜୁ କରି ତଦନ୍ତ କରିବା ସହ ଗଞ୍ଜେଇ ମାଫିଆ ମୁନ୍‌ସୀ ପ୍ରସାଦଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଥିଲା।


**CLASSIFIED DISPLAY**

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ସରକାରୀ ସୁବିଧାର ଉଠାନ୍ତୁ ଲାଭ**
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625



**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଏପ୍ରିଲ, ୨୦୨୨



# ମ୍ୟାଲେରିଆ ହ୍ରାସ ପାଇଁ ପ୍ରୟାସ



ଡା. ରାମଚନ୍ଦ୍ର ରାଉତ

ଆଜି ହେଉଛି 'ବିଶ୍ୱ ମ୍ୟାଲେରିଆ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



ମ୍ୟାଲେରିଆ ସମସ୍ତଙ୍କ ପାଇଁ କୌଣସି ନୂଆ ରୋଗ ନୁହେଁ। ଏହା ମଣିଷ ସଭ୍ୟତାର ଏକ ପୁରାତନ ରୋଗ। ଏହାର ପରଜୀବୀ (ପାରାସାଇଟ୍)କୁ ୧୮୯୭ ମସିହା ଅଗଷ୍ଟ ୨୦ ତାରିଖରେ ଆର୍ମି ସର୍ଜନ ଡା. ରୋନାଲଡ୍ ରସ୍ ଭାରତର ସିକନ୍ଦରାବାଦରେ ଆବିଷ୍କାର କରିଥିଲେ। କ୍ରମଶଃ ଏହାର ବାହକ ମାଈ ଏନୋଫିଲିସ ମଶା ଓ ପରଜୀବୀ ଚାରି ପ୍ରକାରର ବୋଲି ଜଣାପଡିଲା। ଏହି ଜ୍ୱର ସୃଷ୍ଟିକାରୀ ରୋଗର ଚିକିତ୍ସା ମଧ୍ୟ ସଫଳ ରୂପେ ହୋଇପାରିଲା ତତ୍‌ଜନିତ ଅତ୍ୟଧିକ ମୃତ୍ୟୁ ରୋକାଯାଇ ପାରିଥିଲା। ମ୍ୟାଲେରିଆ ସମ୍ପର୍କରେ ସବିଶେଷ ଭାବରେ ଜାଣିବା ଏବଂ ଜନସଚେତନା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ୍ ରହିଛି 'ମ୍ୟାଲେରିଆ ମୃତ୍ୟୁହାର ହ୍ରାସ ପାଇଁ ନୂତନ ପ୍ରୟାସ'।

ମ୍ୟାଲେରିଆ ନିୟନ୍ତ୍ରଣ ମୁଖ୍ୟତଃ ବାହକ (ଭେକ୍ଟର) ମଶା ନିୟନ୍ତ୍ରଣ ଉପରେ ନିର୍ଭର କରିଥାଏ। ମଶାମାନଙ୍କ ଦ୍ୱାରା ମ୍ୟାଲେରିଆ ବ୍ୟତୀତ ଡେଙ୍ଗୁ, ଫାଇଲେରିଆ, ପିତ୍ତଜ୍ୱର, ଚିକନଗୁନିଆ, ମସ୍ତିଷ୍କ ପ୍ରଦାହ, ଜିକା ଏବଂ ଆଉ କେତେକ ଭୂତାଣୁଜନିତ ରୋଗ ବ୍ୟାପିଥାଏ।

ଆମ ରାଜ୍ୟରେ ପାଖାପାଖି ଏକ ଲକ୍ଷ ଷାଠିଏକୋଟି କୀଟନାଶକ ଔଷଧ, ଦୀର୍ଘସ୍ଥାୟୀ ମଶାରି ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ଜନସାଧାରଣଙ୍କୁ ବିନାମୂଲ୍ୟରେ ବିତରଣ କରାଯାଇଛି। ପ୍ରଥମେ ପ୍ରଥମେ ଲୋକମାନେ କେତେକ ବ୍ୟକ୍ତିଗତ କାରଣରୁ ଏହାର ବ୍ୟବହାର ପାଇଁ ଆଗ୍ରହ ପ୍ରକାଶ କରୁ ନ ଥିଲେ, ମାତ୍ର ସମୟକ୍ରମେ ସେମାନେ ଏହାର ବ୍ୟବହାରକୁ ଅଭ୍ୟାସରେ ପରିଣତ କରିବା ଦ୍ୱାରା ଆମ ରାଜ୍ୟରେ ପ୍ରାୟ ୭୦ ପ୍ରତିଶତ ମ୍ୟାଲେରିଆ ହ୍ରାସ ପାଇଛି।





ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପିଥାଏ। ଅର୍ଥାତ୍ ମଶା ମ୍ୟାଲେରିଆ ରୋଗୀଠାରୁ ଜୀବାଣୁ ରକ୍ତ ମାଧ୍ୟମରେ ଆଣିଥାଏ। ତେଣୁ ଉଭୟ ରୋଗୀ ଓ ସୁସ୍ଥ ଲୋକ ମଧ୍ୟରେ ଏକ ସୁରକ୍ଷାବଳୟ ସୃଷ୍ଟି କରିଥାଏ। ଏହି ଏକକ କାର୍ଯ୍ୟ ଦ୍ୱାରା ଆମ ରାଜ୍ୟ ମ୍ୟାଲେରିଆ ନିୟନ୍ତ୍ରଣରେ ଅଶାନୁରୂପ ସଫଳତା ଲାଭ କରିଛି। ଗୋଟିଏ ମଶାରିର ଦାମ୍ ଜଣେ ମ୍ୟାଲେରିଆ ରୋଗୀର ଚିକିତ୍ସା ଖର୍ଚ୍ଚଠାରୁ ଯଥେଷ୍ଟ କମ୍ ଏବଂ ମଣିଷ ଜୀବନର ମୂଲ୍ୟ ତୁଳନାରେ ଅତ୍ୟନ୍ତ ନଗଣ୍ୟ। ଏହି ଅଭ୍ୟାସକୁ ସମସ୍ତେ ଆପଣେଇଲେ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ କରାଯାଇପାରିବ।

ଆଉ ଗୋଟିଏ ଉପାୟ ହେଲା, ମଶାମାନଙ୍କ ନିୟନ୍ତ୍ରଣ ଅର୍ଥାତ୍ ମଶାମାନଙ୍କ ବଂଶବୃଦ୍ଧି କରିବାକୁ ନ ଦେବା। ସାଧାରଣତଃ ଅଣ୍ଡିରା ମଶା ପ୍ରାୟ ୧୦ଦିନ ବଞ୍ଚୁଥିବା ବେଳେ ମାଈ ମଶାମାନେ ୪୨-୫୬ଦିନ ବଞ୍ଚୁଥାଆନ୍ତି। ଆଇଆରଏସ ଅର୍ଥାତ୍ କୀଟନାଶକ ସିଞ୍ଚନ ଦ୍ୱାରା ସେମାନଙ୍କୁ ମାରିବା ହେତୁ ସେମାନଙ୍କର ବଂଶବୃଦ୍ଧିକୁ ରୋକାଯାଇପାରୁଛି। ମାତ୍ର ମଶାମାନେ ଏସବୁ କୀଟନାଶକକୁ ପ୍ରତିରୋଧ କରି ବଞ୍ଚି ରହୁଛନ୍ତି। ଫଳରେ ଅନେକ କ୍ଷେତ୍ରରେ ଏହା ସଫଳତା ଆଣିପାରୁନାହିଁ।

ତୃତୀୟତଃ ମ୍ୟାଲେରିଆ ପ୍ରତିଷେଧକ ରୂପେ ଏକ ଟିକା-RTs,5/ASO1ର ପରୀକ୍ଷାମୂଳକ ରୂପେ ବ୍ୟବହାର ଦ୍ୱାରା ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣକୁ ଆଣିହେବ। ୨୦୩୦ ସୁଦ୍ଧା ଏହାକୁ ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ଗତବର୍ଷ (୨୦୨୧-୨୨)ରେ ଆମ ରାଜ୍ୟରେ ୬୧,୫୯୯,୭୪ଟି ତୁରନ୍ତ ନିୟନ୍ତ୍ରଣ କିଟ୍, ଆରଡିକେ ଦ୍ୱାରା ରକ୍ତ ପରୀକ୍ଷା କରାଯାଇ ୨୨,୫୯୪ଟି ପିଏଫଆର ମ୍ୟାଲେରିଆ କେସ୍ ଓ ୨୯୦୯ଟି ପିଭିଟି ମ୍ୟାଲେରିଆ କେସ୍ ନିଶ୍ଚୟପୂର୍ବକ ସଫଳ ଚିକିତ୍ସା ଦ୍ୱାରା ମ୍ୟାଲେରିଆ ମୃତ୍ୟୁକୁ ୧୩ରେ ସୀମିତ ରଖାଯାଇପାରିଛି। ଏହା ଆମ ରାଜ୍ୟ ପାଇଁ ବଡ ଉପଲବ୍ଧି।

## ମ୍ୟାଲେରିଆ : କିଛି କଥା

- ମ୍ୟାଲେରିଆ ସାଧାରଣତଃ ଶିଶୁ ଓ ଗର୍ଭବତୀମାନଙ୍କୁ ଅଧିକ ହୋଇଥାଏ।
- ୨୦୨୦ରେ ପୃଥିବୀରେ ୨୪କୋଟି ୧୦ଲକ୍ଷ ମ୍ୟାଲେରିଆ କେସ୍ ହୋଇଥିଲା।
- ୨୦୨୦ରେ ବିଶ୍ୱରେ ମ୍ୟାଲେରିଆଜନିତ ମୃତ୍ୟୁ ଥିଲା ୬,୨୭,୦୦୦।
- ପଞ୍ଚବର୍ଷରୁ କମ୍ ପିଲା ଏହି ମୃତ୍ୟୁ ସଂଖ୍ୟାର ୮୦ ପ୍ରତିଶତ ଅଟନ୍ତି।
- କେବଳ ଆଫ୍ରିକୀୟ ଦେଶଗୁଡ଼ିକରେ ଏହି ମ୍ୟାଲେରିଆର ୯୫ ପ୍ରତିଶତ କେସ୍ ଓ ୯୬ ପ୍ରତିଶତ ରୋଗୀଙ୍କର ମୃତ୍ୟୁ ହୋଇଥିଲା।



- ସଠିକ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ମ୍ୟାଲେରିଆଜନିତ ମୃତ୍ୟୁକୁ ଅନେକାଂଶରେ ରୋକାଯାଇପାରିଥାଏ।
- ୨୦୧୭ରେ ଚାଇନାରେ ଆଦୌ ମ୍ୟାଲେରିଆ ହୋଇ ନ ଥିଲା। ୨୦୨୧ରେ ଏହି ଦେଶକୁ ମ୍ୟାଲେରିଆମୁକ୍ତ ଘୋଷଣା କରାଯାଇଥିଲା।
- ଅନ୍ୟପକ୍ଷରେ ମାଲେସିଆକୁ ଲଗାତର ତିନି ବର୍ଷ ମ୍ୟାଲେରିଆମୁକ୍ତ ଘୋଷଣା କରାଯାଇଥିଲା। ହେଲେ ସେଠାରେ ଗତବର୍ଷ ୨୬୦୦ ମ୍ୟାଲେରିଆ କେସ୍ ହୋଇଥିଲା।
- କାମ୍ବୋଡିଆ ଓ କୋରିଆରେ ମଧ୍ୟ ମ୍ୟାଲେରିଆ ନ ଥିବା ଜଣାପଡ଼ିଛି।
- ଫଲିସପାରମ୍ ମ୍ୟାଲେରିଆରେ ୨୪ ଘଣ୍ଟା ମଧ୍ୟରେ ରୋଗୀର ମୃତ୍ୟୁ ହେବାର ଆଶଙ୍କା ରହିଛି।
- ମ୍ୟାଲେରିଆ ଏକ ପ୍ରତିଷେଧ କରାଯାଇପାରୁଥିବା ଓ ସଫଳ ଚିକିତ୍ସା କରାଯାଇପାରୁଥିବା ରୋଗ।
- ନୂତନ ଔଷଧ 'ACT' ଅତ୍ୟନ୍ତ ଫଳପ୍ରଦ ମାତ୍ର ଏହା ତୁରନ୍ତ କରାଯିବା ଉଚିତ।
- ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ରାପିଡ୍ ଡାଇଗ୍ନୋଷ୍ଟିକ୍ ଟେଷ୍ଟ ପାଇଁ କିଟ୍ ଇତ୍ୟାଦି ଯୋଗାଣ ହୋଇଛି ଏବଂ ମ୍ୟାଲେରିଆକୁ ସହଜରେ ପରୀକ୍ଷା କରାଯାଇପାରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତଙ୍କ ସହଯୋଗରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇପାରିବ।

-ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସୂଚନା ଓ ପରିସଂଖ୍ୟାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ମୋ : ୮୨୪୯୦୮୭୯୯୫

# ସନ୍ତୁଳିତ ରହିବ କୋଲେଷ୍ଟରଲ



ଆମ ଶରୀରରେ କୋଲେଷ୍ଟରଲ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ବ୍ଲଡପ୍ରେସର, ହାର୍ଟ ଆଟାକ୍ ପରି ସମସ୍ୟାକୁ ତାହା ଡାକିଆଣିଥାଏ। ତେଣୁ ବୟସ ବଢ଼ିଲେ ରକ୍ତରେ ଏପରି ତତ୍ତ୍ୱର ପରିମାଣକୁ ମାପିନେବା ଦରକାର। ତା'ସହ ଆଜିକାଲି ଅନେକ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି। ଏହା ମଧ୍ୟ କୋଲେଷ୍ଟରଲ ବଢ଼ାଇବାରେ ସହାୟକ ହୋଇଥାଏ। ତେବେ ଏହାକୁ ସନ୍ତୁଳିତ ରଖିବାର ସହଜ ଉପାୟ ରହିଛି। ବାସ୍, ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଟମାଟୋ ସାମିଲ କରନ୍ତୁ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିଥାଏ। କେବଳ ସେତିକି ନୁହେଁ ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ।



# ସାଙ୍ଗସାଥୀ ଓ ବୁଦ୍ଧିମତ୍ତା



ବୁଦ୍ଧିମତ୍ତା ବିକାଶର ଏକ ନୂଆ ଉପାୟ ଆପଣଙ୍କର ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ସାଙ୍ଗସାଥୀ। ଅର୍ଥାତ୍ ସାଙ୍ଗସାଥୀଙ୍କ ସହ ସକାରାତ୍ମକ କଥାବାର୍ତ୍ତା ଜଣେ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। 'ସାଙ୍ଗସାଥୀ ଓ ବୁଦ୍ଧିମତ୍ତା' ଶୀର୍ଷକ ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ସିଓଲର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଅଧିକାଂଶ ସମୟ ସାଙ୍ଗସାଥୀଙ୍କ ସହ ସକାରାତ୍ମକ କଥାବାର୍ତ୍ତା ହେଉଥିଲେ, ସେମାନଙ୍କର ବୁଦ୍ଧିମତ୍ତା ଅନ୍ୟମାନଙ୍କ ତୁଳନାରେ କେତେକାଂଶରେ ପ୍ରଖର ଥିବାର ଜଣାପଡିଥିଲା। ତେବେ ଏଭଳି ପରିବେଶରେ ରହିବା ସହ ନିଜର ମାନସିକତା ପ୍ରତି ନଜର ଦେବା ଆବଶ୍ୟକ। ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। ତା'ସହ ଜୀବନଶୈଳୀକୁ ସୁରୁଖୁରୁରେ ଆଗକୁ ଆଗେଇ ନେବା ପାଇଁ ରୁଟିନ୍ ପ୍ରସ୍ତୁତ କରନ୍ତୁ।

## ପରିଚୟ

### ପୃଥିବୀ ବାହାରେ ଜୀବଜଗତ





ସୌରଜଗତ ବାହାରେ ପାଞ୍ଚ ହଜାରରୁ ଅଧିକ ଗ୍ରହ ଆବିଷ୍କୃତ ହେଲାଣି ଏବଂ ସେଥିରେ ବୁଦ୍ଧିମାନ୍ ଜୀବର ଅନ୍ୱେଷଣ କରାଯାଉଛି। ଏଭଳି ବିଷୟକୁ ବେଶ୍ ସୁନ୍ଦର ଭାବରେ ନିକଟରେ ପ୍ରକାଶିତ ବିଜ୍ଞାନ ପୁସ୍ତକରେ ଉପସ୍ଥାପନା କରାଯାଇଛି। 'ପୃଥିବୀ ବାହାରେ ଜୀବଜଗତ' ଶୀର୍ଷକ ଏହି ପୁସ୍ତକର ରଚନା କରିଛନ୍ତି ବିଶିଷ୍ଟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁ। ଏଥିରେ ସୌରଜଗତ ବାହାରେ ଥିବା ଗ୍ରହ ଏବଂ ପୃଥିବୀ ବାହାରେ ଜୀବଜଗତର ଅନ୍ୱେଷଣ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରାଯାଇଛି। କଟକସ୍ଥିତ ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ 'ଅନନ୍ୟ ପୃଥିବୀ', 'ସୌରଜଗତରେ ଜୀବ', 'ବାସଯୋଗ୍ୟ ଗ୍ରହ' ଏବଂ 'ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ଅନ୍ୱେଷଣ' ଆଦି ବିଷୟଗୁଡ଼ିକ ପାଠିକା-ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ଉକ୍ତ ସଚିତ୍ର ବିଜ୍ଞାନ ପୁସ୍ତକର ମୂଲ୍ୟ ରହିଛି ୯୦ଟଙ୍କା। ଯୋଗାଯୋଗ: 'ପୃଥିବୀ ବାହାରେ ଜୀବଜଗତ', ବିଦ୍ୟାପୁରୀ, ବାଲୁବଜାର, କଟକ।

# ଔଷଧ : କିଛି କଥା

ଆମେ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଯଦି ପରିସ୍ଥିତି ଖରାପ ଥାଏ, ତେବେ ହସପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡେ। ଯଦି ଆପଣ ଔଷଧ ଖାଉଛନ୍ତି ତେବେ କେତୋଟି ଦିଗ ପ୍ରତି ନଜର ଦେବା ଆବଶ୍ୟକ। ପ୍ରଥମେ ଡାକ୍ତର ଯେତିକି ଦିନ ପାଇଁ ଔଷଧ ଖାଇବାକୁ କହିଛନ୍ତି ତାହାକୁ ଅନୁସରଣ କରନ୍ତୁ। କିଛି ଦିନ ଔଷଧ ଖାଇବା ପରେ ଯଦି ସୁସ୍ଥ ଲାଗିଲା, ତେବେ ମଧ୍ୟ ଡାକ୍ତର ନିର୍ଦ୍ଧାରଣ କରିଥିବା ଦିନ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ। ମନକୁ ମନ କୌଣସି ଔଷଧ ବନ୍ଦ କରିଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କର ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବାର ଆଶଙ୍କା ରହିଛି। ଔଷଧକୁ ନେଇ ଯଦି ମନରେ କିଛି ସନ୍ଦେହ ରହିଛି ତେବେ ସେ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ପୂର୍ବରୁ କିଛି ଔଷଧ ଖାଉଛନ୍ତି ତେବେ ସେ ନେଇ ଡାକ୍ତରଙ୍କୁ ସୂଚନା ଦିଅନ୍ତୁ। ଔଷଧ ଖାଇବା ସମୟରେ ଯଦି କିଛି ସମସ୍ୟା ଦେଖାଦେଲା ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଏହା ଆପଣଙ୍କ ଚିତ୍ତକୁ ପ୍ରସନ୍ନ ରଖିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି କରିବ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରାଇ ରଖନ୍ତୁ।



# ପୁନଃ ଯୌବନ: ସମ୍ଭାବନା ଦିଗରେ ପାଦେ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

କୁହାଯାଏ ଯେ, ଆମ ଜୀବନସ୍ରୋତ ନିଃଶବ୍ଦରେ ବହିଚାଲିଥାଏ ମୃତ୍ୟୁ ସିନ୍ଧୁର କରାଳ ଲହରିକୁ ଭେଟିବା ପାଇଁ। ଜନ୍ମପରଠାରୁ ଏ ପ୍ରକ୍ରିୟା ଆରମ୍ଭ ହୋଇଯାଏ ଏବଂ ତାହା ଗତିକରେ ଶୈଶବ, ଯୌବନ, ପୌଢ଼ତ୍ୱ ଏବଂ ବାର୍ଦ୍ଧକ୍ୟ ଅବସ୍ଥା ଦେଇ। ଏହା ଅପ୍ରତ୍ୟାବର୍ତ୍ତୀ। ତେବେ ତାକୁ ପ୍ରତ୍ୟାବର୍ତ୍ତୀ କରିବା ଲାଗି, ବିଶେଷକରି ବାର୍ଦ୍ଧକ୍ୟରୁ ଯୌବନାବସ୍ଥାକୁ ଫେରିବା ପାଇଁ ମଣିଷ ଯୁଗ ଯୁଗ ଧରି ସ୍ୱପ୍ନ ଦେଖିଆସିଛି। ଆମ ପୁରାଣଶାସ୍ତ୍ର ଏଭଳି ବହୁ କାଳ୍ପନିକ କାହାଣୀରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ପୁରାତନ ଚିକିତ୍ସା ଶାସ୍ତ୍ରରୁ ମଧ୍ୟ ଏଥିପାଇଁ ବିବିଧ ରସାୟନମାନ ପ୍ରସ୍ତୁତି ଲାଗି ବ୍ୟାପକ ଉଦ୍ୟମ ହୋଇଥିବାର ଜଣାପଡ଼େ। ତେବେ ଏ କ୍ଷେତ୍ରରେ ଏକ ସଫଳ ସମ୍ଭାବନା ପାଦଟିଏ ଅଗ୍ରସର ହୋଇଛନ୍ତି ବୈଜ୍ଞାନିକମାନେ। ନିକଟରେ କାଲିଫର୍ନିଆସ୍ଥିତ ସାନଡିଏଗୋର ସାଲ୍‌କ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ଗବେଷଣାରତ କିଛି ବୈଜ୍ଞାନିକ ବୟସ୍କ ମୂଷାମାନଙ୍କଠାରେ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ପ୍ରତ୍ୟାବର୍ତ୍ତୀ କରିବାରେ କିଛିମାତ୍ରାରେ ସଫଳକାମୀ ହୋଇଛନ୍ତି। ସେମାନେ ଏଥିଲାଗି ନିୟୋଜିତ କରିଛନ୍ତି "ଜୀବକୋଷୀୟ ପୁନଃଯୌବନଦାୟୀ କୌଶଳ" (ସେଲୁଲାର୍ ରିଜୁଭେନେସନ୍ ଟେକ୍ନୋଲୋଜି)। ୟାମାନାକା ଅନୁଲିଖନ କାରକ (ୟାମାନାକା ଟ୍ରାନସ୍କ୍ରିପସନ୍ ଫ୍ୟାକ୍ଟର୍ସ) ରୂପେ ଜଣାଶୁଣା ଚାରୋଟି ଅଣୁକୁ ଏଥିରେ ବ୍ୟବହାର କରାଯାଇଛି। ଗବେଷକମାନେ ଏଥିରେ ପ୍ରଦର୍ଶନ କରିପାରିଛନ୍ତି ଯେ, ବୃଦ୍ଧ ମୂଷାମାନଙ୍କ ଜୀବକୋଷଗୁଡ଼ିକୁ ଏହି ପଦ୍ଧତିରେ ଆଂଶିକ ଭାବେ ପୁନଃବିନ୍ୟାସ କରି ଅପେକ୍ଷାକୃତ ଯୁବାବସ୍ଥାକୁ ଫେରାଇ ନିଆଯାଇପାରିବ।

ୟାମାନାକା ଅନୁଲିଖନ କାରକ ଚାରୋଟିକୁ ସୂଚିତ କରାଯାଏ Oct4, Sox2, Klf4 ଏବଂ CMyc ରୂପେ। ଏଗୁଡ଼ିକ ହେଲେ ପ୍ରୋଟିନ୍ ଅନୁଲିଖନକାରୀ କାରକ ଯାହାକି 'ପ୍ରରୋଚିତ ବହୁବିଧ ସାମର୍ଥ୍ୟ ସମ୍ପନ୍ନ କାଣ୍ଡକୋଷିକା' ବା "ଇଣ୍ଡିଉସ୍ ପ୍ଲୁରିପୋଟେଣ୍ଟ ଷ୍ଟେମ୍‌ସେଲ୍" ସୃଷ୍ଟି କରନ୍ତି। ଏହି କାଣ୍ଡକୋଷିକାଗୁଡ଼ିକର ଶରୀରରେ ଯେକୌଣସି ପ୍ରକାର କୋଷିକାକୁ ରୂପାନ୍ତରିତ ହେବାର କ୍ଷମତା ରହିଛି। ଏଗୁଡ଼ିକ ଜିନ୍‌ସ୍ଥିତ ଡିଏନ୍‌ଏର ଆର୍‌ଏନ୍‌ଏକୁ ପ୍ରତିଲିପୀକରଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି। ଜିନ୍‌ସ୍ଥିତ ଡିଏନ୍‌ଏକୁ ଆଧାର ରୂପେ ବ୍ୟବହାର କରି 'ଆର୍‌ଏନ୍‌ଏ-ପଲିମରେଜ୍' ନାମକ ଏକ ଏଞ୍ଜାଇମ୍ ଆର୍‌ଏନ୍‌ଏ ସଂଶ୍ଲେଷଣକାରୀ ରାସାୟନିକ ପ୍ରକ୍ରିୟାକୁ ଉତ୍‌ପ୍ରେରିତ କରେ।



ପ୍ରଥମେ ୨୦୦୬ ମସିହାରେ ଜାପାନ ବୈଜ୍ଞାନିକ ଡ. ଶିନ୍ୟା ୟାମାନାକା ଆବିଷ୍କାର କରିଥିଲେ ଯେ, ଏହି ଚାରୋଟି ଜିନ୍ ନିୟନ୍ତ୍ରଣକାରୀ ପ୍ରୋଟିନ୍‌କୁ ଜୀବକୋଷରେ ଯୋଗ କଲେ ସେଗୁଡ଼ିକୁ ଭ୍ରୂଣୀୟକାଣ୍ଡକୋଷିକା (ଏମ୍ବ୍ରିଓନିକ୍ ଷ୍ଟେମ୍‌ସେଲ୍) କୁହାଯାଉଥିବା ଏକ ଅପେକ୍ଷାକୃତ କମ୍ ବୟସର ଏବଂ ଅଧିକ ଖାପ୍ ଖୁଆଇପାରିଲା ଭଳି ରୂପକୁ ପୁନଃନିର୍ଦ୍ଦେଶିତ ହେବାକୁ ଅନୁମତି ଦିଏ। ଏହି କାଣ୍ଡକୋଷିକାଗୁଡ଼ିକ ବହୁବିଧ ସାମର୍ଥ୍ୟସମ୍ପନ୍ନ ହୋଇଥିବାରୁ ଶରୀରର ଯେକୌଣସି କୋଷିକାକୁ ରୂପାନ୍ତରିତ ହେବାର ସାମର୍ଥ୍ୟ ରହିଛି। ତାଙ୍କୁ ଏଥିପାଇଁ ୨୦୧୨ ମସିହାରେ ନୋବେଲ ପୁରସ୍କାର ମିଳିଥିଲା।

ଖୁବ୍ ନିକଟରେ (୨୦୧୮) ହୋଇଥିବା ଅନ୍ୟ ଏକ ଅଧ୍ୟୟନରେ ସାଲକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଗବେଷକମାନେ ବୟସ ବଢ଼ିଚାଲିଥିବା ସୁସ୍ଥ ମୂଷାମାନଙ୍କଠାରେ ଜୀବକୋଷୀୟ ପୁନଃ ତାରୁଣ୍ୟ ଲାଭ (ସେଲୁଲାର୍ ରିଜୁଭେନେସନ) ପ୍ରକ୍ରିୟାର ଅବସ୍ଥାନ୍ତର ଉପରେ ଦୀର୍ଘଦିନ ଧରି ପରୀକ୍ଷା ଚଳାଇଥିଲେ। ସେମାନେ ଗୋଟିଏ ଦଳ ମୂଷାଙ୍କୁ ୧୫ ମାସ ବୟସର ହେଲାବେଳଠାରୁ ୨୨ ମାସ ହେବାଯାଏ ନିୟମିତ ଭାବେ ୟାମାନାକା କାରକ ଦେଇ ଚାଲିଲେ (ମୂଷାଙ୍କ ଏ ବୟସ ମଣିଷର ୫୦ରୁ ୬୦ବର୍ଷ ସହିତ ସମତୁଲ୍ୟ) ଏବଂ ଅନ୍ୟ ଏକ ଦଳକୁ ୧୨ ମାସରୁ ୨୨ ମାସ (ମଣିଷର ୩୫ବର୍ଷରୁ ୬୦ବର୍ଷ ସମତୁଲ୍ୟ) ତଥା ତୃତୀୟ ଦଳକୁ ୧ ମାସରୁ ୩୦ମାସ (ମଣିଷର ୮୦ ବର୍ଷ ସମତୁଲ୍ୟ) ତାହା ଦେଇ ଚିକିତ୍ସା କରିଥିଲେ।

ତତ୍ପରେ ସେଗୁଡ଼ିକୁ ଚିକିତ୍ସା ନ ପାଇଥିବା ମୂଷାମାନଙ୍କ ସହିତ ତୁଳନା କରିବାରୁ ଦେଖାଗଲା ଯେ, ବୟସ ବୃଦ୍ଧି ସତ୍ତ୍ୱେ ବ ସେମାନଙ୍କର ରକ୍ତକୋଷିକାରେ କିମ୍ବା ସ୍ନାୟୁମାନଙ୍କରେ କୌଣସି ପରିବର୍ତ୍ତନ ସୂଚନା ମିଳିଲା ନାହିଁ। ପୁନଶ୍ଚ ୟାମାନାକା କାରକ ପ୍ରାପ୍ତ ହେଉଥିବା ଜୀବମାନଙ୍କଠାରେ ସାଧାରଣ ବାର୍ଦ୍ଧକ୍ୟ ପ୍ରକ୍ରିୟାର ବିବିଧ ସୂଚନା ପ୍ରତି ଧ୍ୟାନ ଦେବାରୁ ସେମାନେ ଆବିଷ୍କାର କଲେ ଯେ, ଏଗୁଡ଼ିକ ଯୁବ ମୂଷାଙ୍କ ଅନୁରୂପ। ତାଙ୍କ ବୃକ୍କ (କିଡନୀ), ଚର୍ମ, ଅଧିଜିବୀୟ ବ୍ୟବସ୍ଥାସମୂହ ଯୁବ ମୂଷାଙ୍କ ଅଧିଜିନୀୟ (ଏପିଜେନେଟିକସ) ଢାଞ୍ଚା ସହିତ ଅତି ନିବିଡ଼ ଭାବେ ମେଳ ଖାଉଥିଲା।

ପୁନଃ ପ୍ରୋଗ୍ରାମିଂ (ରିପ୍ରୋଗ୍ରାମିଂ) ହୁଏତ ତନ୍ତୁ ବା ଟିସୁରେ ତନ୍ତୁମୟତା (ଫିବ୍ରୋସିସ୍) ହ୍ରାସ କରୁଥିବ- ତାହା ବୁଝିବା ପାଇଁ ଗବେଷକମାନେ ଚର୍ମରେ ହେଉଥିବା କ୍ଷତ ଉପରେ ଜମା ହେଉଥିବା ତନ୍ତୁଗୁଡ଼ିକୁ ବିଶ୍ଳେଷଣ କଲେ। ସେମାନେ ୟାମାନାକାକାରକ ପ୍ରାପ୍ତ ହେଉଥିବା ବୟସ୍କ ମୂଷାମାନଙ୍କ କ୍ଷତ ଅଞ୍ଚଳରେ କୋଲାଜେନ୍ ଜମା ହେବା ପ୍ରକ୍ରିୟା ବୃଦ୍ଧି ପାଇବା ଦେଖିବାକୁ ପାଇଲାବେଳେ ଆଂଶିକ ଭାବେ ପୁନଃ-ପ୍ରୋଗ୍ରାମିଂ ହୋଇଥିବା ମୂଷାଙ୍କଠାରେ ମଧ୍ୟ ଏହି ଅଞ୍ଚଳରେ ତାହା ବେଶ୍ ପରିମାଣରେ ଦେଖିବାକୁ ପାଇଥିଲେ। ପୁନଶ୍ଚ ୟାମାନାକାରକ ଚିକିତ୍ସିତ ଜୀବମାନଙ୍କ ରକ୍ତରେ ବୟସ ସହିତ ସମ୍ପୃକ୍ତ ଚୟାପଚୟ ଅଣୁଗୁଡ଼ିକର କୌଣସି ପରିବର୍ତ୍ତନ ନ ଆସିବାର ଦେଖାଗଲା।

ଏଠାରେ ସୂଚନାଯୋଗ୍ୟ ଯେ, ମଣିଷଠାରେ ମଧ୍ୟ ଏହି କାରକଗୁଡ଼ିକର କ୍ରିୟାଶିଳତା ସଫଳ ଭାବେ ପରୀକ୍ଷା ହୋଇସାରିଲାଣି। ନିକଟରେ (୨୦୧୮) ଏହି ଉପାୟ ଅବଲମ୍ବନ କରି ୟୁନିଭରସିଟି ଅଫ୍ କେମ୍ବ୍ରିଜ୍‌ର ବୈଜ୍ଞାନିକମାନେ ମଣିଷର ଚର୍ମକୋଷିକାର ବୟସ ୩୦ ବର୍ଷ ପଛକୁ ଫେରାଇ ନେଇପାରିଛନ୍ତି। ସେମାନେ ଏହି ସାଧାରଣ କୋଷିକାକୁ 'ଇଣ୍ଡିଉସ୍ ପ୍ଲୁରିପୋଟେଣ୍ଟ ଷ୍ଟେମସେଲ୍'ରେ ପରିଣତ କରିବାରେ ସଫଳକାମୀ ହୋଇପାରିଛନ୍ତି।



-ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ମୁମ୍ବାଇର ୮ମ ପରାଜୟ

ମୁମ୍ବାଇ,୨୪।୪

ପରାଜୟ ମୁମ୍ବାଇ ଇଣ୍ଡିଆନ୍ସର ପିଛା ଛାଡୁନି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସବୁଠାରୁ ସଫଳ ଦଳ ଏଥର ଲଜ୍ଜାଜନକଭାବେ କ୍ରମାଗତ ୮ମ ପରାଜୟ ବରଣ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୩୬ ରନରେ ମୁମ୍ବାଇକୁ ପରାସ୍ତ କରିଛି। ଅଧିନାୟକ ଲୋକେଶ ରାହୁଲଙ୍କ ଅପରାଜିତ ଶତକ ସହାୟତାରେ ଲକ୍ଷ୍ନୌ ୨୦ ଓଭରରେ ୬ ଉଇକେଟ ହରାଇ ୧୬୮ ରନ୍ କରିଥିଲା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ପଞ୍ଜାବ କିଙ୍ଗ୍ସ ବନାମ ଚେନ୍ନାଇ ସୁପର କିଙ୍ଗ୍ସ**

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଜବାବରେ ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୨ ରନ କରିବାକୁ ସକ୍ଷମ ହୋଇଛି। ଏଥିସହ ଦଳର ନକ୍‌ଆଉଟ ପ୍ରବେଶ ଆଶା ଶେଷ ହୋଇଛି। ଅଧିନାୟକ ରୋହିତ ଶର୍ମା (୩୯) ଓ ତିଳକ ବର୍ମା (୩୮)ଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଲକ୍ଷ୍ନୌ ପକ୍ଷରୁ କୃନାଲ ପାଣ୍ଡ୍ୟା ସର୍ବାଧିକ ୩ଟି ଉଇକେଟ ନେଇଥିଲେ।

**ରାହୁଲଙ୍କ ଶତକ**

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ପକ୍ଷରୁ ଅଧିନାୟକ ଲୋକେଶ ରାହୁଲଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର ଅଧିକ ସମୟ କ୍ରିଜରେ ତିଷ୍ଠିପାରି ନ ଥିଲେ। ରାହୁଲ ୬୨ ବଲ୍‌ରେ ୧୨ ଚୌକା ଓ ୪ ଛକା ସହ ୧୦୩ ରନକରି ଅପରାଜିତ ରହିଥିଲେ। ଚଳିତ ସିଜନରେ ଏହା



ଶତକ ହାସଲ ପରେ ଲୋକେଶ ରାହୁଲ।

ତାଙ୍କର ଦ୍ୱିତୀୟ ଓ ଆଇପିଏଲରେ ଚତୁର୍ଥ ଶତକ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏହାଥିଲା ତାଙ୍କର ତୃତୀୟ ଶତକ। ଆଇପିଏଲ୍‌ରେ କୌଣସି ଗୋଟିଏ ଦଳ ବିପକ୍ଷରେ ୩ ଶତକ ହାସଲ କରିବାରେ ରାହୁଲ ପ୍ରଥମ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୮/୬ (ଲୋକେଶ ରାହୁଲ-୧୦୩*, ମନୀଷ ପାଣ୍ଡେ-୨୨, କିରନ ପୋଲାର୍ଡ-୨/୮, ରିଲେ ମେରିଡିଥ -୨/୪୦, ଡାନିଏଲ୍ ସାମ୍ସ-୧/୪୦, ଯଶପ୍ରୀତ୍ ବୁମ୍‌ରା-୧/୩୧)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୨/୮ (ରୋହିତ ଶର୍ମା-୩୯, ତିଳକ ବର୍ମା-୩୮, କୃନାଲ ପାଣ୍ଡ୍ୟା-୩/୧୯, ମହସିନ ଖାଁ-୧/୩୭, ରବି ବିଷ୍ଣୋଇ-୧/୨୮, ଆୟୁଷ ବାଦୋନୀ-୧/୬, ଜାସନ ହୋଲ୍ଡର-୧/୩୬)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୧୦ | +୦.୪୩୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୦.୫୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |

# ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ତ୍ରିଭେନ୍ଦ୍ରମଠାରେ ଅନୁଷ୍ଠିତ ସିନିୟର ମହିଳା ଟି୨୦ ଲିଗ୍ କ୍ରିକେଟରେ ଓଡ଼ିଶା ୫ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ରହିବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଲିଟ ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ତାମିଲନାଡୁକୁ ୨ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୩ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳ ପକ୍ଷରୁ ସରିତା ମେହେର ୫୧ ବଲ୍‌ରୁ ସର୍ବାଧିକ ୬୧ (୮ ଚୌକା, ୧ ଛକା) ଓ ପ୍ରଜ୍ଞା ପାରମିତା ମହାନ୍ତି ୫୧ ବଲ୍‌ରୁ ୫୯(୭ ଚୌକା, ୧ ଛକା) ରନ୍ କରି ଅପରାଜିତ ରହିଥିଲେ। ଅସମାପ୍ତ ୪ର୍ଥ ଉଇକେଟରେ ଏ ଦୁହେଁ ୮୯ ବଲ୍‌ରୁ ୧୧୧ ରନ୍‌ର ଭାଗୀଦାରି ଗଢ଼ିଥିଲେ। ତାମିଲନାଡୁର କେ.ଏନ. ରାମେଶ୍ୱରୀ ୨ଟି ଓ ନିରଞ୍ଜନା ନାଗାରାଜନ ଗୋଟିଏ ଉଇକେଟ ନେଇଥିଲେ। କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ତାମିଲନାଡୁ ୨୦ ଓଭରରେ ୮ ଉଇକେଟ ହରାଇ ୧୩୧ ରନ୍ କରିବାକୁ ସକ୍ଷମ ହୋଇଥିଲା।

**ସିନିୟର ମହିଳା ଟି୨୦ ଲିଗ୍**

ଦଳ ପକ୍ଷରୁ ଏସ୍. ଅନୁସା ସର୍ବାଧିକ ୫୫ ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ୪ ଓଭରରେ ୨୪ ରନ୍ ଦେଇ ୪ଟି ଏବଂ ରୋଶନାରା ପରବିନ, ରାମେଶ୍ୱରୀ ନାଏକ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଓସିଏର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା**

ଲିଗ୍ ପର୍ଯ୍ୟାୟ ଶେଷରେ ଓଡ଼ିଶା ୫ ମ୍ୟାଚ୍‌ରୁ ୫ ବିଜୟ ସହ ୨୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏପରି ଚମକପ୍ରଦ ପ୍ରଦର୍ଶନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜ୍ୟ ଦଳ ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଛି। ପୂର୍ବରୁ ଅନୁଷ୍ଠିତ ୪ ମ୍ୟାଚ୍‌ରେ ଓଡ଼ିଶା ଦଳ ବିହାର, ଛତିଶଗଡ଼, ତ୍ରିପୁରା ଓ ଝାଡ଼ଖଣ୍ଡକୁ ହରାଇ ଦେଇଥିଲା। ଝାଡ଼ଖଣ୍ଡ ୧୬ ଓ ତାମିଲନାଡୁ ୧୨ ପଏଣ୍ଟ ପାଇ ଯଥାକ୍ରମେ ଟେବୁଲର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ସୁରଟରେ ଅନୁଷ୍ଠିତ ହେବ। ସେଥିରେ ଖେଳିବା ପାଇଁ ଓଡ଼ିଶା ଦଳ ୨୬ ତାରିଖରେ ତ୍ରିଭେନ୍ଦ୍ରମ୍‌ରୁ ସୁରଟ ଯାତ୍ରା କରିବ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ଓଡ଼ିଶା ଦଳକୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇବା ସହ ନକ୍‌ଆଉଟ ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ତାମିଲନାଡୁକୁ ରବିବାର ହରାଇବା ପରେ ଉଲ୍ଲସିତ ଓଡ଼ିଶା ମହିଳା କ୍ରିକେଟ ଦଳ।

## ହେଭିୱେଟ୍ ବେଲ୍ଟ ବଜାୟ ରଖିଲେ ଫ୍ୟୁରୀ

**ଲଣ୍ଡନ, ୨୪।୪ (ଏପି):** ଟାଇସନ ଫ୍ୟୁରୀ ତାଙ୍କ ୧୪ ବର୍ଷର ବିବାଦୀୟ ବକ୍ସିଂ କ୍ୟାରିୟରର ଅନ୍ତିମ ମୁକାବିଲାରେ ଡିଲିଆନ ହ୍ୱାଇଟ୍‌ଙ୍କୁ ଧରାଶାୟୀ କରି ଦେଇଛନ୍ତି। ଏହି ଦୁଇ ବକ୍ସରଙ୍କ ମଧ୍ୟରେ ହୋଇଥିବା ୬ ରାଉଣ୍ଡବିଶିଷ୍ଟ ମୁକାବିଲା ଅତ୍ୟନ୍ତ ଭୟଙ୍କର ଥିଲା। ଫ୍ୟୁରୀଙ୍କ ଶକ୍ତିଶାଳୀ ପଞ୍ଚରେ ହ୍ୱାଇଟ୍‌ଙ୍କର ଥୋଡ଼ି ଫାଟି ରକ୍ତାକ୍ତ ହୋଇଯାଇଥିଲା ଏବଂ ଗୋଟିଏ ଦାନ୍ତ ମଧ୍ୟ ଭାଙ୍ଗି ଯାଇଥିଲା। ଇଂଲଣ୍ଡ ନ୍ୟାଶନାଲ ଫୁଟ୍‌ବଲ ଷ୍ଟାଡିୟମରେ ବ୍ରିଟେନର ଦୁଇ ବକ୍ସରଙ୍କ ମଧ୍ୟରେ ୯୪,୦୦୦ ସମର୍ଥକଙ୍କ ଉପସ୍ଥିତିରେ ଏହି ବାଉଟ ଅନୁଷ୍ଠିତ ହୋଇଥିଲା। ୩୩ ବର୍ଷୀୟ ଫ୍ୟୁରୀଙ୍କ ପ୍ରଫେସନାଲ କ୍ୟାରିୟରରେ ୩୩ଟି ଫାଇଟ୍ ମଧ୍ୟରେ ଏହା ଥିଲା ୩୨ତମ ବିଜୟ। ଫ୍ୟୁରୀ ଯଦି ଅବସର ନେଇଯାଆନ୍ତି ତେବେ ଲୁଇସ୍‌ଙ୍କୁ ପଛରେ ପକାଇ ବ୍ରିଟେନର ସର୍ବଶ୍ରେଷ୍ଠ ହେଭିୱେଟ୍ ବକ୍ସର ବିବେଚିତ ହେବେ। ଫ୍ୟୁରୀ ଗତବର୍ଷ ଡେନ୍‌ଟେ ୱାଇଲ୍ଡର ବିପକ୍ଷ ଟ୍ରିଲୋଜି ଫାଇଟ୍ ପରେ ବକ୍ସିଂରୁ ଅବସର ନେବା ଲାଗି ତାଙ୍କ ସ୍ତ୍ରୀଙ୍କୁ ପ୍ରତିଶ୍ରୁତି ନେଇଥିଲେ, କିନ୍ତୁ ଡବ୍ଲ୍ୟୁବିସି ହେଭିୱେଟ୍ ଚାମ୍ପିୟନ ପରବର୍ତ୍ତୀ କାଳରେ ୱେମ୍ବଲିଠାରେ ରେକର୍ଡସଂଖ୍ୟକ ଦର୍ଶକଙ୍କ ସମ୍ମୁଖରେ ହ୍ୱାଇଟ୍‌ଙ୍କ ବିପକ୍ଷରେ ତାଙ୍କ ଟାଇଟଲ ବଜାୟ ରଖିବା ଲାଗି ଇଚ୍ଛା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଫ୍ୟୁରୀଙ୍କ ପ୍ରମୋଟର ଫ୍ରାଙ୍କ୍ ୱାରେନ କହିଛନ୍ତି, ତାଙ୍କ ଫାଇଟର ଯାହା ନିଷ୍ପତ୍ତି ନେବେ ସେଥିପ୍ରତି ତାଙ୍କର ସମର୍ଥନ ରହିବ।

## ଭର୍ଷ୍ଟାପେନ୍ ଜିତିଲେ ଏମିଲିଆ ରୋମାଗ୍ନା ଗ୍ରାଁ ପ୍ରି

**ଇମୋଲା, ୨୪।୪:** ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଏହାଦ୍ୱାରା ସେ ତାଙ୍କ ଟାଇଟଲ ଆଶାକୁ ଉଜ୍ଜୀବିତ ରଖିଛନ୍ତି। ଏକ ବଡ଼ ତ୍ରୁଟି ଯୋଗୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚାର୍ଲ୍ସ ଲେକ୍‌ରେକ ତୃତୀୟ ସ୍ଥାନରୁ ଦୂରେଇ ଯାଇଥିଲେ। ଫେରାରି ଡ୍ରାଇଭର ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ସର୍ଗିଓ ପେରେଜଙ୍କୁ ଅତିକ୍ରମ କରିବା ଲାଗି ଚେଷ୍ଟା କରୁଥିବା ବେଳେ ନିୟନ୍ତ୍ରଣ ହରାଇ ବସିଥିଲେ। ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଲେକରେକ୍ ୮୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭର୍ଷ୍ଟାପେନ୍ ୫୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ୍ ଗ୍ରାଁରେ ଲାଣ୍ଡୋ ନୋରିସ୍ (ମ୍ୟାକ୍‌ଲରେନ), ଜର୍ଜ ରସେଲ (ମର୍ସିଡିଜ୍), ଭାଲଟେରୀ ବୋଟାସ (ଆଲ୍‌ଫା ରୋମିଓ) ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ସେହିପରି ୟୁକି ଟିସୁନୋଡା (ଆଲ୍‌ଫା ତାଉରି), ସେବାଷ୍ଟିଆନ ଭେଟେଲ (ଆଷ୍ଟନ ମାର୍ଟିନ), କେଭିନ ମାଗ୍ନସେନ (ହାସ୍) ଓ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ) ପ୍ରମୁଖ ଯଥାକ୍ରମେ ୭ମ, ୮ମ, ୯ମ ଓ ୧୦ମ ସ୍ଥାନ ଅଧିକାର କରିଥିଲେ।








ଓଡ଼ିଶା ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ

ଭୁବନେଶ୍ୱର, ୨୪।୪(କ୍ରୀଡ଼ା ପ୍ରତିନିଧି)

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ (ପୁରୁଷ) ଟୁର୍ନାମେଣ୍ଟ ରବିବାର କିଟ୍ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ମୋଟ୍ ୫୩ଟି ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। ମ୍ୟାଚ୍‌ଗୁଡ଼ିକ ଆୟୋଜକ କିଟ୍ ଏବଂ ରେଭେନ୍ସା ଗ୍ରାଉଣ୍ଡରେ ମେ ୭ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କିଟ୍ ଷ୍ଟାଡିୟମରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ କୋଲ୍‌କାତାର ଯାଦବପୁର ବିଶ୍ୱବିଦ୍ୟାଳୟ ୧୪ ରନ୍‌ରେ ପାଟଣା ବିଶ୍ୱବିଦ୍ୟାଳୟକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଓୟୁଏଟି ୮ ଉଇକେଟରେ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ଭୁବନେଶ୍ୱର)କୁ ପରାସ୍ତ କରିଛି। ସେହିପରି ରେଭେନ୍ସା ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଞ୍ଚି ବିଶ୍ୱବିଦ୍ୟାଳୟ ୧୦ ଉଇକେଟରେ କୋଲ୍‌କାତାର ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଦଳକୁ ହରାଇ ଦେଇଛି। ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଯାଦବପୁର ଓ ପାଟଣା ବିଶ୍ୱବିଦ୍ୟାଳୟ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।






## ଓଜୋଦୀପ, ତନଭିଙ୍କୁ ଟ୍ରିପଲ୍ ଟାଇଟଲ

**ଭୁବନେଶ୍ୱର, ୨୪।୪ (କ୍ରୀଡ଼ା ପ୍ରତିନିଧି):** ପଟିଆ ସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ କେ.ସି. ମେମୋରିଆଲ ଓଡ଼ିଶା ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ଓଜୋଦୀପ ମାଝି ଓ ତନଭି ପତ୍ରୀ ତ୍ରିମୁକୁଟ ହାସଲ କରିଛନ୍ତି। ଏହାର ୯ବର୍ଷରୁ କମ

**ଉଡାନ କେ.ସି. ମେମୋରିଆଲ ବ୍ୟାଡମିଣ୍ଟନ**

ବାଳକ ସିଙ୍ଗିଲ୍ସରେ ବଲାଙ୍ଗୀର, ଜି. ଗୌତମ ଏବଂ ବାଳିକାରେ ଭୁବନେଶ୍ୱରର ବରେଣ୍ୟା ପଟେଲ ଚାମ୍ପିୟନ ହୋଇଛନ୍ତି। ୧୧ବର୍ଷରୁ କମ ବାଳକ ରେ ସମ୍ବଲପୁରର ଆୟଙ୍କ ସାହୁ ଏବଂ ବାଳିକା ରେ ଖୋର୍ଦ୍ଧାର ଅନୁଇତା ପ୍ରହରାଜ ବିଜେତା ହୋଇଛନ୍ତି। ସେହିପରି ୧୩ବର୍ଷରୁ କମ ବାଳକ ବର୍ଗରେ ବାଲେଶ୍ୱରର ଓଜୋଦୀପ ମାଝୀ ଓ ବାଳିକା ବର୍ଗରେ ଖୋର୍ଦ୍ଧାର ତନଭି ପତ୍ରୀ ଚାମ୍ପିୟନ ହୋଇଛନ୍ତି। ୧୩ବର୍ଷରୁ କମ ବାଳକ ଡବଲ୍ସରେ ଓଜୋଦୀପ ମାଝୀ ଓ ଖୋର୍ଦ୍ଧାର ନାଥନେଲ୍ ରିଡେନ ଯୋଡ଼ି ବିଜେତା ହୋଇଥିବା ବେଳେ ବାଳିକା ଡବଲ୍ସରେ ଖୋର୍ଦ୍ଧାର ତନଭି ଓ ଦର୍ଶୱାନା ଜଗଦେବ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ସେହି ବୟସ ବର୍ଗର ମିକ୍ସଡ ଡବଲ୍ସରେ ଓଜୋଦୀପ ମାଝୀ ଓ ତନଭି ପତ୍ରୀ ଯୋଡ଼ି ଟାଇଟଲ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଯୋଗଦେଇ ବିଧାୟକ ତଥା ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ୍ ସଭାପତି ରୋହିତ ପୂଜାରୀ, ସମ୍ପାଦକ ଲିଲିନ କୁମାର, ଉଡାନ ସ୍ପୋର୍ଟ୍ସ ଏକାଡେ଼ମୀର ନିର୍ଦ୍ଦେଶକ ଆଶୋକ ମିଶ୍ର, ଉର୍ମିଳା ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତା ପୁରସ୍କାର ପ୍ରଦାନ କରିଥିଲେ।

## ଦୀପ ରଞ୍ଜନଙ୍କୁ ସ୍ୱର୍ଣ୍ଣ, ପ୍ରମୋଦଙ୍କୁ ଡବଲ୍ ବ୍ରୋଞ୍ଜ

**ଭୁବନେଶ୍ୱର,୨୪।୪(ସ୍ପୋର୍ଟ୍ସ ବ୍ୟୁରୋ):** ବ୍ରାଜିଲର ସାଓ ପାଉଲୋରେ ଅନୁଷ୍ଠିତ ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ ରଞ୍ଜନ ବିଷୋଇ ପୁରୁଷ ଡବଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ରମୋଦ ଭଗତ ସିଙ୍ଗଲ୍ସ ଏବଂ ମିକ୍ସଡ୍ ଡବଲ୍ସରେ ବ୍ରୋଞ୍ଜ ଅର୍ଜନ କରିଛନ୍ତି। ରବିବାର ପୁରୁଷ ଡବଲ୍ସ ଫାଇନାଲରେ ଦୀପ ରଞ୍ଜନ ଏବଂ ମହମ୍ମଦ ଅର୍ୱଜ ଅନସାରୀଙ୍କ ଯୋଡ଼ି ନୀତିଶ କୁମାର ଓ ତରୁନଙ୍କୁ ହରାଇ ଦେଇଥିଲେ। ପ୍ରମୋଦ ଓ ପଲକ କୋହଲି (ଏସ୍‌ଏଲ୍-୩, ଏସ୍‌ୟୁ-୩) ମିକ୍ସଡ୍ ଡବଲ୍ସ ସେମିଫାଇନାଲରେ ଜାପାନର ଦାଇସୁକେ ଫୁଜିହାରା ଓ ଆକିକୋ ସୁଗିନୋଙ୍କଠାରୁ ପରାସ୍ତ ହୋଇଥିଲେ। ଏଥିପୂର୍ବରୁ ପ୍ରମୋଦ ସିଙ୍ଗଲ୍ସ ବର୍ଗରେ ବ୍ରୋଞ୍ଜ ପଦକ ଜିତିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା,୨୪।୪(ଡି.ଏନ.ଏ.):** ଧର୍ମଶାଳା ଥାନା ମିର୍ଜାପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମିର୍ଜାପୁର ଗ୍ରାମର ବାସୁଦେବ ସ୍ୱାଇଁ (୨୯)। ଗତ ଶୁକ୍ରବାର ରାତିରେ ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବା ବେଳେ ଯୁବକ ଜଣକ ତାଙ୍କ ଘରେ ପଶି ଅସଦାଚରଣ ଉଦ୍ୟମ କରିଥିଲେ। ମହିଳାଜଣକ ପାଟି କରିବାରୁ ସମ୍ପୃକ୍ତ ଯୁବକ ସେଠାରୁ ଚମ୍ପଟ ମାରିଥିଲେ। ଶନିବାର ମହିଳାଙ୍କ ସ୍ୱାମୀ ଘରକୁ ଫେରିବା ପରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୧୨/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉଭୟଙ୍କୁ ଡାକ୍ତରୀମାଇନା କରାଇଥିଲା। ପରେ ସମ୍ପୃକ୍ତ ଯୁବକଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### କର୍ମ ନିଯୁକ୍ତି ପ୍ରଯୋଗଶାଳା

**ପଞ୍ଚାମୁଣ୍ଡାଇ, ୨୪।୪(ସ୍ୱ.ପ୍ର.):** ପଞ୍ଚାମୁଣ୍ଡାଇ ସ୍ଥିତ ଷ୍ଟେଟ ଏକାଡେମୀ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟଡିଜ ପକ୍ଷରୁ ଚଉଦକୁଲାଟସ୍ଥିତ ସ୍ୱାମୀ ବିବେକାନନ୍ଦ ମାନବ ସମ୍ବଳ ବିକାଶ ମହାବିଦ୍ୟାଳୟରେ ଏକ କର୍ମ ନିଯୁକ୍ତି ପ୍ରଯୋଗଶାଳା ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ଏକାଡେମୀ ଅଫ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ ଷ୍ଟଡିଜର ପରିଚାଳନା ନିର୍ଦ୍ଦେଶକ ଡ. ସନ୍ଦୀପ କୁମାର ପରିଡା, ଅଧାପକ ସୌରଭ କୁମାର ପାଢୀ ବିଭିନ୍ନ ବିଭାଗର ପାଠ୍ୟକ୍ରମ ଓ ତତ୍‌ସହିତ କର୍ମନିଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅନାଦି ଚରଣ ପରିଡା, ଅଧାପିକା ସ୍ମିତା ବିଶ୍ୱାଳ, ଅଧାପକ ରବିରଞ୍ଜନ ଶର୍ମା, ଅଧାପିକା ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ପୂର୍ବତନ ଶିକ୍ଷକ ଧନେଶ୍ୱର ପାଢ଼ୀଙ୍କୁ ଶିକ୍ଷକ ଗୌରବ ସମ୍ମାନ

**କେନ୍ଦ୍ରାପଡ଼ା ଅଫିସ,୨୪।୪:** କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁର ହାଇସ୍କୁଲର ପୁରାତନ ଛାତ୍ର ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଶ୍ରୀବତ୍ସଲାଞ୍ଛନ ଜେନାଙ୍କ ଅଧକ୍ଷତାରେ ପୂର୍ବତନ ଶିକ୍ଷକ ଧନେଶ୍ୱର ପାଢ଼ୀଙ୍କୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ବିଧାୟକ ଶଶିଭୂଷଣ ବେହେରା, କଟକ ମେୟର ସୁବାସ ସିଂ, ଶିକ୍ଷାବିତ ବୈଷ୍ଣବ ଚରଣ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା ସହ ସମ୍ପ୍ରତି କରୋନା ସଂକ୍ରମଣ ସମୟରେ ଶିକ୍ଷାଦାନ କ୍ଷେତ୍ରରେ ବିଚ୍ୟୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏଥିସହ ପୁରାତନ ଛାତ୍ରଙ୍କ ସ୍କୁଲ ପ୍ରତି ଆନୁଗତ୍ୟ ପ୍ରକାଶ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷକ ପାଢୀଙ୍କୁ ସମ୍ମାନୀତ କରାଯିବା ସହ ପୂର୍ବତନ ଛାତ୍ର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ଛାତ୍ର ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା।

# ବଢୁଛି ବାଲି, ମାଟି, ପଥର ଲୁଟ୍

ଯାଜପୁର ଅଫିସ,୨୪।୪

ଯାଜପୁର ଜିଲାରେ ଗ୍ରାନାଇଟ ପଥର, ବାଲି, ମୋରମ, ମାଟି, ମାଙ୍କଡାପଥର ଲୁଟ ଉପରେ ସ୍ୱର ଉତ୍ତୋଳନ କରୁଥିବା ସାମାଜିକ କର୍ମୀ କିମ୍ବା ଗଣମାଧ୍ୟମ ପ୍ରତିନିଧି ସୁରକ୍ଷିତ ମଣୁ ନାହାନ୍ତି। ବାଲି ଖାଦାନକୁ ନେଇ ବିଞ୍ଝାରପୁରରେ ବୋମା ପକାଇ ହତ୍ୟା ଘଟଣା ହେଉ ଅବା ଗ୍ରାନାଇଟ ପଥର ଲୁଟ ଅଭିଯୋଗ ଉପରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ହତ୍ୟା ଉଦ୍ୟମ ଭଳି ଘଟଣା ନିୟମିତ ବ୍ୟବଧାନରେ ଲାଗି ରହିଛି। ଶନିବାର ବଡ଼ଚଣା ବ୍ଲକ ବନ୍ଦାଲୋ ଗ୍ରାମର ବଡ଼ପୋଖରୀରୁ ଖୋଲାଖୋଲି ଭାବେ ବାହାରକୁ ମାଟି ଚାଲାଣ ହେଉଥିବା ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ବୈଦ୍ୟୁତିକ ଗଣମାଧ୍ୟମ 'ଅର୍ଗସ୍'ର ପ୍ରତିନିଧି ପବିତ୍ର କୁମାର ସାମଲ ଏବଂ ୱେବ୍ ନ୍ୟୁଜ୍ ଚ୍ୟାନେଲ 'ନ୍ୟୁଜ୍-୬'ର ପ୍ରତିନିଧି ବିମଳ ବେହେରାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ଜିଲାସାରା ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ ଯେ,

**ଅସୁରକ୍ଷିତ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି**

ଜେସିବି ମେଶିନରେ ଦିନ ଦ୍ୱିପ୍ରହରରେ ସେହି ପୋଖରୀରୁ ମାଟି ଖନନ କରି ଏକାଧିକ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳକୁ ଚାଲାଣ କରି ଟ୍ରିପ ପିଛା ୫ଶହ ଟଙ୍କା ରୋଜଗାର କରାଯାଉଛି। ଇତିମଧ୍ୟରେ ପ୍ରାୟ ୨୦୦ ଟ୍ରିପ ମାଟି ଉଠାଣ କରାଇ ନେଇ ସାରିଲେଣି। ସ୍ଥାନୀୟ ଲୋକେ ପଚାରିଲେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟାଦେଶ ଆଣି ପୋଖରୀ ପୁନରୁଦ୍ଧାର କରୁଛୁ ବୋଲି ସଫେଇ ଦିଆଯାଉଛି। କିନ୍ତୁ ସେଠାରେ ସେମାନେ ଉନ୍ନୟନ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ମାରି ନାହାନ୍ତି। ଅନ୍ୟପକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାହାନା ଦେଖାଯାଉଥିବା ବେଳେ ଶ୍ରମିକ ବଦଳରେ ମେଶିନ କାମ କରୁଛି। ସେଠାରେ ଉତ୍ତୋଳନ ହେଉଥିବା ମାଟିକୁ ପୋଖରୀ ବନ୍ଧରେ ନ ପକାଇ ବାହାରକୁ ଚାଲାଣ କରାଯାଉଛି। ଏହାକୁ ସନ୍ଦେହ କରି ସ୍ଥାନୀୟ ବାସିନ୍ଦା ଗତ ଗୁରୁବାର ଦର୍ପଣ ତହସିଲଦାର ଏବଂ ବଡ଼ଚଣା ବିଡିଓଙ୍କୁ ଲିଖିତ ଭାବେ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କିନ୍ତୁ ତାହା ସମ୍ପୃକ୍ତ ମାଫିଆଙ୍କ ଉପରେ ପ୍ରଭାବ ପକାଇ ନ ଥିଲା। ଫଳରେ ସ୍ଥାନୀୟ ବାସିନ୍ଦା ଏହା ଉପରେ ଖବର ପ୍ରକାଶ କରିବାକୁ କେତେଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଉପରୋକ୍ତ ଦୁଇ ଗଣମାଧ୍ୟମ ପ୍ରତିନିଧି ସେଠାକୁ ଯାଇ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ତାହା ଦେଖି ସେହି ମାଫିଆ ଗୋଷ୍ଠୀ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କୁ ଠେଲାପେଲା ଓ ଗାଳିଗୁଲଜ କରିବା ସହିତ ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇ ନେଇଥିବା ନେଇ ବଡଚଣା ଥାନାରେ ଲିଖିତ ଅଭିଯୋଗ ହୋଇଛି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିତଳ, ବନ୍ତଳା, ଖଏରା, ବଡ଼ଚଣା, ପାରିଆ ଓ ବୈରୀ ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନରୁ ଇତିମଧ୍ୟରେ ବହୁ ହଜାର ଟ୍ରିପ ମାଟି ଓ ବାଲି ମେଶିନ ଲଗାଇ ଖୋଳି ରେଳ ଓ ରାସ୍ତା ସମ୍ପ୍ରସାରଣ କାମ ସହ ଅନ୍ୟାନ୍ୟ ଅଞ୍ଚଳକୁ ଚାଲାଣ କରାଯାଉଛି। ରାଜସ୍ୱ ପ୍ରଶାସନର କୋହଳ ମନୋଭାବ ସେମାନଙ୍କୁ ଏଥିପାଇଁ ପ୍ରୋତ୍ସାହନ ଯୋଗାଉଛି ବୋଲି କୁହାଯାଉଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୪ ଗିରଫ

ଚଣ୍ଡିଖୋଲ,୨୪।୪(ଡି.ଏନ୍.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଦାଲୋ ଗ୍ରାମରେ ଶନିବାର ବେଆଇନ ମାଟି ଉଠାଣ ସମୟରେ ଫଟୋଚିତ୍ର ଉତ୍ତୋଳନ କରୁଥିବା ଖବରଦାତା ପବିତ୍ର କୁମାର ସାମଲ ଓ ବିମଳ ବେହେରାଙ୍କୁ ବନ୍ଦାଲୋ ଗ୍ରାମର କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ଶନିବାର ରାତିରେ ଗ୍ରାମରେ ଚଢ଼ାଉ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଦାଲୋ ଗ୍ରାମର ଅବିନାସ ରାଉତ (୩୨), ସୋମନାଥ ସେଠୀ (୩୨), ତ୍ରିଲୋଚନ ବେହେରା (୩୩) ଓ ବସନ୍ତ ପାଢ଼ୀ (୪୬)। ତେବେ ଆଗାମୀ ଦିନରେ ଏହି ଗିରଫ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଥାନାଧିକାରୀ ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ.୧୪୨/୨୨ ରୁଜୁ କରାଯାଇଛି।

## ଆଜି ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଲୋକାର୍ପଣ

**ପାରାଦୀପରେ କେନ୍ଦ୍ରମନ୍ତ୍ରୀ ସୋନୱାଲ**

ପାରାଦୀପ,୨୪।୪(ସ୍ୱ.ପ୍ର.)

କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର, ଜଳପଥ ଓ ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ରବିବାର ଦୁଇଦିନିଆ ପାରାଦୀପ ଗସ୍ତରେ ଆସିଛନ୍ତି। ସୋମବାର ଇଫ୍‌କୋ କାରଖାନା ପଛରେ ତିଆରି ହୋଇଥିବା ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ଜେଟୀର ସେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଯୋଗେ ଉପସ୍ଥିତ ରହିବେ। ଏହାପରେ ପାରାଦୀପ ବନ୍ଦରର ୨୯.୬୮ କୋଟିଟଙ୍କା ବ୍ୟୟ ଅଟକଳରେ ନିର୍ମିତ କଣ୍ଟେନର ସ୍କାନର, ୯୩ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣାଧିନ ଦ୍ୱିତୀୟ ପ୍ରବେଶ ପ୍ରସ୍ଥାନ ଫ୍ଲାଏ ଓଭର ରାସ୍ତା ,୧୦.୬୫ କୋଟିଟଙ୍କାର ଏସଟିପି (ସିୟୁ ୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ), ଆୟୁଷ ବଗିଚା, ଏବଂ ୧.୩୪ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ପାରାଦୀପ କଲେଜ ବଏଜ ହଷ୍ଟେଲକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୋନୱାଲ ପାରାଦୀପର ଅସ୍ଥାୟୀ ହେଲିପ୍ୟାଡ ବତୀଘର ପାଖରେ ପହଞ୍ଚିଥିଲେ। ଏହାପରେ ସେ ସଡକ ପଥରେ ନେହେରୁ ବଙ୍ଗଳା ଜବାହାର ଅତିଥିଭବନକୁ ଯାଇଥିଲେ। ସେଠାରେ ବନ୍ଦର ଅଧକ୍ଷ ପି.ଏଲ.ହାରାନ୍ଧ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସିଆଇଏସ୍‌ଏଫ ପକ୍ଷରୁ ମନ୍ତ୍ରୀଙ୍କୁ ଗାର୍ଡ ଅପ୍ ଅନର ଦିଆଯାଇଥିଲା। ସନ୍ଧ୍ୟାରେ ମନ୍ତ୍ରୀ ସୋନୱାଲ ପାରାଦୀପର ମଧୁବନଠାରେ ନବନିର୍ମିତ ବିଜୁ ସଦନକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଦନ ପରିସରରେ ବନ୍ଦର ବ୍ୟବହାରକାରୀ ସଂସ୍ଥା ଓ ୟୁନିୟନ ପ୍ରତିନିଧିଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଏକାଧିକ ଦାବିପତ୍ର ଦିଆଯାଇଥିଲା। ଏହାପରେ ମନ୍ତ୍ରୀ ସୋନୱାଲ ବନ୍ଦର ପ୍ରଶାସନିକ ଭବନରେ ପହଞ୍ଚି ବିଭାଗୀୟ ମୁଖ୍ୟଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ୨୦୩୦ ସୁଦ୍ଧା ପାରାଦୀପ ବନ୍ଦର ବାର୍ଷିକ ୫୦୦ ମିଲିୟନ ଟନ ପଣ୍ୟ କାରବାର କରିବାକୁ ଲକ୍ଷ୍ୟ ରହିଛି। ସେନେଇ ପ୍ରସ୍ତାବିତ ଯାନ୍ତ୍ରିକୀକରଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଜବାହାର ଅତିଥି ଭବନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଲୁଟ୍, ଛିନ୍‌ତାଇ ଘଟଣାରେ ୫ ଗିରଫ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଧର୍ମଶାଳା,୨୪।୪(ଡି.ଏନ.ଏ.)

ଧର୍ମଶାଳା ଥାନା ଅଞ୍ଚଳରେ ଲୁଟ୍ ଓ ଛିନ୍‌ତାଇ ଘଟଣାରେ ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଲୁଟ୍ ସୁନା ଚେନ, ହାର, କାନଫୁଲ, ଶାଙ୍ଖି, ନଗଦ ୨୦ ହଜାର ଟଙ୍କା, ବ୍ୟବହୃତ ଏକ କାର, ୨ଟି ବାଇକ୍ ଓ ଗୋଟିଏ ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଖଣ୍ଡିଆବନ୍ଧୀ ଗ୍ରାମର ଲିପ୍ତିକାନ୍ତ ସାମଲ, ସୁରାଜ ମାଝି, ଶ୍ରୀଧର ପ୍ରଧାନ ଓ ବଡ଼ଚଣା ଥାନା କଲ୍ୟାଣପୁର ଗ୍ରାମର ମାନସ ରାଉତ ଏବଂ ତପନ ବେହେରା। ଅଭିଯୁକ୍ତଙ୍କ ଠାରୁ ସାମଗ୍ରୀ କିଣିବା ଅଭିଯୋଗରେ ମାନସ ଓ ତପନ ଗିରଫ ହୋଇଛନ୍ତି।

**ସୁନା ଅଳଙ୍କାର, କାର୍, ବାଇକ୍ ଓ ମାରଣାସ୍ତ୍ର ଜବତ**

ସୂଚନା ମୁତାବକ, ଧର୍ମଶାଳା ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧୀ ଗ୍ରାମରେ ଗତ ଏକ ମାସ ତଳେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ପୋଲିସ ତଦନ୍ତ କରିବାବେଳେ ୫ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ତେଣୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରା ଉଚରା କରାଯିବା ସମୟରେ ଏହି ଗ୍ୟାଙ୍ଗପୂର୍ବରୁ ଧର୍ମଶାଳା ଥାନା ୧୬ ନଂ. ଜାତୀୟ ରାଜପଥର ରଥିଆ ଛକ ନିକଟରେ କାରକୁ ଅଟକାଇ ଲୁଟ କରିବା, ନାକପୋଲ-ସାରୋଇ କେନାଲ ରାସ୍ତାରେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟିନେବା ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହି ଗ୍ୟାଙ୍ଗ ରାସ୍ତାରେ ଯାଉଥିବା ମହିଳାଙ୍କ ବେକରୁ ସୁନ ଚେନ୍ ଲୁଟିବା ଏବଂ ଘରେ ପଶି ଲୁଟ କରିବା ନେଇ ଟାର୍ଗେଟ କରିଥାନ୍ତି ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ଯାଜପୁରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ତଦନ୍ତକୁ ଜୋରଦାର କରୁଛି ପୋଲିସ

ଡେରାବିଶ, ୨୪।୪(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ସଦର ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଧୀନରେ ଥିବା ହରିଅଙ୍କ ପଞ୍ଚାୟତ ଭୋଳ ଗ୍ରାମର ନାରଣ ପ୍ରସାଦ ଦାସଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ସଶସ୍ତ୍ର ଡକାୟତି ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିଛି। ଜିଲାରେ ପୂର୍ବରୁ ହୋଇଥିବା ଦୁଇଟି ସଶସ୍ତ୍ର ଡକାୟତି ଘଟଣାରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ହସ୍ତକ୍ଷେପ କରି ଖୁବ୍‌ଶୀଘ୍ର ଡକାୟତମାନଙ୍କୁ ଗିରଫ ଓ ଚୋରି ଜିନିଷ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ଭୋଳ ଡକାୟତି ଘଟଣାରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବଛାବଛା ପୋଲିସ ଅଧିକାରୀମାନଙ୍କୁ ନେଇ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତକୁ ଜୋରଦାର କରାଯାଇଛି। ତେବେ ଖୁବ୍‌ଶୀଘ୍ର ଡକାୟତମାନଙ୍କୁ ଧରାଯିବ ବୋଲି ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭୋଳ ଗ୍ରାମର ନାରଣ ପ୍ରସାଦ ଦାସଙ୍କ ଘର କବାଟ ତାଡ଼ି ମାରଣାସ୍ତ୍ର ସହାୟତାରେ ଭୟଭୀତ କରାଇ ୨୦ ଭରି ଓଜନର ସୁନାଗହଣା ସମେତ ନଗଦ ୩୦ ହଜାର ଟଙ୍କା ଲୁଟ ନେଇଥିଲେ। ଏନେଇ ନାରଣ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ନାରଣଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ନଂ. ୧୭୫/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣାରେ ସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ପି, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ସଦର ଥାନା ଅଧିକାରୀ ପବିତ୍ର ମହାରଣା ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପାଣିଗ୍ରାହୀ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରଙ୍କ ସହାୟତରେ ଛାନ୍‌ଭିନ୍ କରିଥିଲେ।

**ଭୋଳ ଗ୍ରାମର ସଶସ୍ତ୍ର ଡକାୟତି ମାମଲା**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

ସାଲେପୁର, ୨୪।୪(ଡି.ଏନ୍.ଏ.)

**ବିବାହ ଟେଣ୍ଟ କାମ ବେଳେ ଦୁର୍ଘଟଣା ହୋଇଥିଲା**

ସାଲେପୁର ବ୍ଲକ ଅନ୍ତର୍ଗତ ଗଙ୍ଗେଶ୍ୱର ଗ୍ରାମରେ ବିବାହ ଉତ୍ସବ ନିମନ୍ତେ ଟେଣ୍ଟରେ ଲାଇଟ୍ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲେପୁର ବ୍ଲକ ଅନ୍ତର୍ଗତ ସିଡ଼ୋ ଗ୍ରାମର ବିକାଶ ସ୍ୱାଇଁ(୨୦)। ସେ ସାଲେପୁର ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ କରମୁଆଁସ୍ଥିତ ନବ ଜେନାଙ୍କ ଟେଣ୍ଟ ହାଉସରେ କାମ କରୁଥିଲେ। ଗଙ୍ଗେଶ୍ୱରଠାରେ ଚାଲିଥିବା ବିବାହ ଉତ୍ସବରେ ସେ ଟେଣ୍ଟ ବାନ୍ଧିବା ସହ ଆଲୋକୀକରଣ କରିବାକୁ ଆସିଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସର୍ଶରେ ଆସିବାରୁ ସେ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ସାଲେପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ସାଲେପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୨) ରୁଜୁ ହୋଇଛି। ଏନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

# ପଞ୍ଚାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛାଡ଼ିବାକୁ ଦାବି

ପଞ୍ଚାମୁଣ୍ଡାଇ, ୨୪।୪(ସ୍ୱ.ପ୍ର.)

ପଞ୍ଚାମୁଣ୍ଡାଇ ଅଞ୍ଚଳରେ ଅସହାୟ ଗୁଳଗୁଳି ସାଙ୍ଗକୁ ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ସପ୍ତାହେ ହେଲା କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିନ ୧୦ଟା ପରେ ଘରୁ ପଦାକୁ ଗୋଡ କାଢି ହେଉନାହିଁ। ଏଥିସହ ଅସହ୍ୟ ଗୁଳଗୁଳିପରିସ୍ଥିତିକୁଅଧିକ ସଙ୍ଗୀନ କରୁଛି। ଦିନର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି। ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା କରିବାକୁ ପଦାକୁ ଯିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଫଳରେ ସେମାନଙ୍କ ତେଲଲୁଣ ସଂସାର ଚଳାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ ଗ୍ରୀଷ୍ମଋତୁ ଆରମ୍ଭରୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ପରିସ୍ଥିତକୁ ଅଣାୟତ କରୁଛି। ବିଦ୍ୟୁତ୍ କାଟର କାରଣକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଥିବାବେଳେ ଏହାର ଠିକ୍ କାରଣ ସାଧାରଣ ଲୋକେ ଖୋଜି ପାଉନାହାନ୍ତି। ଅନ୍ୟପକ୍ଷରେ ଅତ୍ୟନ୍ତ ଗୁଳଗୁଳି ସାଙ୍ଗକୁ ତାପମାତ୍ରା ବୃଦ୍ଧି ଓ ଟାଣ ଖରା ପାଇଁ ବିଲରେ ପନିପରିବା ଫସଲ ଜଳି ମରି ଯାଇଥିବା ଦେଖିବାକୁ ମିଳୁଛି। ପଞ୍ଚାମୁଣ୍ଡାଇର କଷଣଅଣ୍ଟା, ତଳବାଲମିପଡା, ବାଲିପଡା, ନନ୍ଦିନୀନଗର, ସିଦ୍ଧପାଟଣା, ତନୁପୁର, ବାଛରା, ମଣ୍ଡପଡା, କାକୁଡିପଲ୍ଲୀ, ନୂଆଗାଁ, ବାଲିପାଟଣା, ଷଣ୍ଢପଲ୍ଲୀ, ନିମପୁର, ଅଳଭା, ଶ୍ରୀରାମପୁର, ପାଳପାଟଣା, କଦମ୍ବଦାଣ୍ଡି, ଡାମରପୁର, ବଳଭଦ୍ରପୁର, ଅଠରବାଟିଆ, ଛେଦରା, ଗୁଣ୍ଡୁପୁର, ହଳଧରପୁର, ଶିମିଳିଆ, ଡିହାପଡା, ଅଇନିପଡା, ବଡପଡା, ବଡମୋହନପୁର, ଦିହୁଡିପୁର, ଆମ୍ବେର, ଖଡିଅଣ୍ଟା ଆଦି ଅଞ୍ଚଳରେ ବ୍ୟାପକ ଭାବେ ପନିପରିବା ଫସଲ ଚାଷ ହୋଇଛି। ସେଗୁଡିକ ଟାଣ ଖରା ଓ ପାଣି ଅଭାବରୁ ବିଲରେ ମରି ନଷ୍ଟ ହେଇଯାଉଥିବା ଦେଖିବାକୁ ମିଳିଛି। ପଞ୍ଚାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରି ଥିବା ଶାଖା କେନାଲଗୁଡିକ ବର୍ଷା ଦିନ ପରଠାରୁ ଶୁଖିଲା ପଡିଛି। ଅନ୍ତତଃ ପକ୍ଷେ ପଞ୍ଚାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡା ଗଲେ ଏଥିରୁ ବାହାରିଥିବା ଶାଖା କେନାଲରେ ପାଣି ଗଲେ ବ୍ୟାପକ ଅଞ୍ଚଳରେ ଜଳ ସମସ୍ୟା ସମାଧାନ ହେବା ସହ ଉତାପ ହ୍ରାସ ଦିଗ ପାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେନାଲରେ ପାଣି ଛଡା ଗଲେ ଉଭୟପାର୍ଶ୍ୱରେ ଥିବା ଗ୍ରାମଗୁଡିକର ଜନସାଧାରଣ ଆଶ୍ୱସ୍ତି ଅନୁଭବ କରନ୍ତେ। ଅନ୍ୟପକ୍ଷରେ ଖରାଦିନ ପାଇଁ ଚାରଣଭୂମିଗୁଡିକରେ ଘାସ ଅଭାବରୁ ଓ ଗୃହପାଳିତ ପଶୁମାନଙ୍କୁ ଗୋପାଳକମାନେ ଗୋଠରେ ବାନ୍ଧି ଖାଦ୍ୟ ଦେବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ଖୋଲା ଛାଡି ଦେଉଛନ୍ତି। ବର୍ତ୍ତମାନ ସମସ୍ତ ଗାଡିଆ ପୋଖରୀ ଶୁଖିଲା ପଡିଥିବାରୁ ଗୃହପାଳିତ ପଶୁପକ୍ଷୀମାନେ ତୃଷା ମେଣ୍ଟାଇବା ପାଇଁ ପାଣି ନ ପାଇ ଡହଳବିକଳ ହେଉଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ତାପମାତ୍ରା ହ୍ରାସ ନ ହେଲେ ପରିସ୍ଥିତି ଅଧିକ ଜଟିଳ ହୋଇ ପଡିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।



କେନାଲରେ ପାଣି ନ ଥିବାରୁ ଗୋରୁ ଚରୁଛନ୍ତି।

# ମୁଦ୍ରିତ ଗଣମାଧ୍ୟମ ପରିବର୍ତ୍ତନର ଆବାହକ

ଚଣ୍ଡିଖୋଲ,୨୪।୪(ଡି.ଏନ.ଏ.)




ବଡ଼ଚଣା ପ୍ରେସ ଫୋରମ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ଅତିଥି।

ସାମାଜିକ ଗଣମାଧ୍ୟମ ଓ ୱେବ ଗଣମାଧ୍ୟମ ବେଳେବେଳେ ତ୍ରୁଟିପୂର୍ଣ୍ଣ ଖବର ପରିବେଷଣ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ହେଲେ ମୁଦ୍ରିତ ଗଣମାଧ୍ୟମ ସଦାସର୍ବଦା ସତ୍ୟତା ଖବର ପରିବେଷଣ ଉପରେ ଧ୍ୟାନ ଦେଇଥାଏ। ସେଥିପାଇଁ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହୋଇ ପାରିଥାଏ, ଯାହାକି ସମାଜରେ ମୁଦ୍ରିତ ଗଣମାଧ୍ୟମ ପରିବର୍ତ୍ତନର ଆବାହକ ସାଜିଥାଏ ବୋଲି ବଡ଼ଚଣା ପ୍ରେସ ଫୋରମ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେଲିନ୍ ମହାନ୍ତି ପ୍ରକାଶ କରିଛନ୍ତି। ରବିବାର ଫୋରମ୍‌ର ସ୍ୱନକ୍ଷତ୍ର ଉତ୍ସବ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଖବରଦାତା ସ୍ୱର୍ଗତ ହରିଚରଣ ପରିଡ଼ାଙ୍କ ନାମରେ ଉତ୍ସର୍ଗୀକୃତ ମଞ୍ଚ ଉପରେ ଆୟୋଜିତ ଉତ୍ସବରେ ଫୋରମ୍ ଉପଦେଷ୍ଟା ମହେଶ୍ୱର ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଚଣ୍ଡିଖୋଲ, ବଡ଼ଚଣା, ଛଡିଆ, ବାଲିଚନ୍ଦ୍ରପୁର ଓ ବାଲିକୁଦା ଅଞ୍ଚଳର ଖବରଦାତାଙ୍କୁ ନେଇ ଗଠିତ ବଡ଼ଚଣା ପ୍ରେସ୍ ଫୋରମ୍ ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ବଡ଼ଚଣାର ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣର ନିନ୍ଦା କରିବା ସହିତ ଏହାର ଜବାବ କଲମ ମୁନରେ ଦେବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଯୋଗଦେଇ ପ୍ରଶାସନର ଭୁଲ ତ୍ରୁଟିକୁ ସଂଶୋଧନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ସର୍ବଦା ଚେଷ୍ଟିତ। ଏହାଦ୍ୱାରା ଅଜାଣତରେ ହେଉଥିବା ତ୍ରୁଟିଗୁଡ଼ିକ ସଂଶୋଧନ ହୋଇଥାଏ ବୋଲି କହିଥିଲେ। ପ୍ରାରମ୍ଭରେ ମୁଖ୍ୟ ଆବାହକ ପ୍ରଦୀପ୍ତ କୁମାର ପୃଷ୍ଟି ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ। ଯାଜପୁର ଜିଲା ସଂସ୍କୃତି ପରିଷଦ ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ବେଳେ ପ୍ରମୋଦ କୁମାର ଜେନା, ପ୍ରଭାସ କୁମାର ଦାସ, ସଞ୍ଜିତ କୁମାର ସାମଲ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଦାସଙ୍କ ସହିତ ଉଦୟ ନାଥ ସାହୁ ପ୍ରମୁଖ ଆଇନଜୀବୀ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ଯୋଗଦେଇଥିବା ସରପଞ୍ଚ କିଶୋର ବେଉରା, ଅଞ୍ଜୁଲତା ସ୍ୱାଇଁ, ସାଗରିକା ବିହାରି ଓ ସମିତି ସଭ୍ୟ ସ୍ନିଗ୍ଧାରାଣୀ ସ୍ୱାଇଁ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବୁଲେଟିନ୍ 'ଆମ ବଡ଼ଚଣା'କୁ ଅତିଥି ଉନ୍ମୋଚନ କରିଥିଲେ। ମନମୋହନ ରାଉତ, ଉତ୍କଳ କେଶରୀ ପ୍ରଧାନ, ମନୋଜ କୁମାର ମହାନ୍ତି, ସୁରେଶ ଖଣ୍ଡାଇ, ପ୍ରଫୁଲ୍ଲ କୁମାର ପଣ୍ଡା ଓ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଘନଶ୍ୟାମବିଶ୍ୱାଳଧନ୍ୟବାଦଦେଇଥିଲେ।

**ବଡ଼ଚଣା ପ୍ରେସ୍ ଫୋରମ୍‌ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ**

## ସଂକ୍ଷେପରେ

### ନାଳରେ ବୁଡ଼ି ନାବାଳିକା ମୃତ

ବରୀ,୨୪।୪(ଡି.ଏନ.ଏ.): ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତ୍ନଗିରି ପଞ୍ଚାୟତ ରାଉତସାହି ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଖଗେଶ୍ୱର ଦଳାଇଙ୍କ ଝିଅ ଲକ୍ଷ୍ମୀ(୭) ସ୍ଥାନୀୟ କେଲୁଅ ନାଳକୁ ଗୋଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଲକ୍ଷ୍ମୀ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ସେମାନେ ଯାଇ ନାଳରେ ଖୋଜା ଖୋଜି କରିଥିଲେ। ପରେ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଲୁହାପଥର ଗଚ୍ଛିତ ରଖିବା ଅଭିଯୋଗରେ ଆଉ ୩ ଗିରଫ

ଧର୍ମଶାଳା/ଜେନାପୁର,୨୪।୪ : ଡି.ଏନ.ଏ.): ଜେନାପୁର ଥାନା ନୂଆସାହି ଜଙ୍ଗଲ ନିକଟରେ ବେଆଇନ ଭାବେ ଲୁହାପଥର ଗଚ୍ଛିତ ରଖିବା ଅଭିଯୋଗରେ ରବିବାର ପୋଲିସ ଆଉ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଜଗତଜୀବନ ପଣ୍ଡା, କଳିଙ୍ଗନଗର ଥାନା ନିମପାଲ୍ଲୀ ଅଞ୍ଚଳର ହେମନ୍ତ କୁମାର ମୁଦୁଲି ଓ ଟମକା ଥାନା ଚିଟଣୀ ଅଞ୍ଚଳର ରଙ୍ଗବଲ୍ଲଭ ଜେନା। ନୂଆସାହି ଜଙ୍ଗଲ ନିକଟରେ ବେଆଇନ ଲୁହାପଥର ଗୁଣ୍ଡ ଗଚ୍ଛିତ ଥିବା ଖବର ପାଇ ଗତ ୧୦ତାରିଖରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ଧାନମଣ୍ଡଳ ଅଞ୍ଚଳର ସେକ୍ ମନାନଙ୍କୁ ଗିରଫ କରାଯାଇଥିଲା। ୩ ଗିରଫ ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏନେଇ ଥାନାରେ ମାମଲା ନଂ.୮୮/୨୨ ରୁଜୁ ହୋଇଛି।

### ଚୋରି ବ୍ୟାଟେରି ଜବତ, ଜଣେ ଗିରଫ

ଧର୍ମଶାଳା,୨୪।୪(ଡି.ଏନ.ଏ.): ଗାଡ଼ି ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କଘରୁ ଚୋରି ବ୍ୟାଟେରି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ଅନୁସାରେ, ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧଠାରେ ଥିବା ଏକ ଟ୍ରାକ୍ଟରରୁ ଗତ ୨୨ତାରିଖରେ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ଗାଡ଼ି ମାଲିକ କବାଟବନ୍ଧ ଗ୍ରାମର ବଳରାମ ରାଉତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୮/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଦୁର୍ନୀତି ଆଁରେ ଧାନ, ଚାଉଳ ସଂଗ୍ରହ ପ୍ରକ୍ରିୟା

## ଖେଳାଳି, ରେଫରୀ ସାଜି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି ଯୋଗାଣ ବିଭାଗ: କୃଷକ ସଂଗଠନ

ଯାଜପୁର ଅଫିସ,୨୪।୪

ଯାଜପୁର ଜିଲା ଯୋଗାଣ ବିଭାଗ ଉଭୟ ଖେଳାଳି ଓ ରେଫରୀ ସାଜି ଧାନ ସଂଗ୍ରହରେ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି। ନବନିର୍ମାଣ କୃଷକ ସଂଗଠନ ଏହି ଅଭିଯୋଗ କରିବା ସହ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛି। ଚଳିତବର୍ଷ ଜିଲାରେ ଧାନ ସଂଗ୍ରହରେ ସୃଷ୍ଟ ଅଚଳାବସ୍ଥା ସମ୍ପୂର୍ଣ୍ଣ ମନୁଷ୍ୟକୃତ ଏବଂ ଆଗାମୀ ଦିନରେ ଧାନ ସଂଗ୍ରହରେ ସାମାନ୍ୟତମ ଅବ୍ୟବସ୍ଥା ହେଲେ ଫଳାଫଳ ପାଇଁ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇ ଚରଣ ରାୟ ଚେତାବନୀ ଦେଇଛନ୍ତି।

ରାଜ୍ୟରେ ୩୩ ମହିଳା ସ୍ୱୟଂ ସହାୟକ ଦଳ କୃଷକମାନଙ୍କଠାରୁ ଧାନ ଗ୍ରହଣ ନ କରି ଭେଣ୍ଡର ରସିଦ ପ୍ରଦାନ କରାଯାଇ ପୋର୍ଟାଲରୁ ସମାନ ରସିଦ ବିଲୋପ କରାଯାଇଛି। ଏଭଳି ଅନେକ ଦୁର୍ନୀତି ଓ ହେରଫେରକୁ ରୋକିବାରେ ସରକାର ବିଫଳ ହେଉଥିବାରୁ ଚାଷୀମାନେ ଆର୍ଥିକ ଅନଟନର ଶିକାର ହେଉଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍ଓ ସଲାଉଦ୍ଦିନ ଖାନ୍‌ଙ୍କ ମତାମତ ନେବାକୁ ରବିବାର ସନ୍ଧ୍ୟା ୬ଟା ୧୬ରେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

### ଦୁର୍ନୀତିର କେତେକ ନମୁନା

- ପୂର୍ବରୁ ବାହାର ଜିଲାରୁ ଆସୁଥିବା ଅଣ୍ଡରରେଟ ଧାନ ଉପରେ ପ୍ରଶାସନ ଅଙ୍କୁଶ ଲଗାଉଥିଲା। ଏବେ ଅବାଧରେ ବାହାରର ଅଣ୍ଡରରେଟ ଧାନ ଜିଲାକୁ ଚାଲାଣ ହେଉଛି। ଏଭଳି ଧାନ ଚୋରାଚାଲାଣ କରୁଥିବା ଗାଡ଼ିଗୁଡିକୁ ଚାଷୀମାନେ ଧରି ପ୍ରଶାସନକୁ ହସ୍ତାନ୍ତର କରିବାସତ୍ତ୍ୱେ ବିନା କାର୍ଯ୍ୟାନୁଷ୍ଠାନରେ ସେଗୁଡିକୁ ଛାଡ଼ି ଦିଆଯାଉଛି।
- ଜିଲାର ମିଲ୍‌ଗୁଡ଼ିକରେ କୌଣସି ହିସାବ ପତ୍ର ନ ଥିବା ହଜାର ହଜାର ବସ୍ତା ଧାନ ମହଜୁଦ ଥିବାବେଳେ ଏହାର ଯାଞ୍ଚ କରା ନ ଯାଇ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଛି।
- ଜିଲାରେ ଧାନ ସଂଗ୍ରହ ପାଇଁ ନିର୍ଦ୍ଧାରିତ କ୍ରୟ ସଂସ୍ଥାଗୁଡିକ ଆଦୌ ଧାନ କିଣାବିକା କରୁ ନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରା ନ ଯାଇ ଯୋଗାଣ ବିଭାଗକୁ ଜିଲାର ପ୍ରମୁଖ କ୍ରୟ ସଂସ୍ଥା କରାଯାଇଛି।
- ଯୋଗାଣ ବିଭାଗର ନିଜସ୍ୱ ଗୋଦାମ ଘର ଥିବା ସତ୍ତ୍ୱେ କଷ୍ଟମ ମିଲିଂ ନାମରେ ମିଲ୍‌ଗୁଡ଼ିକରେ ଧାନ ମହଜୁଦ ରଖାଯାଇ ଦୁର୍ନୀତିର ବାଟ ଫିଟାଯାଉଛି।
- ମାର୍କେଟ ୟାର୍ଡ ବନ୍ଦ ହେବା ପରେ ଚାଷୀଙ୍କ ପାଖରେ ରହିଯାଇଥିବା ଧାନ ଆକଳନ କରାଯାଇ ପୂର୍ବବର୍ଷଗୁଡ଼ିକରେ ସଂଗ୍ରହ କରାଯାଉଥିଲା। ଏବେ ତାହା କରା ନ ଯାଇ ବାହାର ଜିଲାର ଅଣ୍ଡରରେଟ ଧାନ ସଂଗ୍ରହର ଅନୁମତି ଦିଆଯାଇଛି। ଫଳରେ ଜିଲାର ଚାଷୀଙ୍କ ପାଖରେ ବିକ୍ରି ହୋଇ ନ ପାରି ଧାନ ପଡ଼ି ରହିଛି। ଏନେଇ ଏକାଧିକ ଚାଷୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ ସେମାନଙ୍କ ଧାନ କିଣା ଯାଉ ନାହିଁ।
- ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ହୋଇଥିବା ଟୋକନ ବ୍ୟବସ୍ଥାକୁ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ର ସମ୍ପାଦକମାନେ ଉଲ୍ଲଂଘନ କରି ଆସୁଛନ୍ତି। ଏହି କାରଣରୁ ଏବେ ବି ଚାଷୀଙ୍କ ନିକଟରେ ଧାନ ପଡ଼ି ରହିଥିବାବେଳେ ମିଲ ମାଲିକମାନେ ନିଜ ଇଚ୍ଛାରେ ଚାଉଳ ଦାଖଲ କରୁଛନ୍ତି।

### ଚାଉଳ ସଂଗ୍ରହ ମାତ୍ର ୪୬%

■ ରିସାଇକ୍ଲିଂ କରିବାକୁ ମସୁଧା

ଯାଜପୁର ଜିଲାରେ ଗତ ୨୧ ତାରିଖ ସୁଦ୍ଧା ମାତ୍ର ୪୬.୮୪% ଚାଉଳ ସଂଗ୍ରହ ହୋଇଛି। ଏଥିରେ ବଡ଼ଚଣା ସାନ୍ତୁକା ଫୁଡ୍‌ସ ପ୍ରାଇଭେଟ ଲିଃ, ପଥରପଦା କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଜ୍ ଓ ଛତିଆ ଇଷ୍ଟର୍ଣ୍ଣ ଜୋନ୍ ଇଣ୍ଡଷ୍ଟ୍ରିଜ୍‌ର ଚାଉଳ ଦାଖଲ ପରିମାଣ ୪୦% ବି ଛୁଇଁ ପାରିନାହିଁ। ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ବାରମ୍ବାର ରାଇସ୍ ମିଲରେ ସରକାରୀ ଧାନ ଓ ଚାଉଳ ପରିମାଣର ଅନୁପାତ ଉପରେ ନିୟମିତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହେଉଛି। ହେଲେ ଜିଲା ଯୋଗାଣ ବିଭାଗର ଅଧିକାରୀମାନେ ମିଲ୍ ମାଲିକଙ୍କ ସହ ସଲାସୁତୁରା କରି ଠିକ ରିପୋର୍ଟ ଦେଉ ନ ଥିବା ଅଭିଯୋଗ ହେଉଛି।

୨୦୨୧-୨୨ ଖରିଫ ଓ ରବି ଚାଉଳ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ହୋଇଛି। ଯୋଗାଣ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ଜିଲାରେ ୧,୪୨,୩୮୧.୮୦୨ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇ ୧୦ଜଣ ମିଲର୍ସଙ୍କୁ ଉଷୁନା ଓ ଅରୁଆ ଚାଉଳ ମିଲିଂ କରିବାକୁ ଦିଆଯାଇଥିଲା। ସେଥିରୁ ହିସାବ ଅନୁଯାୟୀ ୯୬,୬୧୭.୬୪୧୪ ମେଟ୍ରିକ ଟନ ଚାଉଳ ନିର୍ଦ୍ଧାରିତ ସମୟରେ ଦାଖଲ ହେବା କଥା। କିନ୍ତୁ ଗତ ୨୧ ତାରିଖ ସୁଦ୍ଧା ମାତ୍ର ୪୪,୬୮୩.୩୧୮ ମେଟ୍ରିକ ଟନ(୪୬.୨୫%) ଚାଉଳ ଦାଖଲ ହୋଇଛି। ଏହି ସମୟରେ ରାଇସ୍ ମିଲ୍‌ଗୁଡ଼ିକରେ ବଳକା ଥିବା ଧାନର ପରିମାଣ ଆକଳନ କରି ସର୍ବସାଧାରଣରେ ସୂଚିତ କରାଗଲେ ବାସ୍ତବ ଚିତ୍ର ସମ୍ମୁଖକୁ ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି।

ଖାଦ୍ୟ ସୁରକ୍ଷା ଯୋଜନାରେ ଆସୁଥିବା ପୁରୁଣା ଚାଉଳକୁ ବେଆଇନ ଭାବେ ରିସାଇକ୍ଲିଂ ପ୍ରକ୍ରିୟାରେ ସେହି ଚାଉଳକୁ ନୂଆ ପ୍ୟାକିଂ କରି ଯୋଗାଣ ବିଭାଗ ପାଖରେ ଦାଖଲ କରିବାକୁ ମସୁଧା ଚାଲିଥିବା ଚର୍ଚ୍ଚା ହେଉଛି। ଏହିସବୁ ପ୍ରକ୍ରିୟାରେ ପୂର୍ବରୁ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇ ସାରିଛି। ଏପରି କି ଅଡିଟ୍ ରିପୋର୍ଟକୁ ଅନୁପାଳନ ନ କରି ସିଏସ୍ଓଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ହୋଇ ସାରିଛି।

## ଚନ୍ଦନ କର ଦାନଗଦି ବ୍ଲକ ଯୁବ ବିଜେଡି ସଭାପତି



କଳିଙ୍ଗନଗର,୨୪।୪(ଡି.ଏନ.ଏ.)

ଦାନଗଦି ବ୍ଲକ ଯୁବ ବିଜେଡି ସଭାପତି ଭାବେ ଯୁବନେତା ଚନ୍ଦନ କର ମନୋନୀତ ହୋଇଛନ୍ତି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନିର୍ଦ୍ଦେଶକ୍ରମେ କରଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ଜୟପ୍ରକାଶ ସାହୁ ଏହି ପଦରେ ରହିଥିଲେ।

### ଅସଦାଚରଣ ମାମଲାରେ ଯୁବକ ଗିରଫ

ଧର୍ମଶାଳା/ଚଢ଼େଇଧରା,୨୪।୪ (ଡି.ଏନ.ଏ.)

ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଡ଼ମଧୁପୁର ଗ୍ରାମର ଗୋବର୍ଦ୍ଧନ ଧୀର(୨୨)। ନାବାଳିକାଙ୍କ ଅସଦାଚରଣ କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଧର୍ମଶାଳା ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି।

## 'ସାହିତ୍ୟ ମଣିଷକୁ ସତ୍ୟ ପଥ ଦେଖାଇଥାଏ'




ସାହିତ୍ୟ ଦର୍ପଣ ପତ୍ରିକାର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୪।୪(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ସାହିତ୍ୟ ଦର୍ପଣ ପତ୍ରିକାର ବାର୍ଷିକ ଉତ୍ସବ ଅଧ୍ୟାପକ ତ୍ରିଲୋଚନ ରଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବୟିତ୍ରୀ ସୁଚେତା ମିଶ୍ର, କବି ଡ. ଗୌତମ ଜେନା ଯୋଗଦେଇ ନାରୀବାଦ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାହିତ୍ୟ ଦର୍ପଣ ପତ୍ରିକାର ବିଶେଷାଙ୍କ ଡ. ବିଦ୍ୟୁଭୂଷଣ ପଣ୍ଡାଙ୍କ ଗଳ୍ପ ପୁସ୍ତକ 'ଦେବବ୍ରତ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅଭ୍ୟର୍ଥନା ସମିତି ସଭାପତି ପ୍ରସନ୍ନ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ କବି ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି ମୋହିତ ଚକ୍ରବର୍ତ୍ତୀ, ମିରିନା ମହାନ୍ତି, ଅମ୍ରିତା ସିଂ, ପ୍ରବୀଣ କବି ପିନାକୀ ମିଶ୍ର, ଡ. ଭରତ ବେହେରା, ବ୍ୟଙ୍ଗ କବି ଜ୍ଞାନ ହୋତା, ରଶ୍ମିରଞ୍ଜନ ନାୟକ, ଲାବଣ୍ୟ ନାୟକ, ବିଚିତ୍ରା ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ତିମ ଅଧିବେଶନରେ ପତ୍ରିକାର ସମ୍ପାଦକ ବିମଳ ଚନ୍ଦ୍ର ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ମଣିଷକୁ ସତ୍ୟ ପଥର ରାସ୍ତା ଦେଖାଇଥାଏ ବୋଲି କହିଥିଲେ। ଅତିଥି ଭାବେ ଯାଜପୁର ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଯତୀନ୍ଦ୍ର ପ୍ରସାଦ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଶୁଭଶ୍ରୀ ଲେଙ୍କା, କବି ପ୍ରସନ୍ନ ସ୍ୱାଇଁ, ଡ. ଜ୍ୟୋତ୍ସ୍ନା ତ୍ରିପାଠୀ, ଡ. ସୁଚିତ୍ରା ରଥଙ୍କୁ ସାହିତ୍ୟ ଦର୍ପଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶିଶୁରୋଗ ବିଶେଷଜ୍ଞ ସୁପ୍ରକାଶ ଶତପଥୀ, ଡ. ସଞ୍ଜୟ କୁମାର ରାୟ ଓ ଜୟନ୍ତୀ ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ମୁଖ୍ୟ ସମ୍ପାଦକ ଅଧ୍ୟାପକ ତ୍ରିଲୋଚନ ରାଉତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲାବେଳେ ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ବିଞ୍ଝାରପୁର,୨୪।୪(ଡି.ଏନ.ଏ.)

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ବାଲିଚନ୍ଦ୍ରପୁର ଗ୍ରାମର ରଞ୍ଜିତ ବେହେରା ଓରଫ୍ ସିପୁନ। ଅଭିଯୋଗ ଅନୁସାରେ, ଗତ ୨୨ତାରିଖ ପୂର୍ବାହ୍ନରେ ନାବାଳିକା ଜଣକ ରଶି କିଣିବା ପାଇଁ ନିକଟସ୍ଥ ବାଲିଚନ୍ଦ୍ରପୁର ବଜାରକୁ ଯାଇଥିଲେ। ସେଠାରେ ରଶି ବିକ୍ରି କରୁଥିବା ଦୋକାନୀ ରଞ୍ଜିତଙ୍କୁ ନାବାଳିକା ରଶି ଦର ପଚାରିଥିଲେ। ଏହି ସମୟରେ ରଞ୍ଜିତ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ତେବେ ଏହି ଘଟଣାକୁ ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ଚାପି ଦେବାକୁ ବସିଥିଲାବେଳେ ପୀଡ଼ିତାଙ୍କ ମା' ଅଳକୁଣ୍ଡ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଥିଲା। ଏସ୍ଆଇ କଳ୍ପନା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଶନିବାର ରାତିରେ ବାଲିଚନ୍ଦ୍ରପୁର ଗ୍ରାମରେ ଚଢ଼ାଉକରି ରଞ୍ଜିତଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।

## ଜାତୀୟ ପଞ୍ଚାୟତିରାଜ ଦିବସ

ଯାଜପୁର ଟାଉନ,୨୪।୪(ଡି.ଏନ.ଏ.)

ଯାଜପୁର ବ୍ଲକ ଅଧୀନ ଏରବାଙ୍କ ଗ୍ରାମ ପଞ୍ଚାୟତ ପକ୍ଷରୁ ରବିବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ରେଖା ମଲ୍ଲିକ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ କିପରି ଆଗେଇବ ସେ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାମଲ, ସମିତିସଭ୍ୟା ସସ୍ମିତା ସେଠୀ, ନାଏବ ସରପଞ୍ଚ ଶୁକଦେବ ପରମାଣିକ, ସାମାଜିକ କର୍ମୀ କୃପାସିନ୍ଧୁ ମଲ୍ଲିକ, ଯୁବନେତା ଶୁଭେନ୍ଦୁ ସାମଲ, ସୌମ୍ୟକାନ୍ତ ମଲ୍ଲିକ, ବ୍ରଜ ଜେନା ଓ ଭରତ ସେଠୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ଜନସାଧାରଣ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସାମାଜିକ କର୍ମୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଆଞ୍ଚଳିକ ଖଣି ଉଦ୍ଧାର ପ୍ରତିଯୋଗିତା ଉଦ୍‌ଯାପିତ

କାଳିଆପାଣି,୨୪।୪(ଡି.ଏନ.ଏ.)

ଆଞ୍ଚଳିକ ଖଣି ଉଦ୍ଧାର ପ୍ରତିଯୋଗିତା-୨୦୨୨ ରେସକ୍ୟୁ ଷ୍ଟେଶନ ଓରିଏଣ୍ଟ ଏରିଆ, ଏମ୍‌ସିଏଲ୍-ବ୍ରଜରାଜନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହା ୨ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଟେନ୍ଦୁ ମଣ୍ଡଳ, ଭୁବନେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଣି ସୁରକ୍ଷା ନିର୍ଦ୍ଦେଶକ ବୀର ପ୍ରତାପ ରାୟଗଡ଼, ଖଣି ଉପନିର୍ଦ୍ଦେଶକ(ଇଲେକ୍ଟ୍ରିକାଲ), ଖଣି ଉପନିର୍ଦ୍ଦେଶକ (ମେକନିକାଲ), ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏମ୍‌ସିଏଲ୍ ଏବଂ ବିଭିନ୍ନ ଖଣିର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୯ଟି ଖଣି ମଧ୍ୟରୁ ଇମ୍ପାର ଭୂତଳ ଖଣି ମାର୍ଚ୍ଚ ପାଷ୍ଟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଇମ୍ପାର ସୁରକ୍ଷା ବିଭାଗ ମୁଖ୍ୟ କମଳ ଲୋଚନ ମିଶ୍ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଥିଲେ। ବରିଷ୍ଠ ସୁରକ୍ଷା ଅଧିକାରୀ ଚର୍ଚ୍ଚିଲ ମହାନ୍ତି ସଂଯୋଜକ ଭାବେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖଣିକୁ ପୁରସ୍କୃତ କରାଯାଇଛି।

## ତୁରନ୍ତ ଖବରଦାତା ସୁରକ୍ଷା ଆଇନ ଆଣିବାକୁ ଦାବି

ଯାଜପୁର ଟାଉନ/ରସୁଲପୁର, ୨୪।୪(ଡି.ଏନ.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ଝାଲପଡ଼ା ପଞ୍ଚାୟତର ସାନବାଗସାହିସ୍ଥିତ ରବୀନ୍ଦ୍ର କ୍ଲବ ଆନୁକୂଲ୍ୟରେ ରସୁଲପୁର ପ୍ରେସ୍ ଫୋରମ ପକ୍ଷରୁ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ(ଜେୟୁଜେ)ର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମ୍ବାଦିକ ୟୁନିୟନ ସଭାପତି ଆଦିତ୍ୟ ମେକାପ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଓୟୁଜେ ରାଜ୍ୟ ସଭାପତି ତଥା ଜାତୀୟ ସାମ୍ବାଦିକ ୟୁନିୟନର ମହାସଚିବ ଓ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତି ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ସେ ନିନ୍ଦା କରିବା ସହ ରାଜ୍ୟ ସରକାର ତୁରନ୍ତ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଏଥିସହିତ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମା ରାଶି ୨ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା କରିବା ଓ ମାତାପିତାଙ୍କୁ ଏହି ବୀମାରାଶି ଯୋଜନାରେ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥିଭାବେ ରାଜନେତା ତଥା ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ଠିକ୍ ଖବର ପରିବେଷଣ କରିବା ସହ ନିର୍ଭୀକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରୁଣେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବଟକୃଷ୍ଣ ମହାପାତ୍ର ଯୋଗଦେଇ ଖବରଦାତାଙ୍କ ଖବର ସଂଗ୍ରହ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସାମ୍ବାଦିକ ୟୁନିୟନ କାର୍ଯ୍ୟକାରୀ ସଭାପତି ରଞ୍ଜିତ ରାଉତ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିୟନ ଉପସଭାପତି କିଷାନ ରାଉତ, ସମ୍ପାଦକ ସମରଜିତ ମହାନ୍ତି, ରାଜ୍ୟ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ରାଜୀବ ମହାନ୍ତି, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପରିକ୍ଷିତ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ରାଉତରାୟ ଓ ଅଭୟ ପତି ପ୍ରମୁଖ ଯୋଗଦେଇ ଖବରଦାତାଙ୍କ କାର୍ଯ୍ୟଧାରା ସମ୍ପର୍କରେ ମତବ୍ୟକ୍ତ କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଦିବ୍ୟାଙ୍ଗ ସାମାଜିକ ସୁରକ୍ଷା କର୍ମୀ ମଣ୍ଟୁ ଦାସ ଖବରଦାତାଙ୍କ ଦାବି ପ୍ରତି ରାଜ୍ୟ ସରକାର ସହନଶୀଳତା ଅବଲମ୍ବନ କରିବାକୁ ମତବ୍ୟକ୍ତ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଦେବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୋଟକା ପଞ୍ଚାୟତ ସରପଞ୍ଚ ସ୍ମୃତିରେଖା ରାଉତ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ଝାଲପଡ଼ା ସରପଞ୍ଚ ଭାରତୀ ମଲ୍ଲିକ, ସମିତିସଭ୍ୟ ନିର୍ମଳ କୁମାର ସାମଲ, କ୍ରୀଡ଼ା କ୍ଷେତ୍ରରେ ଅମିୟ କୁମାର ପରିଡ଼ାଙ୍କୁ ୟୁନିୟନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରବୀନ୍ଦ୍ର କ୍ଲବର ସଭାପତି ପ୍ରମୋଦ ସାହୁଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ରସୁଲପୁର ପ୍ରେସ୍ ଫୋରମର ସଭାପତି ବିଶ୍ୱଜ୍ୟୋତି ପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ଟି ବ୍ଲକରୁ ୟୁନିୟନର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଅତିଥି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

### ଜେୟୁଜେର ସାଧାରଣ ପରିଷଦ ବୈଠକ

## ସଂକ୍ଷେପରେ

### କେ.ସି. କ୍ଲବର କର୍ମକର୍ତ୍ତା ନିର୍ବାଚନ

**ନୟାଗଡ଼ ଅଫିସ,୨୪।୪:** ନୟାଗଡ଼ ସହରର କେ.ସି.କ୍ଲବ ର ୨୦୨୨ ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ସଭାପତି ଭାବେ ଭାଗୀରଥି ଦାସ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁନ୍ଦର ତ୍ରିପାଠୀଙ୍କୁ ପରାସ୍ତ କରିଛନ୍ତି।

### ଅଟୋ ସହ କାଠ ଜବତ, ୫ ଗିରଫ

**ପାତ୍ରପୁର,୨୪।୪(ଡି.ଏନ୍.ଏ.):** ସାମନ୍ତିଆପଲ୍ଲୀ ରେଞ୍ଜ ତୁମ୍ବା ଇଲାକାରୁ ଅଟୋ ଯୋଗେ ଚୋରାରେ ଚାଲାଣ ହେଉଥିବା ଶାଗୁଆନ କାଠକୁ ଜଙ୍ଗଲ ବିଭାଗ ଚଢ଼ାଉ କରି ଜବତ କରିବା ସହିତ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଷ୍ଟାଗ୍ରାମର ବି ମନୋଜ, ଏସ୍. ଗଣପତିଙ୍କ ସମେତ ବୁରାତାଲ ପଞ୍ଚାୟତର ରାମୁଡୁ, ଗୁଡୁମା ନାୟକ ଓ ହାଡ଼ିଆ କାର୍ଜି ଆନ୍ଧ୍ରକୁ ଚୋରାରେ କାଠ ଚାଲାଣ ହେଉଥିବା ସାମନ୍ତିଆପଲ୍ଲୀ ରେଞ୍ଜର ରଜତ କୁମାର ମିଶ୍ର ଖବର ପାଇ ତୁମ୍ବା ବନ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ଜଙ୍ଗଲ ବିଭାଗ କର୍ମଚାରୀମାନେ ଜଙ୍ଗଲ ପାର୍ଶ୍ୱରେ ଅଟୋକୁ ଧରିବା ପାଇଁ ଛକି ରହିଥିବା ବେଳେ କୁମ୍ଭାର ଡିଅ ଗ୍ରାମ ନିକଟରେ ଶାଗୁଆନ ଚାଲାଣ ହେଉଥିବା ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ କାଠ ଥିବା ଜଣାପଡ଼ିଥିଲା।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**ଶେରଗଡ଼,୨୪।୪(ଡି.ଏନ୍.ଏ.):** ଶେରଗଡ଼ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ତାକରଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ମେଳାକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ମୋଟ ୧୪ ଷ୍ଟଲ ଜରିଆରେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପରାମର୍ଶ ପ୍ରଦାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ, ତାକରଡ଼ା ସରପଞ୍ଚ ରାଜେନ୍ଦ୍ର ସେଠୀ, ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ସିଡିପିଓ ଗୀତାଞ୍ଜଳି ରାଉଳ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ, ଅବନୀ ପ୍ରସାଦ ଦାଶ, ଅଶୋକ ନାୟକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଶାନୁଦେବୀ ଉପସ୍ଥିତ ଥିଲେ। ୫୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ରୋଗୀମାନଙ୍କୁ ସେବା ଯୋଗାଇବା ସହ ମାଗଣା ଔଷଧ ପ୍ରଦାନ କରାଯାଇଛି।

### ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

**କ.ନୂଆଗାଁ,୨୪।୪(ଡି.ଏନ୍.ଏ.):** କ.ନୂଆଗାଁ ବ୍ଲକର ପୁରୁଣା ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଦାସ ଓ ଉପ ସଭାନେତ୍ରୀ ମିନାକ୍ଷୀ ତ୍ରିପାଠୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ସଭାପତି ଭାବେ ବୁଲୁ କୁମାର ନାୟକ ଉପ ସଭାପତି ସାନ୍ତୁନୁ କୁମାର ସାହାଣୀ, ଶସ୍ମିତା ପାତ୍ର, ସମ୍ପାଦକ ସଦାସିବ ମାର୍ଥା, ସହ ସମ୍ପାଦକ ଶଶାଙ୍କ ଶେଖର ପାତ୍ର, ଲାଲୁ କୁମାର ମଲିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁକାନ୍ତ କୁମାର ସେନାପତି ବ୍ଲକ କୋଡିନେଟର ରାକେଶ କୁମାର କୋଠଦଳେଇ ଓ ଉପଦେଷ୍ଟା ଭାବରେ କୃପାସିନ୍ଧୁ ସାମନ୍ତ ରାୟ ମନୋନୀତ ହୋଇଛନ୍ତି। ଏଥିରେ ସୁକାନ୍ତ ମହାପାତ୍ର, ଡମ୍ବରୁ ବସ୍ତିଆ, ପ୍ରତାପ ଚନ୍ଦ୍ର ମହାରଣା, ସଦାସିବ ବେହେରା, ରାମଚନ୍ଦ୍ର ପାଢ଼ୀ, ହସୁଂଜା ପାତ୍ର, ବିଷ୍ଣୁ ପାତ୍ର, ପ୍ରକାଶ ବେହେରାଙ୍କ ସମେତ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

### ଜି.ଉଦୟଗିରି ଏନ୍ଏସିର ପ୍ରଥମ କାଉନ୍ସିଲ ବୈଠକ

**ଜି.ଉଦୟଗିରି,୨୪।୪(ଡି.ଏନ.ଏ.):** ଜି.ଉଦୟଗିରି ଏନ୍ଏସିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଭାନୁପ୍ରଭା ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ୨୦ ଉନ୍ନୟନ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ଏପ୍ରିଲରେ ଘର ପାନୁ ଦେଲେ ୧୦% ରିହାତି, ସ୍ମାର୍ଟ ପାର୍କ ଓ କେମାଟୋରୀୟମ ପାଇଁ ଟେଣ୍ଡର, ସରକାରୀ କୂଅ ଓ ଚୁଆ ମରାମତି, ଦୋକାନ ଗୃହ ମରାମତି, ସଭାଗୃହ ଓ ଶୌଚାଳୟ ମରାମତି, ସର୍ଭିସ ପ୍ରୋଭାଇଡରଙ୍କୁ ୩୦ ଦିନ କାମ, ସ୍ୱଚ୍ଛ ସାଥି ଓ କର୍ମୀ ନିଯୁକ୍ତି, ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ପ୍ରକୋଷ୍ଠର ଉନ୍ନତିକରଣ, କାର୍ଯ୍ୟାଳୟ ଉପର ମହଲାର ଉନ୍ନତିକରଣ, ଜି.ଉଦୟଗିରି ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର କାଉନସିଲର ପି ସଞ୍ଜିବ କୁମାର ପାତ୍ର, କାଉନସିଲର ଲେକ୍ଟର ବୁଲିୟାନ ନିଜ ନିଜ ମତ ଉପସ୍ଥାପନ କରିଥିଲେ। କାଉନସିଲର ମାନଙ୍କ ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଢ଼ଙ୍ଗୀ, ଏନଏସି ଷ୍ଟାଫ ସତ୍ୟ ପ୍ରକାଶ ମହାପାତ୍ର, କମ୍ବୁପାଣି ପାଣିଗ୍ରାହୀ, ଶିବ ସୁନ୍ଦର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୯୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ସହ ବଡ଼ ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଉଦ୍‌ଘାଟନ ପୂର୍ବରୁ ଦୁର୍ବୃତ୍ତ ଭାଙ୍ଗିଲେ ଫଳକ

**ନୂଆଗାଁ, ୨୪।୪ (ଡି.ଏନ୍.ଏ.)**



ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ସୂଚନା ଫଳକ।

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀ ନୂଆଗାଁ ବ୍ଲକରେ ଶାସକ ଦଳର ଗୋଷ୍ଠୀକନ୍ଦଳ ଦିନକୁଦିନ ବଢ଼ିବାରେ ଲାଗିଛି। ଏହାର ପରିଣାମ ସ୍ୱରୂପ ଉଦ୍‌ଘାଟନ ପୂର୍ବରୁ ଶାସକ ଦଳର ଅସନ୍ତୁଷ୍ଟ ଗୋଷ୍ଠୀର ଲୋକ ପ୍ରତିନିଧିଙ୍କ ନାମ ଲେଖା ଯାଇଥିବା ଫଳକକୁ ବିଭିନ୍ନ ସ୍ଥାନରେ ଭଙ୍ଗା ଯାଉଥିବା ଦେଖିବାକୁ ମିଳୁଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପୁରୁଣା ଦଳୀୟ କର୍ମୀଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ସମର୍ଥନ କରିବା ଦଳକୁ ମହଙ୍ଗା ପଡିଲାଣି। ଦିନକୁଦିନ ରାଜନୈତିକ ଉଷ୍ମତା ବଢିବା ସହ ବିବାଦ ଘନେଇବାରେ ଲାଗିଛି। ନିର୍ବାଚନରେ ଦଳୀୟ ସମର୍ଥନ ନ ପାଇ ବାଦ୍ ପଡିଥିବା ପୁରୁଣା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଯୋଗୁ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାରେ ବହୁ କଷ୍ଟ କରିବାକୁ ପଡିଥିଲା। ନୂଆଗାଁ ବ୍ଲକରେ ଭାଜପାରେ ବଳିଷ୍ଠ ବିରୋଧୀ ନ ଥିବା ବେଳେ ଅସନ୍ତୁଷ୍ଟ ବିଜେଡିର କର୍ମୀ ବହୁ ଗୋଷ୍ଠୀରେ ବିଭକ୍ତ ହୋଇଛନ୍ତି। ତେବେ ଅସନ୍ତୁଷ୍ଟ ଗୋଷ୍ଠୀ ବିଜେଡିକୁ ସମର୍ଥନ କରୁଥିବା ବେଳେ ଶାସକ ଦଳର ଦଶପଲ୍ଲା ବିଧାୟକଙ୍କ ବିରୋଧରେ ସ୍ୱର ଉଠାଉଛନ୍ତି। ଦଶପଲ୍ଲା ବିଧାୟକଙ୍କୁ ବିରୋଧ କରି ନିର୍ବାଚନ ପୂର୍ବରୁ ତାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଫଳକକୁ ଭାଙ୍ଗି ଦିଆଯାଉଛି। ନିର୍ବାଚନ ପରେ ଉଦ୍‌ଘାଟନ ପୂର୍ବରୁ ବିଭିନ୍ନ ସ୍ଥାନରେ ଫଳକକୁ ଭାଙ୍ଗି ଦେଉଛନ୍ତି ଦଳୀୟ ଅସନ୍ତୁଷ୍ଟ ଗୋଷ୍ଠୀ। ୨୧ ତାରିଖରେ ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବା ବିଶୁଦ୍ଧ ପାନୀୟ ଜଳର ଫଳକକୁ ଭାଙ୍ଗି ଦିଆଯାଇଥିଲା। ରବିବାର ପାରାଡିପି ପଞ୍ଚାୟତରେ ଏକ ଫଳକକୁ ଭାଙ୍ଗି ଦିଆଯାଇଛି। ସିମିଳିସାହି ପିଚ୍‌ରୋଡି ରାସ୍ତାଠାରୁ ବାଲଣ୍ଡା ଆରଡି ରାସ୍ତା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଫେଜ୍-୩ର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଏକ ଫଳକ ଲଗାଯାଇଥିଲା। ତାହା ରବିବାର ସକାଳ ୧୦ଟାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହେବାର ସମସ୍ତ ଆୟୋଜନ ସରିଥିଲା। କିନ୍ତୁ ସକାଳୁ କେହି ଦୁର୍ବୃତ୍ତ ତାହାକୁ ଭାଙ୍ଗି ଦେଇଛନ୍ତି। ଦୁର୍ବୃତ୍ତ ଭାଙ୍ଗିବା ସମୟରେ ବିଧାୟକଙ୍କ ନାମ କାହିଁକି ରହିଲା କହି ଭାଙ୍ଗିଥିବା ଆଲୋଚନା ହେଉଛି। ପଂଚାୟତ ନିର୍ବାଚନ ସରିବାର କିଛି ମାସ ନ ଯାଉଣୁ ବିଭିନ୍ନ ସ୍ଥାନରେ ଫଳକ ଭାଙ୍ଗି ବିଧାୟକଙ୍କୁ ବିରୋଧ କରିବା କାର୍ଯ୍ୟରୁ ଦଳୀୟ କର୍ମୀଙ୍କ ଅସନ୍ତୋଷର ମାତ୍ରା ସ୍ପଷ୍ଟ ବାରି ହୋଇପଡୁଛି।

# ଭୁବନେଶ୍ୱରରୁ ମହୀପୁରକୁ ଗଡ଼ିଲା ଟ୍ରେନ୍




ମହୀପୁର ଷ୍ଟେଶନରେ ଭୁବନେଶ୍ୱରରୁ ଯାଇ ପହଞ୍ଚିଥିବା ପାସେଞ୍ଜର ଟ୍ରେନ୍।

**ନୟାଗଡ଼ ଅଫିସ,୨୪।୪**

ରବିବାର ଭୁବନେଶ୍ୱରରୁ ନୟାଗଡ଼ ଜିଲା ନୂଆଗାଁ ବ୍ଲକର ମହୀପୁରକୁ ଗଡିଛି ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ। ପୂର୍ବାହ୍ନ ୧୧ଟା ୪୫ମିନିଟ୍‌ରେ ଟ୍ରେନଟି ମହୀପୁରରେ ପହଞ୍ଚି ଥିଲା। ପରେ ମହୀପୁରରୁ ଅପରାହ୍ନ ୩ଟଶ୩୫ରେ ପୁଣି ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ପ୍ରକାଶ ଯେ, ଟ୍ରେନ ନଂ. ୦୮୪୨୯ ଭୁବନେଶ୍ୱର ମହୀପୁର ସ୍ୱତନ୍ତ୍ର ପାସେଞ୍ଜର ଟ୍ରେନ ଭୁବନେଶ୍ୱରରୁ ସକାଳ ୯ଟା୨୫ରୁ ବାହାରି ନୟାଗଡ଼ ଟାଉନ ଷ୍ଟେଶନରେ ପୂର୍ବାହ୍ନ ୧୧ଟା ୨୨ରେ ଓ ମହୀପୁରରେ ୧୧ଟା ୪୫ରେ ପହଞ୍ଚିଥିଲା। ଅନ୍ୟପକ୍ଷେ ମହୀପୁରରୁ ଟ୍ରେନ ନଂ.୦୮୪୩୦ ମହୀପୁର-ଭୁବନେଶ୍ୱର ସ୍ୱତନ୍ତ୍ର ପାସେଞ୍ଜର ଅପରାହ୍ନ ୩ଟା ୩୫ରେ ଛାଡ଼ି ଭୁବନେଶ୍ୱରରେ ସନ୍ଧ୍ୟା ୬ଟା ୧୫ରେ ପହଞ୍ଚିବ। ମହୀପୁରରୁ ଭୁବନେଶ୍ୱର ଟ୍ରେନ ଭଡା ୪୫ ଟଙ୍କା ପଡୁଛି।

# କୁଆଁରିଆ ମହୋତ୍ସବ ଉଦ୍‌ଯାପିତ

**ଦଶପଲ୍ଲା, ୨୪।୪(ଡି.ଏନ.ଏ.)**



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଦଶପଲ୍ଲାରେ ଚାଲିଥିବା କୁଆଁରିଆ ମହୋତ୍ସବ-୨୦୨୨ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି, ଏସ୍‌ପି ସିଦ୍ଧାର୍ଥ କଟାରିଆ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲା ପରିଷଦ ସଭ୍ୟା ସତ୍ୟଭାମା ନାୟକ, ଜସ୍ମିନ୍ ଦାସ, ପ୍ରତିମା ଦଳବେହେରା, ନରେଶ ବେହେରା ଏବଂ ଦଶପଲ୍ଲା ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ପ୍ରଦ୍ୟୁମ୍ନ ଶତପଥୀ ଉପସ୍ଥିତ ରହି କହିଲେ, ପ୍ରଭୁ ଶ୍ରୀରାମଙ୍କ ଆଚରଣ,ଧୈର୍ଯ୍ୟ, ସହନଶୀଳତା, ପ୍ରଜା ପାଳନ ଆଦିକୁ ଆମେ ଆମର ଆଦର୍ଶ ଭାବେ ଗ୍ରହଣ କରି ଥିବାରୁ ସେ ବନ୍ଦନୀୟ।

ତତ୍କାଳିନ ପ୍ରଜାମାନଙ୍କ ତ୍ୟାଗ, ସଦାଚାର, ଦୟା କ୍ଷମା ଆଦି ଗୁଣ ପାଇଁ ସେ ରାଜ୍ୟ ଥିଲା ରାମ ରାଜ୍ୟ। ଆମେ ବହୁ ସମ୍ପତ୍ତିର ଅଧିକାରୀ ହୋଇବି ସରକାରୀ ଭାବେ ଗରିବ ହେବାକୁ ଚାହୁଁଛୁ। ଏହି ଅବସରରେ ବାହାଡାଖୋଲାର ଦୃଷ୍ଟିହୀନ ସଂଘ, ଲଙ୍କାପୋଡି ଯାତ୍ରାର ପ୍ରଚ୍ଛଦପଟ ନାୟକ ପ୍ରଦୀପ କୁମାରସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଡା. ନବକିଶୋର ସାହୁ, ଆଇଆଇସି ଜୟପ୍ରକାଶ ପରିଡା, ବାଲୁକା ଶିଳ୍ପୀ ବୃନ୍ଦାବନ ସେଠୀ, ଅୟନ ଫାଉଣ୍ଡେଶନ ଗଣିଆ, ସମସ୍ତ ବ୍ଲକସ୍ତରୀୟ ଅଧିକାରୀ ପ୍ରଭୃତିଙ୍କୁ ସମ୍ମାନ ପତ୍ର ଦିଆଯାଇଥିଲା। ସମ୍ପାଦକ କିଶୋର ସାହୁ, ହାଡିବନ୍ଧୁ ମହାକୁଡ, ତ୍ରୀନାଥ ସାହୁ, ଶ୍ରଦ୍ଧାଞ୍ଜଳି ମହାନ୍ତି ଓ ସୀତାରାମ ୟୁଥ୍ କ୍ଲବର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ବିଭିନ୍ନ ଜିଲାରୁ ଆସିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲୋକେ ଏହାକୁ ଆନନ୍ଦ ଉଠାଇ ଥିଲେ।

# ବନ୍ଦ ଘରୁ ସୁନା ଅଳଙ୍କାର, ଟଙ୍କା ଲୁଟ୍

**ଓଡ଼ଗାଁ,୨୪।୪(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ଏନଏସି ଅନ୍ତର୍ଗତ ରାମସାଗର ଗଳିରେ ଘର ମାଲିକ ସପରିବାର ସମ୍ପର୍କୀୟଙ୍କ ବାହାଘର ଲାଗି ବାହାରକୁ ଯାଇଥିଲେ। ପୁଅ ବାହାଘର ପାଇଁ ଘରେ ରଖିଥିବା ସୁନା ଅଳଙ୍କାର ଓ ନଗଦ ୫୦ ହଜାର ଟଙ୍କା ଲୁଟ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ହୃଷି ପ୍ରଧାନ ବାହାଘର ନିମନ୍ତେ ଶୁକ୍ରବାର ଘରେ ତାଲା ଲଗାଇ ଶରଣକୁଳ ନିକଟସ୍ଥ କଜଳାଇପଲ୍ଲୀକୁ ଯାଇଥିଲେ। ଏହାର ସୁଯୋଗରେ କୌଣସି ଦୁର୍ବୃତ୍ତ ତାଙ୍କ ଘର ଝରକା ଭାଙ୍ଗି ଘରେ ପଶି ଦୁଇଟି ଲୁହା ଆଲିମିରା ଭାଙ୍ଗି ସେଥିରେ ପୁଅ ବାହାଘର ପାଇଁ ଥିବା ୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ସହ ୫୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ହୃଷିଙ୍କ ପରିବାର ଶନିବାର ଆସି ଦେଖିଲା ପରେ ଘରେ ଚୋରି ହୋଇଥିବା ସମ୍ପର୍କରେ ଜାଣିବା ପରେ ଥାନାରେ ପୁଅ ଲିଟୁ ଅଭିଯୋଗ କରିଥିଲେ। ହେଲେ ହୃଷିଙ୍କ ପରିବାର ଘରେ ଅନୁପସ୍ଥିତ ରହୁଥିବା ସମ୍ପର୍କରେ କୌଣସି ନିଜ ଲୋକ ଜାଣିବା ପରେ ଏସବୁ କାଣ୍ଡ ଭିଆଇଥିବା ସାଧାରଣରେ ଆଲୋଚନା ହେଉଛି। ପୋଲିସ ମଧ୍ୟ ଅନୁରୂପ ଢଙ୍ଗରେ ମାମଲାର ତଦନ୍ତ କରୁଥିବା ବେଳେ ଚୋରି ସମ୍ପର୍କରେ କୌଣସି ତଥ୍ୟ ହାସଲ କରିନାହିଁ।

# ଉତ୍କଳ ଘଣ୍ଟ ହାସ୍ୟ ରସିକ ସ୍ମୃତି ସମ୍ମାନ ପାଇବେ ମନୋରଞ୍ଜନ



ଖବରଦାତା ସମ୍ମିଳନୀରେ ମଞ୍ଚର ସଦସ୍ୟମାନେ।



ବ୍ୟଙ୍ଗକାର ମନୋରଞ୍ଜନ ସାହୁ

**ନୟାଗଡ଼ ଅଫିସ,୨୪।୪**

ନୟାଗଡ଼ ଜିଲାର କଳା, ସାହିତ୍ୟ ଓ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ଆସନ୍ତା ମେ ୧କୁ ବିଶ୍ୱ ହାସ୍ୟ ଦିବସ ରୂପେ ପାଳନ କରାଯାଉଛି। ଏହି ଉପଲକ୍ଷେ ଉତ୍କଳ ଘଣ୍ଟ କବି ଯଦୁମଣି ହାସ୍ୟ ରସିକ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ହସି ହସାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଜିଲା ସାହିତ୍ୟ ଓ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ରୋଟାରୀ ଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା।

ମଞ୍ଚର ସଭାପତି ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁଯାୟୀ ଓଡ଼ିଶାର ପ୍ରତିଷ୍ଠିତ ବ୍ୟଙ୍ଗକାର ତଥା ବରଗଡର ମନୋରଞ୍ଜନ ସାହୁ (ମନ ମାଷ୍ଟ୍ରେ)ଙ୍କୁ ରାଜ୍ୟସ୍ତରୀୟ ଉତ୍କଳ ଘଣ୍ଟ ହାସ୍ୟ ରସିକ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏଥିରେ ୨୧ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯିବ। ଏହି ଅବସରରେ ମେ ୧ ତାରିଖ ସନ୍ଧ୍ୟା ୭ଟାରେ ପୁରୁଣା ସହର ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କୃତି ମଞ୍ଚରେ ହସିହ ସାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅରୁଣ ସାହୁ, ସାହିତ୍ୟିକ ଦାଶ ବେନହୂର, ପୌରପାଳ ନିରୁପମା ଖଟେଇ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାର ବିଶିଷ୍ଟ ହାସ୍ୟ କଳାକାର ଜ୍ଞାନ ହୋତା, ସତ୍ୟାନାଶ, କୁଳାଙ୍ଗାର, ରମାକାନ୍ତ, ବୋଲଗଡ଼ ଏକ୍ସପ୍ରେସ, ରବୀନ୍ଦ୍ର, ଆର୍ତ୍ତତ୍ରାଣ, ବିଭୂ, ବାଳକୃଷ୍ଣ ପ୍ରମୁଖ ଉପସ୍ଥିତ ରହି ଆୟୋଜିତ ହେବାକୁ ଥିବା ହସିହ ସାଅ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଆପ୍ୟାୟିତ କରିବେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନିର୍ମଳ ଶୁରଦେଓ, କାର୍ଯ୍ୟକାରୀ ସଭାପତି ନାଟ୍ୟଭୂଷଣ ବିଜୟ ଚୌଧୁରୀ, ନାଟ୍ୟକାର ତଥା ସାହିତ୍ୟିକ ବିଶ୍ୱନାଥ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ବିକାଶ ମଞ୍ଚ ଟ୍ରଷ୍ଟି ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ କବି ଶେଖ ଅବଦୁଲ ଖାଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଧରାକୋଟରେ ସ୍ୱତନ୍ତ୍ର ଗ୍ରାମସଭା

**ଧରାକୋଟ,୨୪।୪(ଡି.ଏନ୍.ଏ.)**

ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଧରାକୋଟ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ତରଫରୁ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ରବିବାର ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଗ୍ରାମସଭାରେ ପଞ୍ଚାୟତିରାଜ ଦିବସର ମହତ୍ତ୍ୱ ଓ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜଳ ସମସ୍ୟା ଓ ପରିମଳ ସବୁଜ ଗ୍ରାମ ଗଠନ, ସ୍ୱଚ୍ଛ ଭାରତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ବର୍ଜ୍ୟବସ୍ତୁ ପରିଚାଳନା, ପିଇବା ପାଣି ପାଇଁ କମିଟି ଗଠନ ଆଦି ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସଭାକୁ ନିର୍ବାହୀ ଅଧିକାରୀ ରିଙ୍କୁ ପାତ୍ର ପରିଚାଳନା କରିଥିବାବେଳେ ବିଡିଓ ଡେନିସ ବେହେରା, ସରପଞ୍ଚ ପୁନିଆ ଦାସ, ମସ୍ୟ ଅଧିକାରୀ ଶିବାନୀ ମହାନ୍ତି, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସ୍ୱାଇଁ, ନାଏବ ସରପଞ୍ଚ ଚୁନି ଗୌଡ, ସିଆର୍‌ସିସି ଭାସ୍କର ବାଡ଼ତ୍ୟା, ବିଷ୍ଣୁ କେଶରୀ ଆଚାର୍ଯ୍ୟ, ସ୍ୱାସ୍ଥ୍ୟକର୍ମୀ ବିଷ୍ଣୁପ୍ରିୟା ରେଡ୍ଡୀ, ସୁନିଲ କୁମାର ଗୌଡ, ଯୋଗାଣ ସହାୟକ ଗୋପାଳ ହରି ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସାମ୍ବାଦିକ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଖବରଦାତା।

**ନୟାଗଡ଼ ଅଫିସ,୨୪।୪**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆଞ୍ଚଳିକ ସାମ୍ବାଦିକ ସଂଘର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସଂଘର ସଭାପତି ଶିବଦତ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ୧୬ନଂ. ଜିଲା ପରିଷଦ ସଭ୍ୟ ଜସ୍ମିନ ଦାସ, ନୟାଗଡ଼ ଜିଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଶ୍ରୀକାନ୍ତ ଖଟେଇ ଓ ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଖବରଦାତା ଲୋକନାଥ ମିଶ୍ର ଓ ପ୍ରଦୀପ ରଥ, ନୟାଗଡ଼ ଜିଲା ଡିଜିଟାଲ ମିଡିଆ ସଂଘର ସଭାପତି ଅନୱର ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟ ପଞ୍ଚାନନ ସାହୁ ବ୍ୟଙ୍ଗ କବିତା ଆବୃତ୍ତି କରିଥିବାବେଳେ ଖବରଦାତା ଉତ୍ପଳ ସାହୁ ଧନ୍ୟବାଦ ଦେଇଥିଲେ। ସାମ୍ବାଦିକ ସଂଘର ସ୍ଥାୟୀ କାର୍ଯ୍ୟାଳୟ ପାଇଁ ବିଧାୟକ ୧୦ଲକ୍ଷ ଟଙ୍କା ଦେବାର ପ୍ରତିଶ୍ରୁତି ଦେବା ସହ ଶୀଘ୍ର ଜମି ଚିହ୍ନଟ କରିବା ପାଇଁ କହିଥିଲେ।

# ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି

**ପାରଳାଖେମୁଣ୍ଡି,୨୪।୪(ଡି.ଏନ୍.ଏ.)**

ପ୍ରଚଣ୍ଡ ରୌଦ୍ରତାପରେ ଜଳୁଛି ଗଜପତି। ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ସାଧାରଣ ଜନଜୀବନ। ଗ୍ରୀଷ୍ମ ପ୍ରବାହ ଯୋଗୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ। ଗଜପତି ଜିଲା ଏମିତି ଏକ ଭୌଗୋଳିକ ସ୍ଥିତିରେ ଅବସ୍ଥିତ, ଯଦ୍ୱାରା ସମସ୍ତ ଋତୁର ପ୍ରଭାବ ଏଠି ସମାନ ଭାବରେ ପଡେ। ତେଣୁ ଏଠି ପ୍ରତ୍ୟେକ ବର୍ଷ ମୁଣ୍ଡଫଟା ଖରା ଅନୁଭୂତ ହୁଏ।

ଗତ ଏକ ସପ୍ତାହ ହେଲା ପାରଳାଖେମୁଣ୍ଡି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଖରା ତାତିରୁ ରକ୍ଷା ପାଇବା ପାଇଁ କିଏ ମୁଣ୍ଡରେ ଟୋପି, ଗାମୁଛା ପିନ୍ଧୁଛି ତ ଆଉ କିଏ କଳା ଚଷମା ବ୍ୟବହାର କରୁଛି। କିଏ ଆଖୁ ରସ, ତରଭୁଜ ଓ ଲସି ପିଇ ଖରାର ସାମ୍ନା କରୁଛନ୍ତି। ଗରମ ଯୋଗୁ ଏଠାରେ ଥଣ୍ଡା ପାନୀୟର ବ୍ୟବହାର ବୃଦ୍ଧି ପାଇଛି। ଥଣ୍ଡା ଦୋକାନରେ ଲୋକଙ୍କ ଭିଡ଼ ଜମୁଛି। ଅତ୍ୟଧିକ ଗରମ ଲୋକଙ୍କୁ କଲବଲ କରୁଥିବା ବେଳେ ଅଘୋଷିତ ବିଜୁଳି କାଟ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏଭଳି ମୁଣ୍ଡଫଟା ଗରମରେ ଜିଲା ପ୍ରଶାସନ ତଥା ପୋଲିସ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ଜଳଛତ୍ର ଯାତ୍ରୀଙ୍କ ତଣ୍ଟି ଓଦା କରୁଛି ବୋଲି କହିଛନ୍ତି ସାଧାରଣ ଲୋକ । ଦିନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଜିଲାରେ ଅଧିକାଂଶ ଦୋକାନ ବଜାର ବନ୍ଦ ରହୁଥିବା ବେଳେ ରାସ୍ତାଘାଟ ଶୂନ୍‌ଶାନ ରହୁଛି। ତେବେ ଅଂଶୁଘାତର ମୁକାବିଲା ପାଇଁ ଜିଲା ପ୍ରଶାସନ ସଜାଗ ରହିଥିବା ବେଳେ ଜିଲା ଚିକିତ୍ସାଳୟରେ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପି କେ ପାତ୍ର କହିଛନ୍ତି।

# ବୁଗୁଡ଼ା ଅଞ୍ଚଳରେ ବୃଦ୍ଧିଛି ଚୋରା ମଦ କାରବାର

**ବୁଗୁଡ଼ା,୨୪।୪(ଡି.ଏନ.ଏ.)**




ବୁଗୁଡ଼ାଠାରେ ଥିବା ଅବକାରୀ ଥାନା।

ବୁଗୁଡ଼ା ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଚୋରା ମଦ କାରାବାର ବୃଦ୍ଧି ପାଉଛି। ବୁଗୁଡା ଅବକାରୀ ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ମଧ୍ୟ ଏହି ଚୋରା କାରାବାର ବହୁଳ ଭାବରେ ଚାଲୁଛି। ଏପରିକି ବିଭାଗ ପକ୍ଷରୁ ଅନୁମତି ମିଳିଥିବା କିଛି ହାତଗଣତି ଖୁଚୁରା ବିକ୍ରୟ କେନ୍ଦ୍ର ବ୍ୟତୀତ ପାନ ଦୋକାନରୁ ଆରମ୍ଭ କରି ଫାଷ୍ଟଫୁଡ୍ ସେଣ୍ଟର ଏପରିକି କେତେକ ଘରେ ମଧ୍ୟ ବେଆଇନ ଭାବେ ଲୁଚାଛପାରେ ଏହି ଚୋରା ମଦ କାରବାର ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଅବକାରୀ ବିଭାଗ ଏବଂ ମଦ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଲକ୍ଷ ଲକ୍ଷ ଟଙ୍କାର ଚୋରା ମଦ ବ୍ୟାପାର ବୁଗୁଡ଼ା ସହର ସମେତ ନିକଟବର୍ତ୍ତୀ ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ଚାଲୁ ରହିଛି। ଅନୁମତି ମିଳିନଥିବା ଖୁଚୁରା ବେପାରୀ ଅବକାରୀ ବିଭାଗର କିଛି ଅଧିକାରୀ ଓ ଦଲାଲଙ୍କୁ ହାତକରି ଏପରି ଅବାଧ ଭାବେ ଚୋରା ମଦ କାରବାର କରୁଛନ୍ତି। ମଦୁଆମାନେ ଅନ୍ଧାରିଆ ସ୍ଥାନ କିମ୍ବା ଦୋକାନ କଡରେ ବସି ଖୋଲାଖୋଲି ଭାବେ ମଦ ପିଉଛନ୍ତି। ଯାହାଦ୍ୱାରା ସେହି ରାସ୍ତା ଦେଇ ଯାଉଥିବା ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଥିସହ ନିଶା ସେବନ କରି ଯୁବପିଢି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗର ଅଧିକାରୀମାନେ କେତେବେଳେ କେମିତି ଛୋଟ କାଟିଆ ନିଶା ବେପାରୀଙ୍କୁ ଧରୁଥିଲେ ହେଁ ବଡ ବଡ ବେପାରୀମାନଙ୍କୁ ଧରିବାକୁ ସାହାସ କରି ପାରୁନାହାନ୍ତି। ସେହିପରି ବୁଗୁଡ଼ା ସହରର କେତେକ ସ୍ଥାନରେ ଥିବା ମଦ ଦୋକାନ ସରକାରଙ୍କ ଧାର୍ଯ୍ୟ ସମୟଠାରୁ ଅଧିକ ସମୟ ଖୋଲା ରହୁଥିବା ଅଭିଯୋଗ ହେଉଛି। ତେବେ କାହିଁକି ଅବକାରୀ ବିଭାଗର କର୍ମଚାରୀମାନେ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବହୁ ସମୟରେ ସ୍ଥାନୀୟ ଅଞ୍ଚଳର ଅବକାରୀ ବିଭାଗୀୟ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି।

# ଭାଷଣବାଜିରେ ଅଟକିଛି ବିକାଶ

**ନୟାଗଡ଼ ଅଫିସ,୨୪।୪**

ନୟାଗଡ଼ ସହରର ସୌନ୍ଦର୍ଯ୍ୟକରଣ ଓ ବିପର୍ଯ୍ୟସ୍ତ ଟ୍ରାଫିକ୍‌ର ସୁଧାରିବା ପ୍ରସ୍ତାବ ବାଟବଣା ହୋଇଯାଇଛି। ଜିଲା ଗଠନର ୨୯ ବର୍ଷ ପୂରିଥିଲେ ମଧ ଜିଲା ସଦର ମହକୁମାର ରୂପରେଖ ବଦଳିପାରୁନି। ପୁରୀରୁ ନୟାଗଡ଼ ଜିଲା ପୃଥକ୍ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିଛି। ହେଲେ ବିକାଶ ଅଧୁରା ହୋଇ ରହିଛି। ଏଣୁ ଜିଲା ସଦର ମହକୁମା ଉପେକ୍ଷିତ ଓ ଅଣଦେଖା ହୋଇ ରହିଛି। କେଉଁଠି ନା କେଉଁଠି ତ୍ରୁଟି ସହରର ବିକାଶରେ ଅନ୍ତରାୟ ସୃଷ୍ଟି କରି ଭାଷଣବାଜିରେ ଝୁଲି ରହିଛି।

ନୟାଗଡ଼ ଜିଲା ସଦର ମହକୁମା ହେଲେ ବି ପ୍ଲାନ ମୁତାବକ ସହର ଗଠନ ହୋଇ ନାହିଁ। ଏଠାରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ରହିଛି। ଦୋକାନୀ ଓ ଉଠା ଦୋକାନୀମାନେ ଡ୍ରେନ ଓ ରାସ୍ତାକୁ ମାଡି ସେମାନଙ୍କର ବ୍ୟବସାୟ କରୁଛନ୍ତି। ଏଣୁ ସବୁବେଳେ ରାସ୍ତା ଜାମ୍ ହୋଇ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହେଉଛି। ସେହିଭଳି ରାସ୍ତା ଉପରେ ବାଇକ୍ ଆଦି ଯାନବାହନ ରଖିବା ଦ୍ୱାରା ଅନୁରୂପ ଭାବେ ଜାମ୍ କରି ଟ୍ରାଫିକ୍ ସେବାକୁ ବିପର୍ଯ୍ୟସ୍ତ କରୁଛି। ଗୋରୁ ଓ କୁକୁର ସହରର ବିଭିନ୍ନ ସ୍ଥାନରେ ଘୂରି ବୁଲି ଟ୍ରାଫିକ ସେବା ବିଗାଡୁଛନ୍ତି। ଏଭଳିସ୍ଥଳେ ସହରକୁ ସୌନ୍ଦର୍ଯ୍ୟକରଣ କରିବା ଓ ଟ୍ରାଫିକ ସମସ୍ୟା ଏଡ଼ାଇବାକୁ ୨୦୨୦ ନଭେମ୍ବର ୧୮ରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ତତ୍କାଳୀନ ଏସ୍‌ପି ପ୍ରତ୍ୟୁଷ ଦିବାକର ନୟାଗଡ଼ ସହର ପରିକ୍ରମା କରି ରୂପରେଖକୁ ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ରାସ୍ତାକଡରେ ବାଇକ୍ ରହଣି ପାଇ ପାର୍କିଂ ବ୍ୟବସ୍ଥା କରାଯିବାକୁ କହିଥିଲେ। ସହରର ଟ୍ରାଫିକ ଛକ ନିକଟସ୍ଥ ଓଡ଼ଗାଁ ରାସ୍ତାର ପ୍ରାରମ୍ଭରୁ ଛକର ଗୁରୁ କ୍ଲଥ ଷ୍ଟୋର ପର୍ଯ୍ୟନ୍ତ ଡ୍ରେନର ଉଭୟପାର୍ଶ୍ୱରେ ଜିଆଇର ବ୍ୟାରିକେଡ୍ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସଫଳତା ମିଳିଲେ ସହରର ଅନ୍ୟତ୍ର ଡ୍ରେନର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ନିର୍ମାଣ ହେବାକୁ ଅନୁରୂପ ପରାମର୍ଶ ଦେଇଥିଲେ। କିଛିଦିନ ପରେ ବ୍ୟାରିକେଡ୍ ନିର୍ମାଣ ହୋଇ ସାରିବା ପରେ ବ୍ୟବସାୟୀମାନେ ଡ୍ରେନକୁ ନିଜ କବ୍‌ଜାକୁ ନେଇ ସାରିଛନ୍ତି। ଉଠାଦୋକାନୀମାନେ ବ୍ୟାରିକେଡ୍ ବାହାରେ ପିଚୁ ରାସ୍ତା ଉପରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ନୟାଗଡ଼ ମ୍ୟୁନିସିପାଲିଟି ଓ ପୋଲିସ ପକ୍ଷରୁ ଉଠାଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ତେବେ ରାସ୍ତା ଉପରେ ବାଇକ୍ ରଖିବା ନେଇ ପୋଲିସ କଡ଼ା ପଦକ୍ଷେପ ନେଇ ଫାଇନ ଆଦାୟ କରିଥିଲା। କିଛିଦିନ ପରେ ଏହା ପୁଣି ଶୀତଳଭଣ୍ଡାରରେ ରହିଯାଇଛି। ଅନ୍ୟପକ୍ଷେ ପୁରୁଣା ବସ୍‌ଷ୍ଟାଣ୍ଡ ସମେତ ଦଶପଲ୍ଲା, ଖଣ୍ଡପଡ଼ା ଓ ନୟାଗଡ଼ ରାସ୍ତାରେ ବସ ବହୁ ସମୟ ରହି ଟ୍ରାଫିକ୍ ଜାମ୍ କରୁଥିଲେ ମଧ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏ ନେଇ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ଗାଁ ପରିମଳ ଧୋବା ତୁଠରୁ। ଜିଲା ସଦର ମହକୁମାର ଚିତ୍ର ବଦଳୁନି। ଗାଁର ଚିତ୍ର କ'ଣ ବଦଳିବ। ଜିଲାର ବିକାଶ ପାଇଁ ଡିଣ୍ଡିମ ପିଟାଯାଉଛି। ହେଲେ ଜିଲା ସଦର ମହକୁମା କାହିଁକି ଅଣଦେଖା ହୋଇପଡିଛି କାହା ପାଖରେ ଉତ୍ତର ନାହିଁ। ସାମାଜିକ କର୍ମୀ ଚନ୍ଦ୍ର ବିଜୟୀ ମିଶ୍ର କୁହନ୍ତି, ଜିଲା ସଦର ମହକୁମାର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦେବା ଉଚିତ। ଜିଲା ସଦର ମହକୁମା ନୟାଗଡ଼ ମ୍ୟୁନିସିପାଲିଟିର ମାନ୍ୟତା ପାଇ ଅଣଦେଖା ହୋଇ ରହିବା ଠିକ୍ ନୁହେଁ। ଭାଜପା ଯୁବ ନେତା ସନ୍ତୋଷ ପ୍ରଧାନ କୁହନ୍ତି, ଜିଲା ସଦର ମହକୁମାର ବିକାଶକୁ ଅଣଦେଖା କରାଯାଉଛି। ଏହାଦ୍ୱାରା ସହରର ସୌନ୍ଦର୍ଯ୍ୟ ବାଟବଣା ହୋଇଯାଉଛି। ସିପିଆଇ(ଏମ୍) ନେତା ବିଶ୍ୱନାଥ ମହାପାତ୍ର କୁହନ୍ତି, ଟାଉନର ପ୍ଲାନିଂ ନାହିଁ। ଟ୍ରାଫିକ ଛକ ଦଶପଲ୍ଲା, ଖଣ୍ଡପଡା, ଓଡ଼ଗାଁ, ଭୁବନେଶ୍ୱର ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇ ପାରୁନାହିଁ। ଡିଏଫ୍‌ଓ ଅଫିସକୁ ସ୍ଥାନାନ୍ତର କରାଇ ଟ୍ରାଫିକ ଛକର ସୌନ୍ଦର୍ଯ୍ୟକରଣ କରିବାର ଆବଶ୍ୟକତା ରହିଛି।

- ସୌନ୍ଦର୍ଯ୍ୟକରଣ ବାଟବଣା
- ବିପର୍ଯ୍ୟସ୍ତ ଟ୍ରାଫିକ୍ ଚିନ୍ତାର କାରଣ
- ବଦଳୁନି ନୟାଗଡ଼ ଜିଲା ସଦର ମହକୁମାର ରୂପରେଖ


ଓଡ଼ଗାଁ ରାସ୍ତାର ଡ୍ରେନ୍ ବାହାର ବାରିକେଟ୍ ଉପରେ ଅସ୍ଥାୟୀ ଦୋକାନୀମାନେ ବସିଛନ୍ତି।



ନୟାଗଡ଼ ସହର ଦେଇ ଯାଇଥିବା ୫୭ ନଂ. ଜାତୀୟ ରାଜପଥରେ ଗୋରୁଙ୍କ ଯୋଗୁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ନିଆଁ



**ନୟାଗଡ଼ ଅଫିସ,୨୪।୪:** ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟସ୍ଥ ବାରମାସୀ ଦଣ୍ଡା ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ରବିବାର ସନ୍ଧ୍ୟାରେ ହୁ ହୁ ହୋଇ ନିଆଁ ଜଳି ଉଠିଥିଲା। ନିଆଁ ସଂସ୍ପର୍ଶରେ ଆସି ବିଦ୍ୟୁତ୍ ତାର ଜଳୁଥିଲା। ନିଆଁ ଲାଗିବାର କାରଣ ବିଦ୍ୟୁତ୍ ଶର୍ଟସର୍କିଟ ବୋଲି କୁହାଯାଉଛି। ନିକଟରେ ଥିବା ଲୋକ ପାଣି ଓ ବାଲି ପକାଇ ନିଆଁକୁ ଆୟତ କରିଥିଲେ।

### ମାଛ ଭାଗବଣ୍ଟାକୁ ନେଇ ଯୁବକ ଲହୁ ଲୁହାଣ, ଜଣେ ଅଟକ

**ଓଡ଼ଗାଁ,୨୪।୪(ସ୍ୱ.ପ୍ର.):** ଗାଁରେ ମାଛ ଭାଗ ବଣ୍ଟାକୁ ନେଇ ଜଣେ ଯୁବକଙ୍କୁ ଲହୁ ଲୁହାଣ ହୋଇଛନ୍ତି। ଓଡ଼ଗାଁ ଥାନା ଗୋଡିପାଟଣା ଗାଁ କମିଟିରେ ସହ ସମ୍ପାଦକ ଥିବା ଯୁବକ ସଂଗ୍ରାମ ବାରିକ(୧୯) ଏଥିରେ ଆହାତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ରବିବାର ମଧାହ୍ନରେ ଗୋଡିପଡ଼ିଆ ଗାଁରେ ଦୁଇଟି ପୋଖରୀରେ ମାଛ ଧରିବା ପରେ ଏହାକୁ ଗାଁ କମିଟି ଜରିଆରେ ପରିବାରଙ୍କ ମଧରେ ବଣ୍ଟାବାଣ୍ଟି କରିଥିଲେ। ଏଥିରେ ସଂଗ୍ରାମ ସହଯୋଗ କରିଥିଲେ। ଏ ନେଇ ଗାଁର ମନୋଜ ଜେନା(୨୫) ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ସଂଗ୍ରାମ ମାଛ ଭାଗ ବଣ୍ଟା ସାରି ପୂର୍ବାହ୍ନ ୧୧ଟାରେ ଗାଁ ଠାକୁରାଣୀଙ୍କ ମନ୍ଦିର ନିକଟରେ ବସିଥିଲେ। ମନୋଜ ସେଠାରେ ପହଞ୍ଚି ସଂଗ୍ରାମଙ୍କୁ ଖରପ ଭାଷାରେ ଗାଳି ଗୁଲଜ କରିଥିଲେ। ମନୋଜ ହଠାତ୍ ଉତ୍ୟକ୍ତ ହୋଇ ପାଖରେ ପଡିଥିବା ଏକ ଟାଇଲ ଖଣ୍ଡ ଉଠାଇ ସଂଗ୍ରାମଙ୍କ ମୁଣ୍ଡକୁ ବାରମ୍ବାର ପିଟିଥିଲେ। ଘଟଣାସ୍ଥଳରେ କେତେଜଣ ଗ୍ରାମବାସୀ ପହଞ୍ଚିବାରୁ ମନୋଜ ସଂଗ୍ରାମଙ୍କୁ ଛାଡି ଚାଲି ଯାଇଥିଲେ। ଗଲାବେଳେ ପୋଲିସରେ ଅଭିଯୋଗ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ସଂଗ୍ରାମ ଗ୍ରାମବାସୀ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏ ନେଇ ସଂଗ୍ରାମ ଓଡ଼ଗାଁ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଙ୍କାୟତ କହିଛନ୍ତି ଆଘାତ ଗଭୀର ନୁହେଁ। କିନ୍ତୁ ପୋଲିସ ଅଭିଯୁକ୍ତ ମନୋଜଙ୍କୁ ଅଟକ ରଖି ତଦନ୍ତ କରୁଥିବା ସେ କହିଛନ୍ତି।

### ୯ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ବୁଗୁଡା,୨୪।୪(ଡି.ଏନ.ଏ.):** ବୁଗୁଡା ଅବକାରୀ ଥାନା ପକ୍ଷରୁ ବେଲଗୁଣ୍ଠା ବସଷ୍ଟାଣ୍ଡ ନିକଟରେ ଜଣେ ଯୁବକଙ୍କଠାରୁ ୯ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ କନ୍ଧମାଳ ଜିଲା ସାରଙ୍ଗଗଡ ଥାନା ଲୋକେବାଡି ଗାଁର ସୁନିଲ୍ ଦିଗାଲି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ନଂ .୨/୨୨-୨୩ ରେ ମାମଲା ରୁଜୁ ହୋଇଛି। ସୁନିଲ୍ ବସ୍ତାରେ ଗଞ୍ଜେଇ ଧରି ବେଲଗୁଣ୍ଠା ବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିଲେ। ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭୋତ୍ରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡା ଅବକାରୀ ଥାନାଧିକାରୀ ବ୍ରହ୍ମାନନ୍ଦ ଭୋଇଙ୍କ ନେତୃତ୍ୱରେ କର୍ମଚାରୀମାନେ ଗଞ୍ଜେଇ ଜବତ କରିଥିଲେ।

## ଘର ତାଲା ଭାଙ୍ଗି ସୁନା, ଟଙ୍କା ଲୁଟ୍

**ଖଣ୍ଡପଡ଼ା,୨୪।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ କିଆଝର ପଞ୍ଚାୟତ ଗୋଛାବାରୀ ଗାଁର ବ୍ୟାଙ୍କ କର୍ମଚାରୀ ନବକିଶୋର ବେହେରାଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଆଲମିରାରେ ଥିବା ସୁନା ଗହଣା, ୩୫ ଭରି ରୁପା ସମେତ ନଗଦ ୧ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଆଇଆଇସି ବିଶ୍ୱଜିତ ରାଉତରାୟଙ୍କଠାରୁ ପ୍ରକାଶ। ପୋଲିସ ସୂତ୍ରରୁ ପ୍ରକାଶ, ନବକିଶୋରଙ୍କ ସ୍ତ୍ରୀ ଓ ପୁଅ ଭୁବନେଶ୍ୱର ଯାଇଥିବାବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସ୍ପଷ୍ଟ ଦିବାଲୋକରେ ଘରର ତାଲା ଭାଙ୍ଗି ପ୍ରବେଶ କରିବା ପରେ ଆଲମିରା ଭାଙ୍ଗି ଲୁଟପାଟ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ୨ରୁ ୩ଜଣ ଯୁବକଙ୍କୁ ଖଣ୍ଡପଡ଼ା ଥାନାକୁ ଡାକି ଘଟଣାର ତଦନ୍ତ ଚଳାଇଛି । ଚୋରି ସାମଗ୍ରୀର ଅନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଘଟଣାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ଉପେନ୍ଦ୍ର ଦିଗଲଙ୍କ ଉପରେ ନ୍ୟସ୍ତ କରାଯାଇଛି।


ଚୋରି ପାଇଁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଆଲମିରା।

## ଚତୁର୍ଥ ପର୍ଯ୍ୟାୟ ରଥ କାଠ ପୁରୀ ଗଲା

**ଦଶପଲ୍ଲା,୨୪।୪ (ଡି.ଏନ.ଏ.)**

ଦଶପଲ୍ଲା ବନାଞ୍ଚଳରୁ ରବିବାର ପୁରୀର ପ୍ରସିଦ୍ଧ ରଥ ଯାତ୍ରାରେ ରଥ ନିର୍ମାଣ ନିମନ୍ତେ ୪ର୍ଥ ପର୍ଯ୍ୟାୟରେ କାଠ ପୁରୀ ଯାଇଛି। ପ୍ରାୟ ୫୦ ଖଣ୍ଡ ରଥ କାଠ ମଧ୍ୟରେ ୪୦ ଫୁଟିଆ ଅସନ ୮ ଖଣ୍ଡ, ଧଉରା ୧୦ ଖଣ୍ଡ, ୧୨ ଫୁଟିଆ ଏବଂ ୨୦ ଫୁଟିଆ ଅସନ ୬ ଖଣ୍ଡ ଏବଂ ଧଉରା ୨୬ ଖଣ୍ଡ କାଠ।

ଏହି କାଠଗୁଡିକ ଚଡେୟାପଲ୍ଲୀ ସେକ୍‌ସନର ନୂଆଗାଁ ସଂରକ୍ଷିତ ଜଙ୍ଗଲରୁ ଫରେଷ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ସଂଗ୍ରହ କରାଯାଇଥିଲା। କାଠଗୁଡିକ ୨ଟି ଟ୍ରକ୍‌ରେ ପୁରୀ ପଠାଯାଇଥିବା ଦଶପଲ୍ଲା ରେଞ୍ଜର ନିଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି।


ଟ୍ରକ୍ ଯୋଗେ ରଥ କାଠକୁ ପୁରୀ ନିଆଯାଉଛି।

## ପୂର୍ବ ଶତ୍ରୁତାକୁ ନେଇ ମରଣାନ୍ତକ ଆକ୍ରମଣ

**୬ ଜଣଙ୍କ ନାମରେ ମାମଲା**

**ଖଣ୍ଡପଡ଼ା,୨୪।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ତହସିଲ ଅଧୀନ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକ ନିକଟସ୍ଥ ବ୍ୟକ୍ତିଗତ ଜାଗାରେ ଗୃହ ନିର୍ମାଣ ଲାଗି ନିଅଁ ଖୋଳାଯାଉଥିବା ବେଳେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଯୁବକ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଲକ୍ଷ୍ମୀପ୍ରସାଦ ମିଶ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏ ସମ୍ପର୍କରେ ମିଶ୍ର ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ସ୍ଥାନୀୟ ୬ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଆକ୍ରମଣକାରୀ ସଂଘବଦ୍ଧ ଭାବେ ଠେଙ୍ଗା ଓ ମାରଣାସ୍ତ୍ର ଧରି ହଠାତ୍ ଆକ୍ରମଣ କରିବାରେ ମିଶ୍ରଙ୍କ ମୁଣ୍ଡ, ଦେହ ଓ ପିଠିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏବେ ସେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

## ଗ୍ରାମସଭାରେ ଅଲୋଡ଼ା ହେଲେ ସମିତିସଭ୍ୟ

**ନୂଆଗାଁ, ୨୪।୪ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ପଞ୍ଚାୟତର ଗ୍ରାମସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ହେଲେ ଗ୍ରାମସଭାକୁ ସମିତିସଭ୍ୟଙ୍କୁ ଡକା ନ ଯିବାରୁ ସେ ଅଲୋଡା ହୋଇ ଯାଇଥିବା ଅଭିଯୋଗ ହୋଇଛି।

ସୁସ୍ଥ ପଞ୍ଚାୟତ ଗଠନ ପାଇଁ ବିଭିନ୍ନ ପଦକ୍ଷେପ ନେବା, ସବୁଜ ଗ୍ରାମ ଗଠନ କରିବା, ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ଯୋଗାଇ ଦେବା ଆଦି ବିଷୟ ସହ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା ଓ ସମାଧାନର ଉପାୟ ବିଷୟରେ ପଞ୍ଚାୟତରେ ଗ୍ରାମସଭା ଆୟୋଜନ କରିବା ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ସେହିଅନୁସାରେ ବାହାଡ଼ାଖୋଲା ପଞ୍ଚାୟତ ସମେତ ବ୍ଲକର ୨୨ଟି ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ସଭାରେ ୱାର୍ଡ ସଭ୍ୟଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ସ୍ତରର ସମସ୍ତ ଲୋକ ପ୍ରତିନିଧିଙ୍କୁ ବୈଠକକୁ ଡାକିବାର ନିୟମ ରହିଛି। ହେଲେ ବାହାଡାଖୋଲା ପଞ୍ଚାୟତରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତର ସମସ୍ତ ଲୋକ ପ୍ରତିନିଧିଙ୍କୁ ଡକାଯାଇଥିବା ବେଳେ ସମିତିସଭ୍ୟା ମିତା ଅଧିକାରୀଙ୍କୁ ଅଣଦେଖା କରି ବୈଠକକୁ ଡକା ଯାଇ ନ ଥିବା ନେଇ ସେ ଅଭିଯୋଗ ଆଣିଛନ୍ତି। ସମିତିସଭ୍ୟା ଅଧିକାରୀଙ୍କ କହିବା ଅନୁସାରେ, ଗ୍ରାମଗୁଡିକର ବିଭିନ୍ନ ସମସ୍ୟା ବିଷୟରେ କାଳେ ବୈଠକରେ ଉତ୍ଥାପନ କରିଦେବି ସେହି ଭୟରେ ପଞ୍ଚାୟତ ଅଧିକାରୀ ମୋତେ ଡାକିଲେ ନାହିଁ। ଏ ନେଇ ବାହାଡାଖୋଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ଜେନାଙ୍କୁ ପଚାରିବାରେ ସମିତିସଭ୍ୟା ମିତାଙ୍କ ଫୋନକୁ ମେସେଜ୍ କରିଥିଲି। କିନ୍ତୁ ସେ ଆସିଲେ ନାହିଁ ବୋଲି କହିଛନ୍ତି। ହେଲେ ସମିତିସଭ୍ୟା ମିତାଙ୍କୁ ପଚାରିବାରେ ତାଙ୍କ ମୋବାଇଲକୁ କୌଣସି ମେସେଜ୍ ଆସିନାହିଁ ବୋଲି ସେ କହିଛନ୍ତି।

## ମାଗଣା ମୋତିଆବିନ୍ଦୁ ପରୀକ୍ଷା, ଅସ୍ତ୍ରୋପଚାର

**ଦଶପଲ୍ଲା, ୨୪।୪(ଡି.ଏନ.ଏ.)**

ଦଶପଲ୍ଲାର ବର୍ଷିୟାନ ନେତା ସ୍ୱର୍ଗତ ଡ. ପଦ୍ମଚରଣ ମିଶ୍ରଙ୍କ ସ୍ମୃତିରେ କରାଯାଉଥିବା ଚକ୍ଷୁ ପରୀକ୍ଷା ଶିବିର ଦଶପଲ୍ଲା ମହାବୀର ମନ୍ଦିର କଲ୍ୟାଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏନାବଲର୍ ଫର ୱେଲବିଙ୍ଗ ଫାଉଣ୍ଡେସନ୍ କଟକ ଆନୁକୂଲ୍ୟରେ ଏବଂ ଜେପିଏମ୍ ରୋଟାରୀ ଆଇ ହସ୍ପିଟାଲ ସହଯୋଗରେ ଏହି ପରୀକ୍ଷା କରାଯାଇଥିଲା। ମୋଟ ୧୪୭ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇ ତନ୍ମଧ୍ୟରୁ ୪୫ ଜଣଙ୍କର ମୋତିଆବିନ୍ଦୁ ଅପରେଶନ କରାଯିବାକୁ ବଛା ଯାଇଥିଲା। ଅନ୍ୟମାନଙ୍କୁ ଔଷଧ ଦିଆଯାଇ ଚିକିତ୍ସା କରାଯାଇଥିଲା। ଅପରେଶନ୍ ହେବାକୁ ଥିବା ରୋଗୀମାନଙ୍କୁ ସଂସ୍ଥା ପକ୍ଷରୁ ମାଗଣାରେ କଟକ ନେଇ ସେଠାରେ ୩ଦିନ ରଖି ପରେ ଆଣି ଛାଡି ଦିଆଯିବାକୁ ସ୍ଥିର କରାଯାଇଛି। ସ୍ୱର୍ଗତ ମିଶ୍ରଙ୍କ ପୁଅ ଦିଲୀପ କୁମାର ମିଶ୍ର ସଂସ୍ଥାର ମୁଖ୍ୟ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିବିରରେ ଡାକ୍ତର ରୋଗୀଙ୍କ ଚକ୍ଷୁ ପରୀକ୍ଷା କରୁଛନ୍ତି।

## ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା କାମରେ ରହୁନି ଲଗାମ

**ନୂଆଗାଁ, ୨୪।୪ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏ ମ୍ ଜି ଏ ନ୍ ଆ । ର ଇ ଜି ଏ ସ୍ ) ରେ ହେଉଥିବା କାର୍ଯ୍ୟରେ କୌଣସି ଲଗାମ ରହୁ ନ ଥିବା ଅଭିଯୋଗ ହେଉଛି। ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦେବା ସହ ଲୋକଙ୍କ ହିତ ପାଇଁ କାର୍ଯ୍ୟ କରିବାକୁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। କିନ୍ତୁ ଅନେକ ସ୍ଥାନରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ଶ୍ରମିକମାନେ ତାହାର ସୁଫଳ ପାଇ ପାରୁନାହାନ୍ତି। ଫଳରେ ହିତାଧିକାରୀ ମଧ ବିପଥଗାମୀ ହେଉଥିବା ଦେଖିବାକୁ ମିଳୁଛି।

ଏ ମ୍ ଜି ଏ ନ୍ ଆ । ର ଇ ଜି ଏ ସ୍ ନିୟମାନୁସାରେ ସରକାରଙ୍କ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ହିତାଧିକାରୀ ପ୍ରଥମେ ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ସହ ଆଲୋଚନା କରି ଆବଶ୍ୟକ କାଗଜପତ୍ର ଦେଇ ଆବେଦନ କରିବେ। ଆବେଦନ ଗ୍ରହଣ ହୋଇ କାର୍ଯ୍ୟଟି ମଞ୍ଜୁର ହେବା ପରେ ସମ୍ପୃକ୍ତ ବିଭାଗୀୟ କର୍ମଚାରୀ ଉକ୍ତ ସ୍ଥାନକୁ ଯାଇ ତଦାରଖ କରିବା ପରେ ସୂଚନା ଫଳକ ଲଗାଇ କାମ ଆରମ୍ଭ କରିବା କଥା। ଉକ୍ତ କାର୍ଯ୍ୟକୁ କେଉଁ କେଉଁ ଶ୍ରମିକ କରିବେ, ସେମାନଙ୍କ ଜବ୍‌କାର୍ଡ ପୂରଣ କରିବେ, କେଉଁ ଶ୍ରମିକ କେଉଁ ଦିନ କାର୍ଯ୍ୟ କଲେ ସେମାନଙ୍କର ଫଟୋ ଉଠାଇ ପ୍ରତି ସପ୍ତାହରେ ଜମାଖାତାକୁ ଟଙ୍କା ପଠାଇବାର ବ୍ୟବସ୍ଥା ରହିଛି। ହେଲେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗରେ ଏମ୍‌ଜିଏନ୍‌ଆରଇଜିଏସ୍ ଆଇନକାନୁନକୁ ଉଲ୍ଲଂଘନ କରି ନିଜ ଇଚ୍ଛାରେ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଶ୍ରମିକମାନଙ୍କ ବଦଳରେ ମେଶିନ ମାଧ୍ୟମରେ କାମ କରାଯାଉଛି। ହିତାଧିକାରୀ ଆବେଦନ କରିଥିବା ସ୍ଥାନରେ କାମ କରା ନ ଯାଇ ଅନେକ ସ୍ଥାନରେ ସରକାରୀ ଜାଗାରେ କ୍ଷେତ ପୋଖରୀ ଖୋଳା ଯାଇଥିବା ଅଭିଯୋଗ ହେଉଛି। କାର୍ଯ୍ୟାରମ୍ଭରୁ ସୂଚନା ଫଳକ ଲଗାଯିବା ବଦଳରେ କାର୍ଯ୍ୟ ସରିବା ପରେ ତାହା ଲାଗୁଛି। ଏପରିକି ମେଶିନ ମାଧ୍ୟମରେ ପୋଖରୀ ଖୋଳି ସାରିବାର ଦୀର୍ଘଦିନ ପରେ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରାଇ ସେମାନଙ୍କ ଜମାଖାତାକୁ ଟଙ୍କା ଛାଡି ଦଲାଲମାନଙ୍କ ଦ୍ୱାରା ଆଦାୟ କରାଯାଉଛି। ନୂଆଗାଁ ବ୍ଲକର ଉଦୟପୁର, ଜାକେଡା, ମାଇଛେଳି, କାସ୍ତାପଲି, ଗୁମୀ ସିକ୍ରିଡା ଆଦି ପଞ୍ଚାୟତଗୁଡିକର ଅନେକ ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବହୁ ଅନିୟମିତତା ହୋଇଥିବା ଅଭିଯୋଗ ହେଉଥିଲେ ମଧ ସେଥିରେ ସୁଧାର ଆସୁନାହିଁ।

### ଏମ୍‌ଜିଏନ୍‌ଆରଇଜିଏସ୍ ନାଁରେ ଜାତିର ପିତାଙ୍କୁ ତାଚ୍ଛଲ୍ୟ

### ସୂଚନା ଫଳକରେ ଜାତିର ପିତାଙ୍କୁ ଅସମ୍ମାନ

କାର୍ଯ୍ୟର ସବିଶେଷ ବିବରଣୀ ଲେଖାଯାଉଥିବା ସୂଚନାଫଳକରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅସମ୍ମାନ କରାଯାଉଥିବା ଦେଖିବାକୁ ମିଳୁଛି। ସୂଚନାଫଳକ ନିର୍ମାଣର ନିୟମାନୁସାରେ କାର୍ଯ୍ୟାରମ୍ଭ ପୂର୍ବରୁ ନିର୍ଦ୍ଦିଷ୍ଟ ମାପରେ ଏହା କରାଯିବା ପରେ ଗୋଟିଏ ପଟେ ବିଭିନ୍ନ ରଙ୍ଗରେ ଓଡ଼ିଶା ସରକାର ଲୋଗୋ ଓ ଅନ୍ୟପଟେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଛବି ଆଙ୍କିବାର ନିୟମ ରହିଛି। କିନ୍ତୁ ଜଳ ବିଭାଜିକା କାର୍ଯ୍ୟରେ ଅତି ନିମ୍ନମାନର ସୂଚନାଫଳକ ନିର୍ମାଣ କରାଯିବା ସହ ମହାତ୍ମା ଗାନ୍ଧୀଙ୍କର ଛବିକୁ କାର୍ଟୁନ କରି ଆଙ୍କି ଦିଆଯାଉଛି, ଯାହାକି ମହାତ୍ମା ଗାନ୍ଧୀଙ୍କୁ ଅପମାନିତ କରାଯାଉଛି। ଏ ସଂକ୍ରାନ୍ତରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀଙ୍କୁ ପଚାରିବାରେ ଏଠାରେ କାର୍ଯ୍ୟରେ ଯୋଗଦେବା ପରେ ଏସବୁରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବାକୁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଯଦି ସେମାନେ ଏଥିରେ ବ୍ୟତିକ୍ରମ କରନ୍ତି, ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ସୂଚନାଫଳକରେ ଜାତିର ପିତାଙ୍କ କାର୍ଟୁନ୍।